- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-251 ◆BHUBANESWAR ◆WEDNESDAY ◆6 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୧ ◆ଭୁବନେଶ୍ୱର ◆ବୁଧବାର ◆୬ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ବାହାହେବେ ତାପସୀ

▸ପୃଷ୍ଠା ୧୫ ଦେଖନ୍ତୁ...




## ସନ୍ଦେଶଖାଲି ହିଂସା ମାମଲାରେ ମମତା ସରକାରଙ୍କୁ ଶକ୍ତ ଧକ୍କା

# ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କୋଲକାତା,୫।୩(ଏଜେନ୍ସି)

ସନ୍ଦେଶଖାଲିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ମମତା ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ଏହି ଘଟଣାର ତଦନ୍ତ ପାଇଁ ସିବିଆଇକୁ ମଙ୍ଗଳବାର କୋଲାକାତା ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ସନ୍ଦେଶଖାଲି ଘଟଣାର ମୁଖ୍ୟ ଅଭିଯୁକ୍ତ ଶେଖ ଶାହାଜାହାନକୁ ତୁରନ୍ତ ସିବିଆଇ ହେପାଜତରେ ଛାଡିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏହି ଘଟଣା ସହ ଜଡ଼ିତ ସମସ୍ତ ଦସ୍ତାବିଜ୍ ମଧ୍ୟ ସିବିଆଇକୁ ତୁରନ୍ତ ହସ୍ତାନ୍ତର କରିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ଟିଏସ ଶିବାଗଣନମ୍ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଇଡି ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ସନ୍ଦେଶଖାଲି ଘଟଣାର ତଦନ୍ତ ଦିଗରେ ରାଜ୍ୟ ପୁଲିସର ଆଭିମୁଖ୍ୟ ଆଦୌ ନିରପେକ୍ଷ ନୁହେଁ। ଏହି ଘଟଣାରେ ପୁଲିସ ପକ୍ଷପାତିତା କରୁଛି। ଏପରିକି ମୁଖ୍ୟ ଅଭିଯୁକ୍ତକୁ ମଧ୍ୟ ସୁରକ୍ଷା ମିଳୁଛି। ଶାହାଜାହାନ ଜଣେ ପ୍ରତିପତ୍ତିଶାଳୀ ନେତା ହୋଇଥିବାରୁ ପୁଲିସ ତାଙ୍କ ବିରୋଧରେ ଠିକଣା ଭାବେ ଯାଞ୍ଚ କରିବ, ଏହାକୁ ଆମେ ବିଶ୍ୱାସ କରୁ ନାହୁଁ। ତେଣୁ ଘଟଣାର ନିରପେକ୍ଷ ଯାଞ୍ଚ ପାଇଁ ସିବିଆଇ ତଦନ୍ତ କରିବା ଦରକାର ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହିକ୍ରମରେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲାର ତଦନ୍ତ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଏସଆଇଟିକୁ ମଧ୍ୟ ହାଇକୋର୍ଟ ବରଖାସ୍ତ କରିଛନ୍ତି। ହାଇକୋର୍ଟ ମୋଟ ୩ଟି ମାମଲାର ତଦନ୍ତ ନିର୍ଦ୍ଦେଶ ସିବିଆଇକୁ ନ୍ୟସ୍ତ କରିଥିବା ବେଳେ ଏଥିରେ ନଜାତ ଓ ବନଗାଁବ ଥାନାରେ ରୁଜୁ ଏଫଆଇଆରର ତଦନ୍ତ ସିବିଆଇ କରିବ ବୋଲି କହିଛନ୍ତି।କୋଲକାତା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିସନ ଦାଲର କରାଯାଇଥିଲେ ହେଁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଶାହାଜାହାନକୁ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ଆଣିବା ଲାଗି ସିବିଆଇ ଅଧିକାରୀମାନେ ପହଞ୍ଚିଥିଲା ବେଳେ ସେମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଛି। ସିବିଆଇ ଅଧିକାରୀମାନେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କରିଥିଲେ। ହେଲେ ପୁଲିସ ମୁଖ୍ୟ ଅଭିଯୁକ୍ତ ଶାହାଜାହାନକୁ ସିବିଆଇକୁ ଦେଇ ନାହିଁ।



- ରାଜ୍ୟ ପୁଲିସ ପକ୍ଷପାତିତା କରୁଛି, ଅଭିଯୁକ୍ତକୁ ସୁରକ୍ଷା ଦେଉଛି
- ସିବିଆଇ ହେପାଜତରେ ରହିବ ମୁଖ୍ୟ ଅଭିଯୁକ୍ତ ଶାହାଜାହାନ
- ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପିଟିସନ ଖାରଜ

### ଶାହାଜାହାନର ୧୩ କୋଟିର ସମ୍ପତ୍ତି ଜବତ

ସନ୍ଦେଶଖାଲି ହିଂସା ଘଟଣା ଏବଂ ମହିଳା ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ବାହୁବଳୀ ଟିଏମସି ନେତା ଶେଖ ଶାହାଜାହାନର ପ୍ରାୟ ୧୩ କୋଟି ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଇଡି ମଙ୍ଗଳବାର ଜବତ କରିଛି। ଶାହାଜାହାନ ବିରୋଧରେ ଇଡି ପକ୍ଷରୁ ଅର୍ଥ ହେରଫେର ମାମଲା ରୁଜୁ କରାଯାଇଥିଲା ବେଳେ ପିଏମଏଲଏ ଆଇନ ଅନୁସାରେ ଏହି ସମ୍ପତ୍ତି ଜବତ କରାଯାଇଥିବା କୁହାଯାଇଛି। ଇଡି ଦେଇଥିବା ସୂଚନା ଅନୁଯାୟୀ, ଶାହାଜାହାନର ବହୁ ଘର, ଆପାର୍ଟମେଣ୍ଟ ସମେତ ଚାଷ ଏବଂ ମାଛ ଚାଷ ଜମି ଜବତ କରାଯାଇଛି।

● ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ଧମକ

## ସାଦା ପୋଷାକରେ ବି ରହିବେନି ଭାରତୀୟ ସେନା

ମାଲେ, ୫।୩ (ଏଜେନ୍ସି): ଚୀନ୍ ସହ ପ୍ରତିରକ୍ଷା ଚୁକ୍ତି ହେବାର ଦିନକ ପରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜୁ ଭାରତକୁ ଧମକ ଦେଇଛନ୍ତି। ମଇ ୧୦ ପରେ ଦେଶରେ ସାଦା ପୋଷାକରେ ବି କୌଣସି ଭାରତୀୟ ସୈନିକ ରହିବେ ନାହିଁ ବୋଲି କହିଛନ୍ତି। ଏହା ପୂର୍ବରୁ ଚୀନ୍ ସୋମବାର ମାଳଦ୍ୱୀପ ସହ ପ୍ରତିରକ୍ଷା ସହଯୋଗୀ ବୃଦ୍ଧି କରିବାକୁ ନେଇ ଚୁକ୍ତି ସ୍ୱାକ୍ଷର କରିଥିଲା। ତେବେ ଏହି ଗୋପନୀୟ ଚୁକ୍ତି ବିଷୟରେ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଏହା ଅଧିନରେ ଦ୍ୱିପାକ୍ଷିକ ସମ୍ବନ୍ଧ ବୃଦ୍ଧି ପାଇଁ ଚୀନ୍ ମାଲେକୁ ମାଗଣାରେ ସୈନ୍ୟ ସହାୟତା ପ୍ରଦାନ କରିବ। ମାଳଦ୍ୱୀପ ସରକାର ଦେଶର ଭାରତୀୟ ସୈନିକଙ୍କୁ ବାହାର କରିବା ପାଇଁ ଲାଗିଥିବାବେଳେ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି।

## ଚୀନ୍ ପ୍ରତିରକ୍ଷା ବଜେଟରେ ୭.୨% ବୃଦ୍ଧି

ବେଜିଂ, ୫।୩ (ଏଜେନ୍ସି): ଗତ ୩୦ ବର୍ଷ ହେଲା ଚୀନ୍ ନିଜ ପ୍ରତିରକ୍ଷା ବଜେଟକୁ ବୃଦ୍ଧି କରି ଚାଲିଛି। ଏହି କ୍ରମରେ ୨୦୨୪ ପାଇଁ ବଜେଟକୁ ୭.୨ ବୃଦ୍ଧି କରିଛି। ଏବେ ଏହା ୧୯.୬୫ ଲକ୍ଷ କୋଟିରେ ପହଞ୍ଚି ଯାଇଛି। ଏହା ଭାରତର ପ୍ରତିରକ୍ଷା ବଜେଟ (୬.୨୧ ଲକ୍ଷ କୋଟି) ଠାରୁ ଏହା ୩ ଗୁଣ ଅଧିକ। ମାତ୍ର ଆମେରିକା (୭୩ ଲକ୍ଷ କୋଟି) ଠାରୁ ୫୪ ଲକ୍ଷ କୋଟି କମ୍। ଅର୍ଥବ୍ୟବସ୍ଥା ସବୁଠାରୁ ମାନ୍ଦା ସ୍ଥିତି ଦେଇ ଗତି କରୁଥିବାବେଳେ ଚୀନ୍ ଏହି ପଦକ୍ଷେପ ଗ୍ରହଣ କରିଛି।

### ଇସ୍ତଫା ଦେଲେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅଭିଜିତ୍ ; ବିଜେପିରେ ମିଶିବେ

# ‘କଂଗ୍ରେସ ଜମିଦାରୀ, ଟିଏମସି ଯାତ୍ରା ପାର୍ଟି’

କୋଲକାତା,୫।୩(ଏଜେନ୍ସି)



ପୂର୍ବ ସୂଚନା ମୁତାବକ କୋଲକାତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଟି ଏସ ଶିବାଗନାନମ୍‌ଙ୍କ ନିକଟକୁ ପଠାଇ ଦେଇଛନ୍ତି। ୨୦୧୮ରେ ହାଇକୋର୍ଟ ବିଚାରପତି ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଜଷ୍ଟିସ ଗଙ୍ଗୋପାଧ୍ୟାୟଙ୍କ କାର୍ଯ୍ୟକାଳ ଆହୁରି ୫ ମାସ ବାକିଥିଲା। ହେଲେ ଏହାପୂର୍ବରୁ ସେ ଇସ୍ତଫା ଦେବା ଘଟଣାକୁ ତାଙ୍କ ସହକର୍ମୀମାନେ ସହଜରେ ହଜମ କରି ପାରିନାହାନ୍ତି। ସେ ନିଜ ନିଷ୍ପତ୍ତି ଉପରେ ପୁନର୍ବିଚାର କରି ପୁଣି ଥରେ କୋର୍ଟକୁ ଫେରନ୍ତୁ ବୋଲି ସେମାନେ ତାଙ୍କୁ ଅନୁରୋଧ କରିଛନ୍ତି। ମାତ୍ର ଜୀବନରେ ଆଗକୁ ବଢ଼ିବା ସହ ଆହୁରି ବହୁ କାମ କରିବାକୁ ବାକି ଥିବା କହିଛନ୍ତି ଜଷ୍ଟିସ ଗଙ୍ଗୋପାଧ୍ୟାୟ। ହାଇକୋର୍ଟରେ ନିଜର ଶେଷ କାର୍ଯ୍ୟଦିବସ ସାରିବା ପରେ ସେ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ନିଜ ବିବେକର ଅନୁସରଣ କରି ସେ ଇସ୍ତଫା ଦେବା ନିଷ୍ପତ୍ତି ନେଇଛନ୍ତି। ସେ ଆସନ୍ତା ୭ ତାରିଖରେ ଔପଚାରିକ ଭାବେ ବିଜେପିରେ ସାମିଲ ହେବାକୁ ଯାଉଥିବା ସ୍ପଷ୍ଟ କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ପାଇଁ ସେ ତୃଣମୂଳ କଂଗ୍ରେସ(ଟିଏମସି)କୁ ସାଧୁବାଦ ଜଣାଇଛନ୍ତି। ଟିଏମସି ଏକ ରାଜନୈତିକ ପାର୍ଟି ନୁହେଁ, ବରଂ ଏହାକୁ ଏକ ଯାତ୍ରା ପାର୍ଟି ଭାବେ ଅଭିହିତ କରି ସେ କହିଛନ୍ତି ଯେ, ଏହି ଦଳ ଦୁର୍ନୀତିରେ ବୁଡ଼ି ରହିଛି। ଦଳରେ କିଛି ଭଲ ନେତା ଥାଇପାରନ୍ତି। କିନ୍ତୁ ଅଧିକାଂଶ ନେତା ଏବେ ଦୁର୍ନୀତିରେ ବୁଡ଼ି ଜେଲ ଭିତରେ ଅଛନ୍ତି। ଏହି ଦଳର ନେତାଙ୍କ ପକ୍ଷରୁ ତାଙ୍କୁ ଅନେକ ଟିକା ଟିପ୍ପଣୀ ସହିବାକୁ ପଡ଼ିଛି। ଟିଏମସିର ଆହ୍ୱାନ ହିଁ ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ବାଧ କରିଛି ବୋଲି ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ କହିଛନ୍ତି। ଏହିକ୍ରମରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୁରି ଭୁରି ପ୍ରଶଂସା କରିବା ସହିତ କଂଗ୍ରେସ ଏବଂ ବାମପନ୍ଥୀ ଦଳଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ମୋଦୀ ଜଣେ ଅତ୍ୟନ୍ତ କର୍ମଠ ଏବଂ ନିଷ୍ଠାବାନ ବ୍ୟକ୍ତି, ଯିଏ କି ଦେଶ ପାଇଁ କିଛି କରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। ସେ କଂଗ୍ରେସକୁ ଏକ ପାରିବାରିକ ଏବଂ ଜମିଦାରୀ ପାର୍ଟି ବୋଲି କହିବା ସହିତ ସିପିଆଇ(ଏମ)କୁ ନାସ୍ତିକ ବୋଲି କହିଛନ୍ତି। ଏହି ଦଳ ଜାତି ଏବଂ ଧର୍ମହୀନ ସମାଜ ଉପରେ ବିଶ୍ୱାସ ରଖେ। କିନ୍ତୁ ବିଜେପି ହେଉଛି ଏକମାତ୍ର ଦଳ ଯିଏ କି ଟିଏମସିକୁ ଦୃଢ ଜବାବ ଦେଇପାରିବ ବୋଲି ସେ କହିଛନ୍ତି।ତେବେ ବିଜେପିରେ ତାଙ୍କୁ କେଉଁ ଦାୟିତ୍ୱ ଦିଆଯିବ ବୋଲି ପ୍ରଶ୍ନରେ ଏହା ଦଳ ନିଷ୍ପତ୍ତି ନେବ ବୋଲି ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ କହିଛନ୍ତି।

### ଇସ୍ରାଏଲରେ ହିଜବୁଲ୍ଲାର କ୍ଷେପଣାସ୍ତ୍ର ମାଡ଼

# ଭାରତୀୟଙ୍କ ମୃତ୍ୟୁ, ୨ ଆହତ

ତେଲ ଆଭିଭ, ୫।୩ (ଏଜେନ୍ସି)

ହମାସ୍ ସହ ଯୁଦ୍ଧ ମଧ୍ୟରେ ଇସ୍ରାଏଲ-ଲେବନାନ ସୀମାର ଗ୍ୟାଲିଲି କ୍ଷେତ୍ରରେ ଆଣ୍ଟି-ଟ୍ୟାଙ୍କ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଲେବନାନର ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ଏହି ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ମଧ୍ୟ ଆହତ ହୋଇଛନ୍ତି। ମୃତ ଭାରତୀୟ ପିଟ ନିବିନ ମାକ୍ସୱେଲ କେରଳ କୋଲମର ବାସିନ୍ଦା। ଏବେ ତାଙ୍କ ପତ୍ନୀ ୭ ମାସର ଗର୍ଭବତୀ। ତାଙ୍କର ୫ ବର୍ଷର ଝିଅ ମଧ୍ୟ ରହିଛି। ଆହତଙ୍କ ମଧ୍ୟରେ ଉଡୁକିର ବୁସ ଜୋସେଫ ଜର୍ଜ ଏବଂ ପଲ୍ ମେଲଭିନ ରହିଛନ୍ତି। ଉଭୟଙ୍କ ଚିକିତ୍ସା ଜାରି ରହିଛି। ଉଭୟେ ପରିବାର ସଦସ୍ୟଙ୍କ ସହ କଥା ହୋଇଛନ୍ତି।

ରିପୋର୍ଟ ଅନୁଯାୟୀ ହିଜବୁଲ୍ଲା ସୋମବାର ଏହି ଆକ୍ରମଣ କରିଥିଲା। ଏହା ଉପରେ ଇସ୍ରାଏଲ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆତଙ୍କବାଦୀ ସଂଗଠନର ଲଞ୍ଚ ସାଇଟ୍ ସମେତ ଅନେକ ଠିକଣାରେ ବୋମା ମାଡ଼ କରିଥିଲା। ଇସ୍ରାଏଲର ଭାରତୀୟ ଦୂତାବାସ ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛି। କୃଷି କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ଚାଷୀଙ୍କ ଉପରେ ସିଆ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲା ଭୀରୁତାପୂର୍ଣ୍ଣ ଆକ୍ରମଣ କରିଛି ବୋଲି କୁହାଯାଇଛି। ସେହିପରି ଭାରତର ଇସ୍ରାଏଲ ରାଷ୍ଟ୍ରଦୂତ ମୃତକଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଛନ୍ତି। ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ନିବିନଙ୍କ ବାପା ପାଥରୋଜ କହିଛନ୍ତି ଯେ ବଡ଼ ପୁଅ ପରେ ସାନ ପୁଅ ଇସ୍ରାଏଲ ଯାଇଥିଲା। ଏ ବିଷୟରେ ତାଙ୍କ ପତ୍ନୀ ପ୍ରଥମେ ସୂଚନା ଦେଇଥିଲେ। ୪ ଦିନ ମଧ୍ୟରେ ନିବିନଙ୍କ ମୃତଦେହ ଭାରତ ଆସିପାରେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତର ସରକାର ଇସ୍ରାଏଲରେ ରହୁଥିବା ଭାରତୀୟଙ୍କ ଲାଗି ମାର୍ଗଦର୍ଶିକା ଜାରି କରିଛନ୍ତି। ନାଗରିକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦେଇଛନ୍ତି। ସୀମାଞ୍ଚଳ ଗସ୍ତ କରିବା ସମୟରେ ସାବଧାନ ରହିବାକୁ କହିଛନ୍ତି। ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ଇସ୍ରାଏଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି ବୋଲି କୁହାଯାଇଛି।



● କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ସେନାରେ ପଦୋନ୍ନତି ପ୍ରକ୍ରିୟା ସ୍ପଷ୍ଟ କର

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ସୁପ୍ରିମକୋର୍ଟରେ ଆର୍ମିର ମହିଳା ଅଫିସରମାନଙ୍କ ଓକିଲ ହୁଜେଫା ଅହମ୍ମଦି ଆଜି ଏକ ପିଟିସନ୍ ଦାଖଲ କରି ଦର୍ଶାଇଛନ୍ତି ଯେ ଆର୍ମିରେ ପୁରୁଷ ଓ ମହିଳା ଅଫିସରଙ୍କ ପଦୋନ୍ନତି ସୂଚୀଭୁକ୍ତକରଣ ପ୍ରକ୍ରିୟାରେ ଭେଦଭାବ ପରିଲକ୍ଷିତ ହେଉଛି । ମାମଲାର ବିଚାର କରି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ କେଉଁ ପଦ୍ଧତିରେ ପୁରୁଷ ଓ ମହିଳା ସେନା ଅଫିସରମାନଙ୍କ ପଦୋନ୍ନତି ସୂଚୀ ପ୍ରସ୍ତୁତ କରାଯାଉଛି, କେନ୍ଦ୍ର ସରକାର ଏ ସମ୍ପର୍କରେ କେଉଁ ଆଭିମୁଖ୍ୟ ରଖୁଛନ୍ତି ତାହା ଏକ ସତ୍ୟପାଠ ଜରିଆରେ ସ୍ପଷ୍ଟ କରିବାକୁ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶିବକୁମାରଙ୍କ ବିରୋଧରେ ମାମଲା ଖାରଜ

ନୂଆଦିଲ୍ଲୀ,୫ ।୩(ଏଜେନ୍ସି): କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)୨୦୧୮ରେ ଯେଉଁ ମନିଲଣ୍ଡରିଂ ମାମଲା ଦାଏର କରିଥିଲା ତାହାକୁ ଆଜି ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ଏଥିରେ ଶିବକୁମାର ଆଶ୍ୱସ୍ତ ହୋଇଛନ୍ତି । ଖାରଜ ହୋଇଯାଇଥିବା ମାମଲାଟି ଟିକସ ଫାଙ୍କି ଓ ହାୱାଲା କାରବାର ସମ୍ପର୍କିତ ଥିଲା । ସେହି ମାମଲାରେ ଶିକୁମାରଙ୍କୁ ସେପ୍ଟେମ୍ବର ୨୦୧୯ରେ ଇଡି ଗିରଫ କରିଥିଲା । ମାସେ ଜେଲରେ ରହିବା ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ମଞ୍ଜୁର କରିଥିଲେ । ସେତେବେଳେ ଶିବକୁମାର ଅଭିଯୋଗ କରିଥିଲେ ଯେ ରାଜନୈତିକ ଆକ୍ରୋଶ ରଖି ବିଜେପି ତାଙ୍କ ପଛରେ ଇଡିକୁ ଲଗାଇଛି ।

## ସୁପ୍ରିମକୋର୍ଟ ଗଲେ ହିମାଚଳର ୬ ବିଧାୟକ

ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଅଯୋଗ୍ୟ ଘୋଷିତ ହୋଇଥିବା ହିମାଚଳ ପ୍ରଦେଶର ୬ କଂଗ୍ରେସ ବିଧାୟକ ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏମାନେ ଅଯୋଗ୍ୟ ଘୋଷଣାକୁ ବିରୋଧ କରିଛନ୍ତି । ଗତ ୨୯ ତାରିଖରେ ବାଚସ୍ପତି କୁଳଦୀପ ସିଂହ ପଠାନିଆ ଦେଇଥିବା ନିଷ୍ପତ୍ତି ବିରୋଧରେ ଆବେଦନ କରିଛନ୍ତି। ଏହି ବିଦ୍ରୋହୀ ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେଇଥିଲେ । ଏହା ପରେ ଦଳୀୟ ହ୍ୱିପ୍‌କୁ ଅଣଦେଖା କରି ବଜେଟ ଉପରେ ମତଦାନ ସମୟରେ ଅନୁପସ୍ଥିତ ରହିଥିଲେ। ଏହି କାରଣରୁ କଂଗ୍ରେସ ୬ ବିଧାୟକ ରାଜିନ୍ଦର ରାଣା, ସୁଧୀର ଶର୍ମା, ଇନ୍ଦେର ଦତ୍ତ ଲଖନପାଲ, ରବି ଠାକୁର ଏବଂ ଚେତନ୍ୟା ଶର୍ମାଙ୍କୁ ଅଯୋଗ୍ୟ ଘୋଷଣା କରି ଦେଇଥିଲା ।

## ପତ୍ନୀଙ୍କ ସମେତ ୩ ଶିଶୁଙ୍କୁ ମାରି ପତିଙ୍କ ଆତ୍ମହତ୍ୟା

କୋଟାୟମ, ୫।୩ (ଏଜେନ୍ସି): କେରଳ କୋଟାୟମର ପୁଭାରାଣୀ କୋଚୁକୋଟାରମ ଅଞ୍ଚଳରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାକାର ଏକ ଭଡ଼ା ଘରୁ ମଙ୍ଗଳବାର ଜୈସନ ଥୋମାସ (୪୪), ତାଙ୍କ ପତ୍ନୀ ଏବଂ ୩ ସନ୍ତାନଙ୍କ ମୃତଦେହ ମିଳିଛି । ଜୈସନ ସ୍ତ୍ରୀ ଏବଂ ପିଲାଙ୍କୁ ମାରି ନିଜେ ଆତ୍ମହତ୍ୟା କରିଥିଲେ ବୋଲି ପୁଲିସ ସନ୍ଦେହ କରୁଛି । ସୂଚନା ଅନୁଯାୟୀ ଘରୁ ଜୈସନଙ୍କ ଝୁଲନ୍ତା ମୃତଦେହ ମିଳିଥିଲା । ତେବେ ୩ ସନ୍ତାନ ଏବଂ ପତ୍ନୀଙ୍କ ମୃତଦେହ ଖଟରେ ପଡ଼ିଥିଲା । ଆଖପାଖରେ ରକ୍ତଛିଟା ମଧ୍ୟ ରହିଥିଲା । ଏବେ ପୁଲିସ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ପୂର୍ବତନ ପ୍ରଫେସର ସାଇବାବା ମୁକ୍ତ

ମୁମ୍ବାଇ, ୫।୩ (ଏଜେନ୍ସି): ନକ୍ସଲଙ୍କ ସହ ସମ୍ବନ୍ଧ ମାମଲାରେ ଗିରଫ ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)ର ପୂର୍ବତନ ପ୍ରଫେସର ଜିଏନ ସାଇବାବାଙ୍କୁ ଆଶ୍ୱସ୍ତି ମିଳିଛି । ଏହି ମାମଲାରେ ତାଙ୍କ ସହିତ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ବମ୍ବେ ହାଇକୋର୍ଟଙ୍କ ନାଗପୁର ଖଣ୍ଡପୀଠ ମଙ୍ଗଳବାର ମୁକ୍ତ କରିଦେଇଛନ୍ତି । ଏହା ସହିତ ତାଙ୍କ ଆଜୀବନ କାରାଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି । ଦୋଷୀ ସାବ୍ୟସ୍ତ ବିରୋଧରେ ଆବେଦନ କରିବା ପାଇଁ ମଧ୍ୟ ଅନୁମତି ଦେଇଛନ୍ତି। ସାଇବାବାଙ୍କ ସମୀକ୍ଷା ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ବିନୟ ଯୋଶୀ ଏବଂ ଜଷ୍ଟିସ ବାଲ୍ମିକୀ ଏସଏ ମେନେଜେସଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ପୂର୍ବରୁ ମଧ୍ୟ ହାଇକୋର୍ଟ ସାଇବାବାଙ୍କୁ ମୁକ୍ତ କରି ଦେଇଥିଲେ। ତେବେ ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରି ପୁଣିଥରେ ମାମଲାର ବିଚାର କରିବାକୁ କହିଥିଲେ ।

● ଆନ୍ଦୋଳନରେ ନାନା ପାଟେକର ସାମିଲ

## ଆଜି ଚାଷୀଙ୍କ ଦିଲ୍ଲୀ ଯାତ୍ରା

ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ବିଭିନ୍ନ ଦାବି ପୂରଣ ନେଇ ଆନ୍ଦୋଳନରତ ଚାଷୀ ବୁଧବାର ଦିଲ୍ଲୀ ଯାତ୍ରା କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ଅଭିନେତା ନାନା ପାଟେକର ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏବେ କିଛି ମାଗିବାର ସମୟ ନୁହେଁ, ବରଂ ଦେଶରେ କାହାର ସରକାର ଆସିବ ସ୍ଥିର କରନ୍ତୁ ବୋଲି କହିଛନ୍ତି । ସେ ରାଜନୀତି ପରିବର୍ତ୍ତେ ଚାଷୀ ଭାଇଙ୍କ ସହ କଥା ହେବାକୁ ଆସିଛନ୍ତି । ସେ କହିଛନ୍ତି ଯେ ଯିଏ ଆମକୁ ଖାଦ୍ୟ ଦେଉଛି ତା କଥା କେହି ଭାବୁନାହାନ୍ତି । ତେବେ ଚାଷୀ ସରକାରଙ୍କ କଥା ଭାବିବେ କାହିଁକି? ଯଦି ଆତ୍ମହତ୍ୟା କରିବି ତେବେ ଚାଷୀ ଭାବେ ଜନ୍ମ ନେବେ ବୋଲି ନାନା କହିଛନ୍ତି । କିନ୍ତୁ ଚାଷୀ କେବେ ପୁଣି ଚାଷୀ ହେବାକୁ ଚାହିଁବନି । ଆମେ ମଣିଷଙ୍କ ଭାଷା ଜାଣିଛେ, କିନ୍ତୁ ସମୟ ପୂର୍ବରୁ ଚାଷୀଙ୍କ ଭାଷା ଜାଣିପାରିଲେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି ।



■ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମନ୍ତ୍ରୀଙ୍କୁ ଧମକ

## ‘ବେଙ୍ଗାଲୁରୁ ସହରକୁ ବୋମାରେ ଉଡ଼ାଇ ଦେବୁ’

ବେଙ୍ଗାଲୁରୁ,୫।୩(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପମୁଖ୍ୟମନ୍ତ୍ରୀ ଡି କେ ଶିବକୁମାରଙ୍କ ସମେତ ବହୁ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମଙ୍ଗଳବାର ଇ-ମେଲ ଯୋଗେ ଧମକ ଦିଆଯାଇଛି। ଯଦି ତୁରନ୍ତ ୨.୫ ନିୟୁତ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ଇ-ମେଲରେ କୁହାଯାଇଛି । ଏଭଳି ଧମକପୂର୍ଣ୍ଣ ଇ-ମେଲ ମିଳିବା ପରେ ବେଙ୍ଗାଲୁରୁ ସିଟି କ୍ରାଇମବ୍ରାଞ୍ଚ ପକ୍ଷରୁ ତୁରନ୍ତ ଯାଞ୍ଚ ଆରମ୍ଭ କରାଯାଇଛି। ସହିଦ ଖାନ ନାମକ ଜଣେ ବ୍ୟକ୍ତି ଏହି ଇମେଲ ପଠାଇଛନ୍ତି । ବେଙ୍ଗାଲୁରୁ ପୁଲିସ କମିଶନରଙ୍କୁ ମଧ୍ୟ ଅଲଗା ଧମକ



ପୈଠ କରା ନଯାଏ ତେବେ ବେଙ୍ଗାଲୁରୁ ସହରକୁ ବୋମାରେ ଉଡାଇ ଦିଆଯିବ ବୋଲି ଧମକ ଦିଆଯାଇଛି । ବସ୍ ଠାରୁ ଆରମ୍ଭ କରି ଟ୍ରେନ,ମେଟ୍ରୋ,ମନ୍ଦିର ଏବଂ ସର୍ବସାଧାରଣ ସ୍ଥଳରେ ବିସ୍ଫୋରଣ କରାଯିବ ବୋଲି ମିଳିଛି। ବେଙ୍ଗାଲୁରୁ ରାମେଶ୍ୱରମ କାଫେ ବିସ୍ଫୋରଣ ମାମଲାକୁ ନେଇ ଏନଆଇଏ ବେଙ୍ଗାଲୁରୁ ସମେତ ଚେନ୍ନଇରେ ଚଢଉ ଆରମ୍ଭ କରିଥିଲା ବେଳେ ଏଭଳି ଘଟଣା ପୁଣି ଚିନ୍ତାର ବିଷୟ ହୋଇଛି।

### ହିନ୍ଦୁତ୍ୱ ବିରୋଧରେ ଉଦୟନିଧିଙ୍କ ପରେ ଏ ରାଜାଙ୍କ ବିସ୍ଫୋରକ ବୟାନ

# ଜୟ ଶ୍ରୀରାମ କହୁଥିବା ଲୋକ ମୂର୍ଖ



ଚେନ୍ନଇ,୫।୩(ଏଜେନ୍ସି): ସନାତନ ଧର୍ମ ବିରୋଧରେ ତାମିଲନାଡୁ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଦେଇଥିବା ବୟାନକୁ ନେଇ ଏବେ ମଧ୍ୟ ବିତର୍କ ଚାଲିଛି । ଏହି ପ୍ରସଙ୍ଗକୁ ନେଇ ଗତକାଲି ସୁପ୍ରିମକୋର୍ଟ ମଧ୍ୟ ଉଦୟନିଧିଙ୍କୁ ଭର୍ତ୍ସନା କରିଛନ୍ତି। କିନ୍ତୁ ଏହା ମଧ୍ୟରେ ଆଉ ଜଣେ ଡିଏମକେ ନେତା ହିନ୍ଦୁତ୍ୱ ଏବଂ ପ୍ରଭୁ ଶ୍ରୀରାମଙ୍କ ଉପରେ ରହିଥିବା କୋଟି କୋଟି ଭାରତୀୟଙ୍କ ଆସ୍ଥାକୁ ନେଇ ପୁଣି ବିସ୍ଫୋରକ ବୟାନ ଜାରି କରିବା ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି । ଏଠାରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ୭୧ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ଦଳୀୟ ନେତା ଏ ରାଜା କହିଛନ୍ତି ଯେ, ଯେଉଁମାନେ ଜୟ ଶ୍ରୀରାମ ଜପ କରୁଛନ୍ତି ସେମାନେ ମୂର୍ଖ। ଆମେ ରାମଙ୍କ ପରମ ଶତ୍ରୁ। ସେହିପରି ହନୁମାନ ମଧ୍ୟ ଜଣେ ମାଙ୍କଡ଼ ଥିଲା । ସେ ରାମାୟଣ କିମ୍ବା ଶ୍ରୀରାମଙ୍କୁ ଆଦୌ ବିଶ୍ୱାସ କରନ୍ତି ନାହିଁ ବୋଲି ରାଜା କହିଛନ୍ତି । ସେହିପରି ଦେଶର ଅଖଣ୍ଡତାକୁ ନେଇ ମଧ୍ୟ ରାଜା ବିକୃତ ମନ୍ତବ୍ୟ ଦେବା ସହିତ ଭାରତ ଏକ ରାଷ୍ଟ୍ର ନୁହେଁ ବୋଲି କହିଛନ୍ତି । ଯେଉଁଠାରେ ଏକ ଭାଷା,ଏକ ସଂସ୍କୃତି ଏବଂ ପରମ୍ପରା ଥାଏ ତାହାକୁ ଏକ ରାଷ୍ଟ୍ର ବୋଲି କୁହାଯିବ। କିନ୍ତୁ ଭାରତ ଏକ ରାଷ୍ଟ୍ର ନୁହେଁ, ବରଂ ଏହା ଏକ ଉପ ମହାଦେଶ। ତେବେ କେରଳ ହେଉ କି ତାମିଲନାଡୁ ଏଗୁଡିକ ସବୁ ଗୋଟିଏ ଗୋଟିଏ ଦେଶ ବା ରାଷ୍ଟ୍ର ବୋଲି ସେ କହିଛନ୍ତି । ଏହିକ୍ରମରେ ସେ ଭାରତମାତା ନାରାକୁ ମଧ୍ୟ ସେ ତୀବ୍ର ନିନ୍ଦା କରିଛନ୍ତି । ଯିଏ ଜୟ ଶ୍ରୀରାମ କହୁ ବା ଭାରତ ମାତା କି ଜୟ କହୁଏ ଏହାକୁ କିନ୍ତୁ ତାମିଲନାଡୁ ଗ୍ରହଣ କରିବ ନାହିଁ ବୋଲି ଏ ରାଜା କହିଛନ୍ତି।

### ମୋଦୀ ଚାହୁଁଛନ୍ତି ଜୟ ଶ୍ରୀରାମ ନାରା ଦେଇ ଲୋକ ଭୋକରେ ମରନ୍ତୁ : ରାହୁଲ

ନୂଆଦିଲ୍ଲୀ, ୫।୩(ଏଜେନ୍ସି): ବେରୋଜଗାରୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ , ଦେଶବାସୀ ଜୟ ଶ୍ରୀରାମ ନାରା ଦିଅନ୍ତୁ , କିନ୍ତୁ ଭୋକରେ ମରନ୍ତୁ ବୋଲି ମୋଦୀ ଚାହୁଁଛନ୍ତି । ମଙ୍ଗଳବାର ମଧ୍ୟପ୍ରଦେଶର ସାରଙ୍ଗପୁରରେ ରାହୁଲଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ଏକ ଜନସଭାକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ , ଏଠାରେ ଭାରତ ଯୋଡୋ ଯାତ୍ରା ଆରମ୍ଭ ହେବା ପରେ କଂଗ୍ରେସ ନେତାଙ୍କୁ ବିଜେପି କର୍ମୀମାନେ ‘ମୋଦୀ, ମୋଦୀ’ ଏବଂ ‘ଜୟ ଶ୍ରୀରାମ’ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ । ବିଜେପି କର୍ମୀମାନେ ମଧ୍ୟ କଂଗ୍ରେସ ନେତାଙ୍କୁ ଆଲୁ ବଦଳରେ ସୁନା ଦେବାକୁ କହିଥିଲେ। ଅନ୍ୟପକ୍ଷରେ ବିଜେପି କର୍ମୀଙ୍କ ସ୍ଲୋଗାନକୁ ସ୍ୱାଗତ କରି ରାହୁଲ ଗାନ୍ଧୀ ବେରୋଜଗାରୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ଆପଣ ଦିନସାରା ଆପଣଙ୍କ ଫୋନ୍ ଦେଖନ୍ତୁ, ଜୟ ଶ୍ରୀରାମ ନାରା ଦିଅନ୍ତୁ ଏବଂ ପରେ ଭୋକରେ ମରିଯାଆନ୍ତୁ।



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-251 •BHUBANESWAR •WEDNESDAY •6 MARCH 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୧ •ଭୁବନେଶ୍ୱର •ବୁଧବାର •୬ ମାର୍ଚ୍ଚ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




ଇଣ୍ଡିଆନ୍ ୱେଲ୍ସ ଟେନିସ୍
**ବିଜୟରୁ ନାଗଲଙ୍କ ଅଭିଯାନ ଆରମ୍ଭ**
▶କ୍ରୀଡ଼ା ପୃଷ୍ଠାରେ...

### ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

# ବିକଶିତ ଭାରତକୁ ଶକ୍ତି ଦେବ ଓଡ଼ିଶା




■ ଭୁବନେଶ୍ୱର/ଯାଜପୁର, ୫।୩ (ସମିସ): ଓଡ଼ିଶାରେ ଏବେ ବିକାଶର ନୂଆ ଧାରା ପ୍ରବାହିତ ହେଉଛି। ଆଜି ଦେଶରେ ଏମିତି ଏକ ସରକାର ଅଛି, ଯିଏ ବର୍ତ୍ତମାନକୁ ନେଇ ଚିନ୍ତିତ ଏବଂ ବିକଶିତ ଭାରତର ସଂକଳ୍ପ ନେଇ ଭବିଷ୍ୟତ ପାଇଁ ମଧ୍ୟ କାମ କରୁଛି। ଶକ୍ତି କ୍ଷେତ୍ରରେ ଆମେ ରାଜ୍ୟ ଗୁଡ଼ିକର ସାମର୍ଥ୍ୟ ବଢ଼ାଉଛୁ। ଏହିକ୍ରମରେ ବିକଶିତ ଭାରତର ସଂକଳ୍ପ ପୂରଣରେ ଓଡ଼ିଶା ପରି ରାଜ୍ୟଗୁଡ଼ିକ ଶକ୍ତି ଯୋଗାଇବ। ଆଜି ବିଜୁ ବାବୁଙ୍କ ଜୟନ୍ତୀ। ଓଡ଼ିଶାର ବିକାଶ ପାଇଁ ଓ ଦେଶର ବିକାଶ ନିମନ୍ତେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ। ସମସ୍ତ ଦେଶବାସୀଙ୍କ ତରଫରୁ ମୁଁ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଏବଂ ତାଙ୍କୁ ପ୍ରଣାମ କରୁଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

**ଓଡ଼ିଶା ଓ ଦେଶର ବିକାଶରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ**

**ଜୟନ୍ତୀ ଅବସରରେ ବିଜୁଙ୍କୁ ଦେଶବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି**

**ଓଡ଼ିଶାର ବିକାଶ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଜାରି ରଖିବ କେନ୍ଦ୍ର**

ଯାଜପୁର ଜିଲ୍ଲା ଚଣ୍ଡିଖୋଲଠାରେ ୨୦ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ମହାପ୍ରଭୁ ଜଗନ୍ନାଥ ଓ ମା' ବିରଜାଙ୍କୁ ପ୍ରଣିପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ତଥା ଶିଳାନ୍ୟାସ ହୋଇଛି। ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଆଣବିକ ଶକ୍ତି ସମ୍ବନ୍ଧୀୟ ଯୋଜନା ହେଉ କିମ୍ବା ସଡ଼କ, ରେଳ ବାଇ ଓ ପରିବହନ ସମ୍ବନ୍ଧୀୟ ଯୋଜନା; ଏହି ଉନ୍ନୟନମୂଳକ କାର୍ଯ୍ୟ ଯୋଗୁଁ ଏଠାରେ ଶିଳ୍ପ ସମ୍ବନ୍ଧିତ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରାଦୀପ - ସୋମନାଥପୁର - ହଳଦିଆ ପାଇପଲାଇନକୁ ମଧ୍ୟ ଦେଶ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ପାରାଦୀପ ବିଶୋଧନାଗାରରେ ପ୍ରାକୃତିକ ଗ୍ୟାସ ପ୍ରକ୍ରିୟାକରଣର ଏକ ▶ପୃଷ୍ଠା-୯

## ବିକାଶ ଆଜି ଓଡ଼ିଶାର ନୂଆ ପରିଚୟ: ମୁଖ୍ୟମନ୍ତ୍ରୀ

**ପୁଞ୍ଜି ନିବେଶରେ ଓଡ଼ିଶା ଦେଶରେ ଦ୍ୱିତୀୟ ଶୀର୍ଷ ରାଜ୍ୟ**

■ ଭୁବନେଶ୍ୱର/ ଯାଜପୁର, ୫।୩ (ସମିସ): ଆଜି ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଉତ୍ପାଦନ ପେଣ୍ଠସ୍ଥଳୀ ହେବାକୁ ଯାଉଛି। ଭିତ୍ତିଭୂମି ଉନ୍ନୟନରେ ଉଭୟ ସାମାଜିକ ଓ ସାମଗ୍ରିକ ଭିତ୍ତିଭୂମି କ୍ଷେତ୍ରରେ ରୂପାନ୍ତରଣ ଆସିଛି। ମିଶନଶକ୍ତି ମା'ମାନେ ଆଜି ଉଦ୍ୟୋଗୀ ହେବାକୁ ଆଗେଇ ଆସୁଛନ୍ତି। ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଦ୍ୱିତୀୟ ଶୀର୍ଷ ରାଜ୍ୟ ହୋଇପାରିଛି। ବିକାଶ ଆଜି ଓଡ଼ିଶାର ନୂଆ ପରିଚୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହା ସହିତ ରାଜ୍ୟର ବିକାଶ ପାଇଁ ଆଗକୁ ଆହୁରି କାମ କରିବାକୁ ବାକି ଅଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି।

**କଳିଙ୍ଗ ନଗର ଏବେ ଦେଶର ଇସ୍ପାତ କେନ୍ଦ୍ରରେ ପରିଣତ**

**ବିକାଶ ପାଇଁ ଲୋଡ଼ିଲେ ପ୍ରଧାନମନ୍ତ୍ରୀଙ୍କ ସହଯୋଗ**

**ଜନନାୟକ ବିଜୁ ପଟ୍ଟନାୟକଙ୍କୁ ଜଣାଇଲେ ଶ୍ରଦ୍ଧାଞ୍ଜଳି**

ଚଣ୍ଡିଖୋଲ ବେଣାପୁର ପଡ଼ିଆରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଜଗନ୍ନାଥ ଓ ମା' ବିରଜାଙ୍କୁ ସ୍ମରଣ କରି ମହାନ ଜନନାୟକ ▶ପୃଷ୍ଠା-୯

# 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ପଞ୍ଜୀକରଣ ଆରମ୍ଭ


**୧୩୫୪୯ ଛାତ୍ରଛାତ୍ରୀଙ୍କୁ ୧୩.୭ କୋଟି ବୃତ୍ତି ବଣ୍ଟନ କଲେ '୫-ଟି' ଅଧ୍ୟକ୍ଷ**



■ ଭୁବନେଶ୍ୱର, ୫।୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରୁ ରାଜ୍ୟରେ ଆରମ୍ଭ ହୋଇଛି 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ପଞ୍ଜୀକରଣ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବରେ ପଞ୍ଜୀକରଣ ପୋର୍ଟାଲକୁ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୋର୍ଟାଲକୁ ଉଦ୍‌ଘାଟନ କରିବା ପରେ ମାଲକାନଗିରି ଜିଲ୍ଲାରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି କାର୍ଯ୍ୟକ୍ରମର ଅୟମାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଛନ୍ତି, ଯୁବକମାନେ ହେଉଛନ୍ତି ଦେଶର ସମ୍ପତ୍ତି। ସେମାନଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରାଇବା ଏବଂ ଦେଶ ଓ ସମାଜ ଗଠନରେ ସହଭାଗି କରିବାକୁ ରାଜ୍ୟ ସରକାର ପ୍ରମୁଖ ଲକ୍ଷ୍ୟ ଭାବେ ନେଇଛନ୍ତି। ଯୁବକ ମାନେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାର ନୂଆ-ଓ କାର୍ଯ୍ୟକ୍ରମ ଓ ନୂଆ-ଓ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି। ଯୁବ ସଶକ୍ତିକରଣରେ ବୈପ୍ଳବିକ ପରିବର୍ତ୍ତନ ପାଇଁ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ଏହାର ପରବର୍ତ୍ତୀ ପ୍ରୟାସ ବୋଲି ସେ କହିଛନ୍ତି। ଏହା ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ବିକାଶରେ ସାହାଯ୍ୟ କରିବ, ପିତାମାତାଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବ, କ୍ୟାରିୟରର ପ୍ରଗତି ଏବଂ ନିଯୁକ୍ତି ପାଇଁ ଏହା ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

**ବିଜୁ ଜୟନ୍ତୀରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ମାଲକାନଗିରି କ୍ରୀଡ଼ା କମ୍ପ୍ଲେକ୍ସରେ ଆୟୋଜିତ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ ମାଲକାନଗିରି ଜିଲ୍ଲାର ୧୦ଟି କଲେଜର ୫୦୬୯ ଜଣ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସମୁଦାୟ ୫.୧୯ କୋଟି ଟଙ୍କା ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି। ସେହିପରି ଅପରାହ୍ଣରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ବକ୍ସି ଜଗବନ୍ଧୁ(ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ ▶ପୃଷ୍ଠା-୯







## ବିବାହ ବନ୍ଧନରେ ରାଜେଶ ଧୁପର୍
▶କ୍ରୀଡ଼ା ପୃଷ୍ଠାରେ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-251 ◆BHUBANESWAR ◆WEDNESDAY ◆6 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୧ ◆ଭୁବନେଶ୍ୱର ◆ବୁଧବାର ◆୬ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# 'ଟଲ୍‌ମ୍ୟାନ୍'ଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ସମୃଦ୍ଧ, ସଶକ୍ତ ଓ ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେଲେ ନେତା ଓ କର୍ମୀ



■ **ଭୁବନେଶ୍ୱର, ୫।୩ (ସମିସ):** ପ୍ରବାଦ ପୁରୁଷ, ଦୁର୍ଦ୍ଧର୍ଷ ପାଇଲଟ୍, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ବିଜୁବାବୁଙ୍କ ୧୦୮ତମ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ସାରା ଓଡ଼ିଶା। ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ, ବ୍ଲକ ଓ ସହରାଞ୍ଚଳରେ ମହାସମାରୋରେ ପାଳିତ ହୋଇଛି ବିଜୁ ଜୟନ୍ତୀ। ଆଜି ସକାଳେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭୁବନେଶ୍ୱରର ଫରେଷ୍ଟ ପାର୍କ ଏବଂ ବିଧାନସଭା ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଓଡ଼ିଶା ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ। ସେହିପରି ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡିର ନେତୃବନ୍ଦଙ୍କ ସହିତ ସାଧାରଣ ଲୋକ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଜି ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡିର ସମସ୍ତ ସଦସ୍ୟ ଓ ସାଧାରଣ ନାଗରିକ ଏକ 'ସମୃଦ୍ଧ, ସଶକ୍ତ, ନବୀନ ଓଡ଼ିଶା' ଗଠନ ପାଇଁ ଅଙ୍ଗୀକାରବଦ୍ଧ ସ୍ୱରୂପ ଶପଥ ଗ୍ରହଣ କରିଥିଲେ। ଏହାସହ ସ୍ଥାନୀୟ ଅଞ୍ଚଳର ଡାକ୍ତରଖାନା, ବୃଦ୍ଧାଶ୍ରମ, ଅନାଥାଶ୍ରମ ଏବଂ ବାଳାଶ୍ରମରେ ଫଳ ବଣ୍ଟନ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ସାରା ରାଜ୍ୟରେ ବ୍ୟାପକ ସାମାଜିକ କାର୍ଯ୍ୟକ୍ରମ**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ବ୍ୟାପକ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଡାକ୍ତରଖାନା, ବୃଦ୍ଧାଶ୍ରମ, ଅନାଥାଶ୍ରମରେ ରୋଗୀଙ୍କୁ ଫଳ ବଣ୍ଟନ ସହିତ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ସବୁ ସ୍ଥାନରେ ସାଇକଲ ଶୋଭାଯାତ୍ରା ଓ ଗଣଦୌଡ଼ ଆୟୋଜନ କରାଯାଇଥିଲା। ଅପରାହ୍ନରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଦଳର ନିର୍ବାଚିତ ପ୍ରତିନିଧି, ଦଳୀୟ କର୍ମକର୍ତ୍ତା, ପ୍ରମୁଖ ଦଳୀୟ ସଂଗଠନ କର୍ମକର୍ତ୍ତା, ସକ୍ରିୟ ସଦସ୍ୟ/ସଦସ୍ୟା, ଦଳୀୟ କର୍ମୀ, ବିଜୁ ବାବୁଙ୍କର ଅନୁଗାମୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ନିଃସ୍ୱାର୍ଥପର ଜନସେବାର ପ୍ରତୀକ ପ୍ରବାଦପୁରୁଷ, ମହାନ୍ ରାଷ୍ଟ୍ରନୀତିଜ୍ଞ ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁ ବାବୁଙ୍କର ଆମ ଦେଶ ତଥା ଜାତି ପ୍ରତି ଅବଦାନ, ଏକ ସଶକ୍ତ ଏବଂ ପୂର୍ଣ୍ଣ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ତାଙ୍କର ଅବିଶ୍ରାନ୍ତ ସଂଗ୍ରାମ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଆସନ୍ତା ୮ ତାରିଖରେ ଅନ୍ତର୍ଜାତୀୟ ▶ପୃଷ୍ଠା-୯

## 'ଶଙ୍ଖନାଦ'ରେ ସାମିଲ ହେବାକୁ ଆହ୍ୱାନ

### ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ବିଜେଡିର ନୂଆ ୱେବ୍‌ସାଇଟ୍ ଉନ୍ମୋଚନ କଲେ ନବୀନ

■ **ଭୁବନେଶ୍ୱର, ୫।୩ (ସମିସ):** ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନୂତନ ଭାବେ ପ୍ରସ୍ତୁତ ନାଗରିକ କୈନ୍ଦ୍ରିକ ୱେବସାଇଟ୍ (www.bjdodisha.org.in/home)କୁ ଉନ୍ମୋଚନ କରିଛନ୍ତି। ଏଥିରେ 'ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା'ର ଚିନ୍ତାଧାରା ପ୍ରତିଫଳିତ ହେବା ସହ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟବାସୀଙ୍କୁ 'ଶଙ୍ଖନାଦ'ରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ୱେବ୍‌ସାଇଟ୍‌ରେ ମହିଳା ସଶକ୍ତୀକରଣ, ଅନ୍ତର୍ଭୁକ୍ତୀ ବିକାଶ, ଆଦିବାସୀ କଲ୍ୟାଣ, ଯୁବ ଓ କ୍ରୀଡ଼ା, କୃଷି, ଆଇଟି ଏବଂ ପୁଞ୍ଜିନିବେଶ ଭଳି କ୍ଷେତ୍ରରେ '୫-ଟି' ନେତୃତ୍ୱାଧୀନ ପରିବର୍ତ୍ତନର ଏକାଧିକ ସ୍ତମ୍ଭ ପ୍ରଦର୍ଶିତ ହୋଇଛି। ଲୋକଙ୍କ ସ୍ୱରକୁ ସୁଦୃଢ଼ କରିବା, ସେମାନଙ୍କୁ ରାଜ୍ୟର ପ୍ରଗତିରେ ଅଂଶୀଦାର କରିବା ଦିଗରେ ଦଳର ପ୍ରତିବଦ୍ଧତାକୁ ମଧ୍ୟ ଏହି ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନିରନ୍ତର ପ୍ରୟାସ କ୍ରମେ ସମସ୍ତ ଜିଲ୍ଲାର ଲୋକଙ୍କଠାରୁ ମତାମତ ସଂଗ୍ରହ କରିବା ଏବଂ ଅଭିଯୋଗର ଶୀଘ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ପାଇଁ ୱେବସାଇଟ୍‌ରେ ଏକ ସ୍ୱତନ୍ତ୍ର ବିଭାଗ ରହିଛି।

ସୂଚନାନୁସାରେ, ବିଜେଡିର ଏହି ନୂତନ ୱେବସାଇଟ୍‌ରେ ଏକ ଆଧୁନିକ ସୋସିଆଲ ମିଡିଆ ପ୍ଲାଟଫର୍ମ ରହିଛି, ଯେଉଁଥିରେ ଡିଜିଟାଲ ଡୋମେନ୍‌ରେ ସମର୍ଥକ ଏବଂ ନାଗରିକଙ୍କ ସହ ସମାନ ▶ପୃଷ୍ଠା-୯

## ୩୮ ଡିଗ୍ରୀ ଡେଇଁଲା ପାରଳାଖେମୁଣ୍ଡି

# ଆଗକୁ ଅସମ୍ଭାଳ ତାତି

■ **ଭୁବନେଶ୍ୱର, ୫।୩ (ସମିସ):** ମଙ୍ଗଳବାର ରାଜ୍ୟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ତାପମାତ୍ରା ୩୮ ଡିଗ୍ରୀ ଅତିକ୍ରମ କରିଛି। ପାରଳାଖେମୁଣ୍ଡିରେ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ନୟାଗଡ଼ ୩୬.୬, ମାଲକାନଗିରି ୩୬.୫ ଓ ବୌଦ୍ଧରେ ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ସପ୍ତାହରୁ ରାଜ୍ୟରେ ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ୧୦ ତାରିଖ ପର୍ଯ୍ୟନ୍ତ ତାପମାତ୍ରା ଧୀରେ ଧୀରେ ବଢ଼ିବ। ଦକ୍ଷିଣ ଆଭ୍ୟନ୍ତରୀଣରେ ୧୧ କିମ୍ବା ୧୨ ତାରିଖରେ ଗରମ ରହିବ। ଯାହାକି ପରିବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ଚାଲୁ ରହିପାରେ। ନୂଆପଡ଼ା, ବଲାଙ୍ଗୀର, ସୋନପୁର, ମାଲକାନଗିରି, ଗୁଣୁପୁର ଓ ପାରଳାଖେମୁଣ୍ଡି ଆଦି ସ୍ଥାନରେ ତାପମାତ୍ରା ୩୮-୩୯ ଡିଗ୍ରୀ



**୩ ଡିଗ୍ରୀରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ସମ୍ଭାବନା**

**୧୨ ତାରିଖ ବେଳକୁ ଟପିବ ୪୦ ଡିଗ୍ରୀ**

ତାତି ବଢ଼ିବ। ରାଜ୍ୟର ଅଧିକାଂଶ ସ୍ଥାନରେ ଉପରମୁହାଁ ହେବ ପାରଦ। ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବା ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ ଓ ଆସନ୍ତା ୧୨ ତାରିଖ ବେଳକୁ ରାଜ୍ୟରେ ଭୀଷଣ ତାତି ଅନୁଭବ ହୋଇପାରେ ବୋଲି ପାଣିପାଗବିଜ୍ଞାନୀମାନେ ଆକଳନ କରିଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ସମେତ ଉପକୂଳ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ପ୍ରାୟତଃ ଅପରିବର୍ତ୍ତିତ ସେଲସିୟସ ରହିପାରେ। ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣରେ ତାପମାତ୍ରା କମ୍ ବଢ଼ିବ। କେନ୍ଦ୍ରୀୟ ଓଡ଼ିଶାରେ ତାପମାତ୍ରା ମଧ୍ୟମ ଧରଣର ବଢ଼ିବ। ୭ରୁ ୯ ମଧ୍ୟରେ ଭୁବନେଶ୍ୱର, କଟକ, ପୁରୀ ଓ ଖୋର୍ଦ୍ଧାରେ କିଛି ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ବର୍ତ୍ତମାନ ରାଜ୍ୟରେ ପଶ୍ଚିମା ଝଡ ସକ୍ରିୟ ଥିବା ବେଳେ ଉପକୂଳ ଓଡ଼ିଶାରେ ଏକ ଗୁରୁଚାପ ବଳୟ ସୃଷ୍ଟି ହୋଇଛି। ଏହା ଦ୍ୱାରା ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ପ୍ରଭାବରେ ବର୍ତ୍ତମାନ କିଛି କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଲାଗି ରହିଥିବା ବେଳେ ଏହି ▶ପୃଷ୍ଠା-୯




THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-251 ◆BHUBANESWAR ◆WEDNESDAY ◆6 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୧ ◆ଭୁବନେଶ୍ୱର ◆ବୁଧବାର ◆୬ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ଫ୍ରାନ୍ସରେ 'ଗର୍ଭପାତ' ମୌଳିକ ଅଧିକାର

**ପ୍ୟାରିସ,୫ ।୩(ଏଜେନ୍ସି):** ଫ୍ରାନ୍ସରେ ଗର୍ଭପାତ ଅଧିକାର ଚାହୁଁଥିବା ସମର୍ଥକଙ୍କ ପାଇଁ ଗତକାଲି(ସୋମବାର) ଥିଲା ଏକ ଖୁସିର ଦିନ। ଭର୍ସାଇଲ ପ୍ରାସାଦରେ ଫ୍ରାନ୍ସ ଲୋୟେର ହାଉସ ଓ ସିନେଟର ସ୍ୱତନ୍ତ୍ର ମିଳିତ ଅଧିବେଶନରେ ଗତକାଲି ଗର୍ଭପାତକୁ ଏକ ସାମ୍ବିଧାନିକ ଅଧିକାର ଭାବେ ସ୍ୱୀକୃତି ମିଳିଛି। ଏହି ପ୍ରସ୍ତାବ ସପକ୍ଷରେ ୭୮୦ ଭୋଟ ମିଳିଥିବା ବେଳେ ମାତ୍ର ୭୨ ଜଣ ସଦସ୍ୟ ଏହାକୁ ବିରୋଧ କରି ଭୋଟ ଦେଇଥିଲେ। ଭୋଟ ଫଳାଫଳ ଜଣାପଡ଼ିବା ପରେ ଏଫିଲ ଟାୱାର ନିକଟରେ ସମବେତ ଗର୍ଭପାତ ଅଧିକାର ସମର୍ଥକଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଥିଲା। ସେମାନେ 'ମାଇଁ ବଡି ମାଇଁ ଚଏସ' ଲେଖାଥିବା ପୋଷ୍ଟର ଓ ବ୍ୟାନର ଧରି ଉତ୍ସବ ମନାଇଥିଲେ। ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶ ତୁଳନାରେ ଫ୍ରାନ୍ସରେ ଗର୍ଭପାତ ଅଧିକାର ସମର୍ଥକଙ୍କ ସଂଖ୍ୟା ଅଧିକ। ଫ୍ରାନ୍ସର ପ୍ରାୟ ୮୦% ନାଗରିକ ଗର୍ଭପାତ ଅଧିକାରକୁ ସମର୍ଥନ ଦିଅନ୍ତି। ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଗାବ୍ରିଏଲ ଆଟଲ କହିଛନ୍ତି, ଆମେ ମହିଳାମାନଙ୍କୁ ଏକ ସନ୍ଦେଶ ଦେଉଛୁ ଯେ ତୁମ ଶରୀର ତୁମର, ଅନ୍ୟ କେହି ତା'ଉପରେ କିଛି ନିଷ୍ପତ୍ତି ନେଇପାରିବେ ନାହିଁ। ୧୯୭୪ରୁ ଫ୍ରାନ୍ସରେ ଗର୍ଭପାତ ଏକ ନ୍ୟାୟିକ ଅଧିକାର ଥିଲା, ଯାହା ଦରକାର ପଡ଼ିଲେ ବଦଳା ଯାଇପାରନ୍ତା। ଏବେ ତାହା ସାମ୍ବିଧାନିକ ଅଧିକାର ହେବାରୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ପାଇଲା, ତେଣୁ ବଦଳା ଯାଇପାରିବ ନାହିଁ। ଗର୍ଭପାତକୁ ସାମ୍ବିଧାନିକ ଅଧିକାର ମାନ୍ୟତା ଦେବାରେ ଫ୍ରାନ୍ସ ହେଉଛି ବିଶ୍ୱର ପ୍ରଥମ ଦେଶ।




## ନବୀନ ସରକାରର ରଜତ ଜୟନ୍ତୀ

# ପ୍ରତିବଦ୍ଧ ନିଃସ୍ୱାର୍ଥ ସେବା



**ଭୁବନେଶ୍ୱର, ୫।୩ (ସମିସ):** ବିକାଶର ପ୍ରତିବଦ୍ଧତା, ସୁଶାସନ, ଜନକଲ୍ୟାଣ, ରୂପାନ୍ତରଣ ଯାତ୍ରାକୁ ପୂରିଛି ୨୪ ବର୍ଷ। ରଜତ ଜୟନ୍ତୀ ବର୍ଷରେ ପଦାର୍ପଣ କରିଛି ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର। ୨୦୦୦ ମସିହା ମାର୍ଚ୍ଚ ୫ ତାରିଖ ଦିନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଆଉ ପଛକୁ ଚାହିଁ ଓଡ଼ିଶା। କ୍ଷମତା ରାଜନୀତିର ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରିବା ସହ ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କ୍ରମାଗତ ଭାବେ ୫ଥର ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାବାସୀଙ୍କୁ ଭେଟି ଦେଉଛନ୍ତି ଲୋକାଭିମୁଖୀ ଶାସନ। ରାଜ୍ୟର ସାଧାରଣ ଲୋକଙ୍କୁ ସରକାରର ମାଲିକରେ ପରିଣତ କରିଛନ୍ତି। ସାଧାରଣ ଲୋକଙ୍କ ପ୍ରସ୍ତାବ ଅନୁସାରେ ସରକାର ପ୍ରଣୟନ କରିଛନ୍ତି ନୀତି, ଯୋଜନା ଓ କାର୍ଯ୍ୟକ୍ରମ। କଥା କମ୍, କାମ ବେଶି ଉକ୍ତିର ଅନନ୍ୟ ଉଦାହରଣ ନବୀନ ପଟ୍ଟନାୟକ ପାଲଟିଛନ୍ତି ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ହୃଦୟର ସ୍ପନ୍ଦନ। ତାଙ୍କ ସମ୍ମୁଖରେ ବିରୋଧୀଙ୍କ ସବୁ ରାଜନୀତି, ସବୁ ରଣନୀତି, ସବୁ ଚାଣକ୍ୟନୀତି ଫେଲ ହୋଇ ଯାଇଛି। କ୍ଷମତା ନୁହେଁ, ସେବା ହିଁ କ୍ଷମତାର ଏକମାତ୍ର ଆଭିମୁଖ୍ୟ ବୋଲି ବାରମ୍ବାର ପ୍ରମାଣିତ କରିଛନ୍ତି।

୧୯୯୭ ମସିହାରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ପରେ ରାଜନୀତିରେ ନବୀନଙ୍କ ପ୍ରବେଶ ଥିଲା ଅତ୍ୟନ୍ତ ଆକସ୍ମିକ। ମାତ୍ର ଏହି ଆକସ୍ମିକ

> ବିଜେଡି ସରକାର ପୂରଣ କଲା ନିରନ୍ତର ଶାସନର ୨୪ ବର୍ଷ
>
> ଆର୍ଥିକ, ସାମାଜିକ, ସାଂସ୍କୃତିକ ରୂପାନ୍ତରଣର ଶୀର୍ଷରେ ଓଡ଼ିଶା
>
> ଲୋକଙ୍କ ପ୍ରସ୍ତାବରେ ନୀତି, ଯୋଜନା, କାର୍ଯ୍ୟକ୍ରମ ପ୍ରଣୟନ
>
> '୫-ଟି' ଓ 'ମୋ ସରକାର' ଆଣିଛି ଅଭୂତପୂର୍ବ ପରିବର୍ତ୍ତନ
>
> ରାଜ୍ୟବାସୀଙ୍କ ପାଇଁ ଆଶୀର୍ବାଦ କାଳିଆ, ମିଶନଶକ୍ତି, ବିଏସ୍‌କେୱାଇ

ରାଜନେତାଙ୍କ ରାଜନୀତି ସମ୍ମୁଖରେ ରାଜ୍ୟର ପୁରୁଖା ଓ ପ୍ରବୀଣ ବିରୋଧୀ ରାଜନେତାଙ୍କ ଛବି ଏବେ ସମ୍ପୂର୍ଣ୍ଣ ମଳିନ। ୨୦୦୦ ମସିହା ମାର୍ଚ୍ଚ ୫ରେ ନବୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ବେଳକୁ ରାଜ୍ୟର ଛବି ଥିଲା ଧୂସର। ମହାବାତ୍ୟାରେ ଧ୍ୱସ୍ତ ବିଧ୍ୱସ୍ତ ଓଡ଼ିଶା ଉତ୍କଟ ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିଲା। ଓଡ଼ିଶା କଳାହାଣ୍ଡି ପରି ଜିଲ୍ଲାକୁ ଦେଶରେ ଭୋକର ଭୂଗୋଳ ବୋଲି କୁହାଯାଉଥିଲା। ଏହି ସମୟରେ ବିଜୁବାବୁଙ୍କ ଉତ୍ତରଦାୟାଦ ଭାବରେ ତାଙ୍କର ପ୍ରତିଷ୍ଠା ଅପେକ୍ଷା, ଦାୟିତ୍ୱକୁ ନିଜ କାନ୍ଧକୁ ନେଇଥିଲେ ନବୀନ। ବିଜୁଙ୍କ ସ୍ୱପ୍ନ ପୂରଣ କରିବାକୁ ନେଇଥିଲେ ସଂକଳ୍ପ। ୨୪ ବର୍ଷ ତଳର ଆର୍ଥିକ ଦୁର୍ବଳ, ଦେବାଳିଆ ଓଡ଼ିଶା ଏବେ ସମୃଦ୍ଧ, ସଶକ୍ତ ଓ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ଖାଦ୍ୟଶସ୍ୟଠାରୁ ଆରମ୍ଭ କରି ବିଦ୍ୟୁତ୍ ଉତ୍ପାଦନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଓଡ଼ିଶା ଏବେ ଦେଶରେ ଉଦାହରଣୀୟ ସ୍ଥାନରେ ପହଞ୍ଚିଛି। ସେବାକୁ ରାଜନୀତିର ମୂଳମନ୍ତ୍ରରେ ପରିବର୍ତ୍ତିତ କରିଥିବା ନବୀନ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଦେଶର ଏକ ଅନତିକ୍ରମଣୀୟ ରାଜ୍ୟରେ ପରିଣତ କରିଛନ୍ତି। ରୂପାନ୍ତରଣର ସ୍ୱର୍ଶ ପ୍ରତ୍ୟେକ ଓଡ଼ିଶାବାସୀ ଅନୁଭବ କରୁଛନ୍ତି।

ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସହ ଗରିବଙ୍କ ପାଇଁ ଟଙ୍କାଏରେ ଚାଉଳ ଯୋଗାଣ, ସହରୀ ଶ୍ରମିକ ଓ ଗରିବଙ୍କ ▶ପୃଷ୍ଠା-୯

■ ଚଣ୍ଡିଖୋଲରେ ପ୍ରଧାନମନ୍ତ୍ରୀଙ୍କ 'ମୋଦୀ ଗ୍ୟାରେଣ୍ଟି' ସମାବେଶ

# 'ଇଣ୍ଡି' ମେଣ୍ଟର ବିଚାରଧାରାରେ ପରିବାର ପ୍ରଥମ: ମୋଦୀ

**ଚଣ୍ଡିଖୋଲ, ୫ ।୩(ସମିସ):** ଯାଜପୁର ଜିଲ୍ଲା ଚଣ୍ଡିଖୋଲ ବେଣାପୁରଠାରେ ଆୟୋଜିତ 'ମୋଦୀ ଗ୍ୟାରେଣ୍ଟି' ସମାବେଶରେ କଂଗ୍ରେସ ଓ 'ଇଣ୍ଡି' ମେଣ୍ଟ ଉପରେ ପ୍ରବଳ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୨୦୧୪ ପୂର୍ବରୁ କଂଗ୍ରେସ ଦଳ କେବଳ ନିଜ ସିନ୍ଦୁକରେ ଅର୍ଥ ଭରୁଥିଲା। ନିଜ ଦଳ ଓ ନିଜ ପରିବାରର ସମୃଦ୍ଧି ପାଇଁ କାମ କରୁଥିଲା; ଯେଉଁ ସରକାର ୟୁରିଆ ଦୁର୍ନୀତି କରିବ, ସେ ସରକାର ଚାଷୀଙ୍କୁ ଶସ୍ତାରେ କେମିତି ୟୁରିଆ ଯୋଗାଇବ। ଏବେ 'ଇଣ୍ଡି' ମେଣ୍ଟ ସରକାର ମୋଦୀକୁ ସମାଲୋଚନା କରୁଛନ୍ତି।



ମୋଦୀର ପରିବାର ନାହିଁ ବୋଲି କହୁଛନ୍ତି। ଇଣ୍ଡି ମେଣ୍ଟର ବିଚାରଧାରାରେ ପରିବାର ପ୍ରଥମ। ମାତ୍ର ମୋଦୀର ବିଚାରଧାରାରେ ଦେଶ ପ୍ରଥମ। ସେମାନେ ପରିବାର ପାଇଁ ବଞ୍ଚିଛନ୍ତି, ମାତ୍ର ମୋଦୀ ଦେଶ ପାଇଁ ବଞ୍ଚିଛି। ମୋଦୀ କୋଟିକୋଟି ପୁଅଝିଅଙ୍କ ଭବିଷ୍ୟତ କଥା ଚିନ୍ତା କରୁଛି। ଇଣ୍ଡି ମେଣ୍ଟର ଲକ୍ଷ୍ୟ ମୋଦୀକୁ ହଟାଇବା, ମାତ୍ର ମୋଦୀର ଲକ୍ଷ୍ୟ ହେଉଛି ଭାରତକୁ ତୃତୀୟ ବୃହତ୍ତମ ଅର୍ଥନୀତି କରାଇବା ବୋଲି 'ଇଣ୍ଡି' ମେଣ୍ଟ ଓ କଂଗ୍ରେସକୁ କଟାକ୍ଷ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ସେ ପୁଣି କହିଛନ୍ତି ୨୦୧୪ପରେ ଜଣେ ଗରିବ ଦେଶର ଶାସନ ଦାୟିତ୍ୱ ନେଲା। ଦେଶର ଗରିବ ଲୋକଙ୍କ ବିକାଶ ପାଇଁ ସେ ଗ୍ୟାରେଣ୍ଟି ନେଲା ଯାହା ନାମ ହେଉଛି ମୋଦୀ ଗ୍ୟାରେଣ୍ଟି। ମୋଦୀ ଦେଶର ଗରିବ ଲୋକଙ୍କ ପାଇଁ ପକ୍କା ଘର ତିଆରି କରୁଛି, ୨୫ କୋଟି ଗରିବଙ୍କୁ ଦାରିଦ୍ର୍ୟରୁ ମୁକ୍ତି ଦେଇଛି। ମୋଦୀର ସ୍ଲୋଗାନ ହେଉଛି 'ମେରା ଭାରତ, ମେରା ପରିବାର'। ଏ କଥା ପରିବାରବାଦୀଙ୍କୁ ଭାରି କଷ୍ଟ ହେଉଛି। କାଲିଠାରୁ କୋଟିକୋଟି ଲୋକ ନିଜକୁ ମୋଦୀ ପରିବାରର ସଦସ୍ୟ ବୋଲି କହୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ବିଗତ ୧୦ବର୍ଷ ହେଲା ବିଜେପି ସରକାର ଓଡ଼ିଶାରେ ବିପୁଳ ପୁଞ୍ଜିନିବେଶ କରିଛି। ଓଡ଼ିଶା ଅନେକ ଶିଳ୍ପର ଏକ ବଡ଼ କେନ୍ଦ୍ର ହେବାକୁ ଯାଉଛି। ଓଡ଼ିଶା ବିକଶିତ ଭାରତର ଗେଟ୍ ୱେ ହେଉ ଏହା ହେଉଛି ମୋଦି ସରକାରର ଲକ୍ଷ୍ୟ। ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନାରେ

> ୨୦୧୪ ପୂର୍ବରୁ କଂଗ୍ରେସ ଦଳ କେବଳ ନିଜ ସିନ୍ଦୁକରେ ଅର୍ଥ ଭରୁଥିଲା

ମତ୍ସ୍ୟଜୀବୀ ସହାୟତା ପାଉଛନ୍ତି। ଗରିବଙ୍କୁ ପକ୍କା ଘର ସ୍ୱପ୍ନ ଥିଲା, ଆଜି ଓଡ଼ିଶାର ଗରିବ ଲୋକଙ୍କ ପାଇଁ ପକ୍କା ଘର ବାସ୍ତବତା ପାଲଟିଛି। ଭଗବାନ ସୂର୍ଯ୍ୟ ଦେବତାଙ୍କ ଭୂମି ଓଡ଼ିଶା। ସମସ୍ତଙ୍କୁ ବିଜୁଳି ଦେବା ମୋଦିଙ୍କର ଗ୍ୟାରେଣ୍ଟି। ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ଆରମ୍ଭ କରାଯାଇଛି। ଘର ଛାତରେ ସୋଲାର ପ୍ୟାନେଲ ଲଗାଇ ବିଜୁଳି ଉତ୍ପାଦନ କରାଯାଉଛି। ଏଥିରେ ଉପଭୋକ୍ତା ୩ ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଇପାରିବେ।

ସେହିପରି ସଭାରେ ଲୋକଙ୍କ ଉତ୍ସାହ ଦେଖି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆପଣମାନଙ୍କ ଭଲ ପାଇବା ଦେଖି ମୁଁ ଅଭିଭୂତ। ପ୍ରଭୁ ଜଗନ୍ନାଥଙ୍କ କୃପା ବିନା ଏତେ ଭଲପାଇବା ମିଳିବନି। କିଛି ଲୋକଙ୍କୁ ଆମ ନୀତି, ନିଷ୍ପାପର ଉଦ୍ୟମ ପସନ୍ଦ ଆସୁନି। ବିରୋଧୀ ଦଳର ଲୋକମାନେ ଏବେ ମୋଦିଙ୍କୁ ସମାଲୋଚନା କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସମାବେଶରେ ବିଜେପି ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଲୋକକଥା



ସବୁ କ୍ଷେତ୍ରକୁ ସଂଗଠିତ ଆହା
ସର୍କାର ଚାଲନ୍ତି କରି,
ଶିକ୍ଷା-ସ୍ୱାସ୍ଥ୍ୟଠାରୁ କୃଷି କ୍ଷେତ ଯାଏଁ
ଯେଉଁଠି ଯା ଦରକାରୀ !
ଅସମାନ ଦୂରକରି,
'୫-ଟି' ବିନ୍ଧାଣୀ ମାଡ଼ି ଚାଲିଚନ୍ତି
'ନବୀନ' ମନ୍ତ୍ର ସୁମରି ॥

# କାର୍ ସହ ୧୨୬ କିଲୋ ଗଞ୍ଜେଇ ଜବତ

## ଦୁଇ ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆ ଗିରଫ

**ଫିରିଙ୍ଗିଆ, ୫ ।୩ (ସମିସ):** ଫିରିଙ୍ଗିଆ ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ପାଟ୍ରୋଲିଂ କରିବା ସମୟରେ ଫିରିଙ୍ଗିଆ ପୁଲିସ ପଶ୍ଚିମବଙ୍ଗ ନମ୍ବର ଲେଖାଥିବା ଏକ କାରକୁ ଜବତ କରିବା ସହ ସେଥିରୁ ୧୨୬ କିଲୋ ଗଞ୍ଜେଇ ଜବତ କରିଛି। କାର ଚାଳକ ସହ ଦୁଇଜଣ ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସୂଚନା ଅନୁସାରେ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ମଙ୍ଗଳବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଫିରିଙ୍ଗିଆ ବାଲିଗୁଡା ମୁଖ୍ୟରାସ୍ତାର ଫିରିଙ୍ଗିଆ ଥାନା ମଣିପଦର ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏହି କାରକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ କାର୍ ଡିକିରୁ ଏକ ବସ୍ତାରେ ଭର୍ତ୍ତିଥିବା ୧୨୬ କିଲୋ ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ କାର୍‌ର ଚାଳକ ଓ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଗିରଫଦ୍ୱୟ ହେଲେ, ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ଧାରୁଆ ଗାଁର ଜ୍ଞାନରଞ୍ଜନ ପୃଷ୍ଟି ଓ କେଉଁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବଡ଼ପଣ୍ଡା ଗାଁର ସୁକାନ୍ତ ଜେନା। ଏ ସମ୍ପର୍କରେ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଏକା ସମୟରେ 'ସିୟୁଇଟି- ପିଜି' ଓ 'ଉତ୍କଳ ବିଶ୍ୱବିଦ୍ୟାଳୟ ଷଷ୍ଠ ସେମିଷ୍ଟାର୍' ପରୀକ୍ଷା

# ଦ୍ୱନ୍ଦ୍ୱରେ ପରୀକ୍ଷାର୍ଥୀ


**ଭୁବନେଶ୍ୱର, ୫ ।୩(ସମିସ):** ସ୍ନାତକୋତ୍ତର ନାମ ଲେଖାଇବାକୁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି- ପିଜି) ପାଇଁ ପରୀକ୍ଷା କେନ୍ଦ୍ରର ସହର ନାମ ପ୍ରକାଶ ପାଇଛି। ଆସନ୍ତା ୭ରୁ ୧୦ତାରିଖ ପର୍ଯ୍ୟନ୍ତ ଆଡମିଟ୍-କାର୍ଡ ଡାଉନ୍‌ଲୋଡ୍ ହେବ। ସେହିପରି ୧୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପରୀକ୍ଷାର ସମସ୍ତ ପ୍ରକ୍ରିୟା ପୂର୍ବନିର୍ଦ୍ଧାରିତ ସୂଚୀ ଅନୁଯାୟୀ ହେଉଛି। ଅପରପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରଛାତ୍ରୀଙ୍କ ଷଷ୍ଠ ବା ଶେଷ ସେମିଷ୍ଟାର୍ ପରୀକ୍ଷା ଆସନ୍ତା ୨୨ତାରିଖରୁ ଆରମ୍ଭ ହେବାକୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାର ଥିଓରୀ ପରୀକ୍ଷା ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମାର୍ଚ୍ଚ ୨୨ରୁ ୨୮ ପର୍ଯ୍ୟନ୍ତ ଉଭୟ ପରୀକ୍ଷା ସୂଚୀ ରହିଥିବା ବେଳେ ପରୀକ୍ଷାର୍ଥୀ କେଉଁ ପରୀକ୍ଷା ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

> ବିଶ୍ୱବିଦ୍ୟାଳୟ ସେମିଷ୍ଟାର ପରୀକ୍ଷା ଘୁଞ୍ଚାଇବାକୁ ଦାବି

ସୂଚନାନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟାର୍ ପରୀକ୍ଷା ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଆସନ୍ତା ୨୨ରୁ ଆରମ୍ଭ ହେବ। ଏହି ପରୀକ୍ଷା ୫ଦିନ ଧରି ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହି ସମାନ ସମୟରେ ସିୟୁଇଟି- ପିଜି ପରୀକ୍ଷା ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି। ବହୁ ଦିନରୁ ସର୍ବଭାରତୀୟ ସ୍ତରରେ ସ୍ନାତକୋତ୍ତର ପଢ଼ିବାକୁ ପ୍ରସ୍ତୁତ ହେଉଥିବା ପରୀକ୍ଷାର୍ଥୀମାନେ ସମାନ ସମୟରେ ଦୁଇଟି ପରୀକ୍ଷା କିପରି ଦେବେ, ସେନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ପୂର୍ବରୁ ସିୟୁଇଟି-ପିଜି ପରୀକ୍ଷା ସୂଚୀ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ସମାନ ସମୟରେ ପରୀକ୍ଷା ରଖିବାକୁ ନେଇ ବହୁ ଛାତ୍ରଛାତ୍ରୀ ପ୍ରଶ୍ନ ଉଠାଇଛନ୍ତି। ବିଶ୍ୱବିଦ୍ୟାଳୟ ସେମିଷ୍ଟାର ପରୀକ୍ଷାକୁ ଘୁଞ୍ଚାଇବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟାର ଥିଓରୀ ପରୀକ୍ଷା ଆସନ୍ତା ୨୨ତାରଖରୁ ୩୦ ତାରିଖ ଯାଏଁ ଚାଲିବ। ସେହିପରି ପ୍ରକ୍ଟିକାଲ ପରୀକ୍ଷା ଏପ୍ରିଲ ୨ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପୋଖରୀରେ ବୁଡ଼ିଗଲେ ୨ ନାବାଳକ

**ଦୋବଲ/ମଞ୍ଜୁରୀରୋଡ୍, ୫ ।୩ (ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ କୁରିଗାଁ ପଞ୍ଚାୟତ ନାଉରୀଗଡ଼ିଆ ଗ୍ରାମରେ ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ ଗ୍ରାମର ଅଲେଖ ବିଶ୍ୱାଳଙ୍କ ପୁଅ ହେମନ୍ତ ଓ ବାସୁଦେବ ବିଶ୍ୱାଳଙ୍କ ପୁଅ କାର୍ତ୍ତିକ, ଅନ୍ୟ ଜଣେ ସାଙ୍ଗ ସହିତ ମିଶି ଧାମନଗର ଥାନା ଅଧୀନ ଗୋହିରାଟିକିରି ମଠ ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତିନି ସାଙ୍ଗ ଗାଧୋଇବା ବେଳେ କାର୍ତ୍ତିକ ଓ ହେମନ୍ତ ପୋଖରୀ ଭିତରେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗଜଣଙ୍କ ସେଠାରୁ ଦୌଡ଼ି ଆସି ମଠରେ ଥିବା ଲୋକମାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସଙ୍ଗେସଙ୍ଗେ ଗ୍ରାମବାସୀ ପୋଖରୀ ନିକଟରେ ପହଞ୍ଚି ଦୁଇଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ତହସିଲଦାର, ପୁଲିସ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଦୁଇ ନାବାଳକଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଦ୍ୱୟ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳି ଯାଇଛି।






## ମୀନା କିସାନ ହତ୍ୟାକାଣ୍ଡ ଉପରୁ ହଟିଲା ପରଦା

# ପ୍ରେମିକ ସମେତ ୪ ଗିରଫ

**ଦେବଗଡ଼,୫ ।୩(ସମିସ):** ଦେବଗଡ଼ ଜିଲ୍ଲା ମଧ୍ୟପୁର ଗ୍ରାମରେ ମୀନା କିସାନ ହତ୍ୟାକାଣ୍ଡ ଉପରୁ ପରଦା ହଟାଇଛି ରିଆମାଳ ଥାନା ପୁଲିସ। ଏହି ଘଟଣାରେ ପୁଲିସ ମୃତ ମହିଳା

- **ପ୍ରମାଣ ନଷ୍ଟ ପାଇଁ ଖେଳ ପଡ଼ିଆରେ ପୋତିଥିଲେ ଶବ**
- **ଚରିତ୍ର ସନ୍ଦେହରେ ତଣ୍ଟିଚିପି ହତ୍ୟା କରିଥିଲା ପ୍ରମୋଦ**

ମୀନାଙ୍କ ପ୍ରେମିକ ପ୍ରମୋଦ କିସାନ ସହ ମୋଟ ୪ଜଣଙ୍କୁ ଗିରଫ କରିଛି। ଅନ୍ୟ ୩ ଅଭିଯୁକ୍ତ ହେଲେ, ପ୍ରମୋଦଙ୍କ ବାପା କେଶବ, ସମ୍ପର୍କୀୟ ଗୁରୁଚରଣ ଓ ତାଙ୍କ ପୁଅ ପ୍ରଦୀପ। ଚରିତ୍ରକୁ ସନ୍ଦେହ କରି ମୀନାଙ୍କୁ ପ୍ରମୋଦ ହତ୍ୟା କରିଥିବା ବେଳେ ବାକି ଅଭିଯୁକ୍ତମାନେ ପ୍ରମାଣ ଲୁଚାଇବା ପାଇଁ ପ୍ରମୋଦଙ୍କ ସହ ମିଶି ମୃତଦେହକୁ ପୋତି ଦେଇଥିଲେ। ଦେବଗଡ଼ ଏସ୍‌ପି ରାମପ୍ରସାଦ ସାହୁ ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଗରଖୋଲ ଗ୍ରାମର ସୁବନ କିସାନଙ୍କ ଝିଅ ମୀନା କିସାନ କିଛି ବର୍ଷ



ତଳେ ସେହି ଥାନା ଅନ୍ତର୍ଗତ ବଳମ ଗ୍ରାମର ଦାଶରଥି କିସାନଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ସନ୍ତାନ ମଧ୍ୟ ରହିଛି। କିନ୍ତୁ ଏହା ପରେ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ବେଶ୍ ଭଲ ଚାଲିନଥିଲା। ଏହା ଭିତରେ ସଂପର୍କୀୟ ପ୍ରମୋଦ ସହ ମୀନାଙ୍କ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। କିଛି ଦିନ ପରେ ସ୍ୱାମୀ ଓ ସନ୍ତାନକୁ ଛାଡ଼ି ମୀନା ପ୍ରମୋଦଙ୍କ ସହ ଅନ୍ୟତ୍ର ରହି ଆସୁଥିଲା। ପ୍ରଥମେ ପ୍ରଥମେ କିଛି ଦିନ ଭଲରେ ବିତିବା ପରେ ମୀନାଙ୍କ ଚରିତ୍ରକୁ ନେଇ ପ୍ରମୋଦ ସନ୍ଦେହ କରିଥିଲେ। ପ୍ରମୋଦ ଜଣେ ଟ୍ରକ୍ ଚାଳକ ଭାବେ କାମ କରୁଥିବାରୁ ଅଧିକାଂଶ ସମୟ ଘର ବାହାରେ ରହେ। ତେଣୁ ତା' ଅନୁପସ୍ଥିତିରେ ମୀନା ଅନ୍ୟ ଯୁବକଙ୍କ ସହ କଥା ହେଉଛି ବୋଲି ପ୍ରମୋଦ ସନ୍ଦେହ କରିଥିଲା। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଅନେକଥର ବଚସା ମଧ୍ୟ ହୋଇଥିଲା। କିନ୍ତୁ ମୀନାଙ୍କ ହାବଭାବ ଓ ଫୋନ୍‌ରେ ଅଧିକ ସମୟ ଧରି ବାର୍ତ୍ତାଳାପ ଯୋଗୁଁ ପ୍ରମୋଦର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଗତ ଫେବୃଆରୀ ୨୨ତାରିଖ ଦିନ ପ୍ରମୋଦ ମଧ୍ୟପୁର ଗ୍ରାମକୁ ଆସିଥିବା ବେଳେ ମୀନାକୁ ଅନ୍ୟ ଯୁବକଙ୍କ ସହ ଫୋନରେ କଥା ହେଉଥିବା ଦେଖି ବାରଣ କରିଥିଲା। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୀନାଙ୍କୁ ହତ୍ୟା କରିବା ପାଇଁ ମନେମନେ ସ୍ଥିର କରିନେଇଥିଲା। ସେହିଦିନ ରାତିରେ ଖିଆପିଆ ସାରି ଉଭୟ ଶୋଇବାକୁ ଯାଇଥିଲେ। ମୀନାଙ୍କୁ ନିଦ ହୋଇଯିବା ପରେ ପ୍ରମୋଦ ଏକ ଶାଲ ଯୋଗେ ମୀନାଙ୍କ ତଣ୍ଟି ଚିପି ହତ୍ୟା କରିଥିଲା। ପରେ ପ୍ରମାଣ ଲୁଚାଇବା ପାଇଁ ବାପା କେଶବ, ସମ୍ପର୍କୀୟ ଗୁରୁ ଚରଣ ଓ ତାଙ୍କ ପୁଅ ପ୍ରଦୀପଙ୍କ ସହ ମିଶି ମୃତଦେହକୁ ନିକଟସ୍ଥ ଖେଳ ପଡ଼ିଆରେ ପୋତି ଦେଇଥିଲା।

ଗତ ୧ ତାରିଖ ଦିନ କିଛି ବୁଲା କୁକୁର ମୃତଦେହକୁ ଗାତରୁ ଟାଣି ଖାଉଥିବା ଦେଖି ସ୍ଥାନୀୟ ସରପଞ୍ଚ ଏମର୍ଶନ ହେମ୍ରାମ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ପରଦିନ ମୃତଦେହ ଜବତ କରି ବ୍ୟବଚ୍ଛେଦଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରଦିନ ମୃତ ମୀନାର ପରିଚୟ ପୁଲିସ ଖୋଜି ପାଇବା ପରେ ମୀନାର ମା' ଜାନକୀ ମୃତଦେହ ଚିହ୍ନଟ କରିବା ସହ ତାଙ୍କ ଝିଅକୁ କେହି ହତ୍ୟା କରି ପୋତି ଦେଇଥିବା ନେଇ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ସାହୁଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# କପିଳାସରେ ଭୋର ୪.୧୫ରେ ଉଠିବ ମହାଦୀପ

**ଗଁଦିଆ, ୫।୩ (ସମିସ):** ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ କପିଳାସରେ ବିରାଜିତ ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖରଙ୍କ ମହାଶିବରାତ୍ରି ଓ ଜାଗର ପର୍ବ ପାଳନ ନିମନ୍ତେ ଜିଲ୍ଲା ଦେବୋତ୍ତର ବିଭାଗ ପକ୍ଷରୁ ପୂଜାନୀତି କାର୍ଯ୍ୟ ନିର୍ଘଣ୍ଟ ସ୍ଥିରୀକୃତ କରାଯାଇଛି। ପ୍ରତିଦିନ ପରି ମହାଶିବରାତ୍ରି ଦିନ ମଧ୍ୟ ସକାଳୁ ସମସ୍ତ ନୀତିକାନ୍ତି କାର୍ଯ୍ୟ ସଂପୂର୍ଣ୍ଣ ପରେ ସନ୍ଧ୍ୟା ସମୟରେ ଠାକୁରଙ୍କ ଜାଗର ପର୍ବ ପୂଜାବିଧି ଆରମ୍ଭ ହେବ। ପୂଜାପଣ୍ଡାଙ୍କ ଦ୍ୱାରା ସନ୍ଧ୍ୟାଧୂପ ଆଳତି ପରେ ୭ଟାରୁ ସାଢ଼େ ୮ଟା ମଧ୍ୟରେ ଠାକୁରଙ୍କ ୪ପୂଜା ଅନୁଷ୍ଠିତ ହେବ। ରାତି ୧୦ଟାରୁ ୧ଟା ମଧ୍ୟରେ ରାଜ ପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ପ୍ରଥମେ ଠାକୁରଙ୍କ ବରଣ କାର୍ଯ୍ୟ ସମ୍ପନ୍ନ ଓ ପୁରୋଧାଙ୍କ ଦ୍ୱାରା ୪ପୂଜା ସମ୍ପନ୍ନ ପରେ ପ୍ରଥମ ରାଜଦର୍ଶନ କାର୍ଯ୍ୟ ଅନୁଷ୍ଠିତ ହେବ। ରାତି ୩ଟାରେ ରାଜ ପୁରୋଧା ଓ ସମସ୍ତ ପୂଜକଙ୍କ ଦ୍ୱାରା ମିଳିତ ଭାବରେ ଠାକୁରଙ୍କ ମହାରୁଦ୍ରାଭିଷେକ କାର୍ଯ୍ୟ ସମ୍ପନ୍ନ ହେବ। ସେହିପରି ରାତି ୩ଟାଠାରୁ ୩.୫୦ ମଧ୍ୟରେ ଠାକୁରଙ୍କ ମହାସ୍ନାନ ଓ ନାଗଭରଣ ବେଶ ଏବଂ ପଞ୍ଚବକ୍ତ୍ର ପୂଜା ରାଜପୁରୋଧାଙ୍କ ଦ୍ୱାରା ସମ୍ପନ୍ନ ହେବ। ଏହା ପରେ ରାଜା ସାହେବଙ୍କ ଦ୍ୱାରା ନାଗଭରଣ ବେଶ ଦର୍ଶନ ଓ ସେବା କାର୍ଯ୍ୟ ସମ୍ପାଦନ ହେବ। ରାତ୍ରି ୩.୫୫ରେ ପୂଜା ପଣ୍ଡାଙ୍କ ଦ୍ୱାରା ବେଢ଼ା ପୂଜା ଓ ପରିକ୍ରମା ପରେ ୪.୧୫ରେ ପାଳିଆ ପୂଜାଙ୍କ ଦ୍ୱାରା ମହାଦ୍ୱୀପ ଉଠିବ। ପୂଜାପଣ୍ଡାଙ୍କ ଦ୍ୱାରା ୪.୨୫ ରେ ହରିହର ଭେଟ କାର୍ଯ୍ୟ ସମ୍ପନ୍ନ ହେବ। ୪.୩୦ରୁ ୪.୫୦ ମଧ୍ୟରେ ପୂଜା ପଣ୍ଡାଙ୍କ ଦ୍ୱାରା ଠାକୁରଙ୍କ



ନିତ୍ୟଧୂପ ଓ ପହଡ଼ କାର୍ଯ୍ୟ ଅନୁଷ୍ଠିତ ହେବ। ରାତ୍ରି ୪.୫୦ ମିନିଟରେ ଠାକୁରଙ୍କ ଯୋଗନିଦ୍ରା ଭଙ୍ଗ, ୫.୫୦ ରେ ଯୋଗୀମାନଙ୍କ ଦ୍ୱାରା ଠାକୁରଙ୍କ ଯୋଗୀବେଶ ଅନୁଷ୍ଠିତ ହେବ। ସକାଳ ୫.୦୫ ମିନିଟରେ ପୂଜକମାନଙ୍କ ଦ୍ୱାରା ମନ୍ଦିର ସଫେଇ ଓ ଠାକୁରଙ୍କ ମାଘସ୍ନାନ ପରେ ଜୟମଙ୍ଗଳ ଆରତ୍ରୀକ ତଥା ଅନ୍ୟାନ୍ୟ ନିତ୍ୟଧୂପ ଆଦି କାର୍ଯ୍ୟ ଯଥାବିଧି ପାଳନ କରାଯିବ ବୋଲି ସ୍ଥିରୀକୃତ ହୋଇଛି।

# ଓଏଏସ୍ ସ୍ତରରେ ଅଦଳ ବଦଳ

**ଭୁବନେଶ୍ୱର, ୫ ।୩ (ସମିସ):** ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଅଦଳବଦଳ ହୋଇଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ତଥା ବରିଷ୍ଠ ଓଏଏସ୍ ଯୁଗଳେଶ୍ୱରୀ ଦାସଙ୍କୁ ରାଜ୍ୟ ଇଏସ୍‌ଆଇ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ରାଜସ୍ୱ ଅଫିସର ପ୍ରଶିକ୍ଷଣ ପ୍ରତିଷ୍ଠାନ(ରୋଟି)ର ନିର୍ଦ୍ଦେଶକ ଭାବେ ଗତ ୨୨ତାରିଖରେ ହୋଇଥିବା ତାଙ୍କର ବଦଳିକୁ ରଦ୍ଦ କରାଯାଇଛି। ସେହିପରି ବରିଷ୍ଠ ଓଏଏସ୍ ସୟେଦ ମହମ୍ମଦ ଅକଦାସଙ୍କୁ କଟକସ୍ଥିତ ବୋର୍ଡ ଅଫ ରେଭିନ୍ୟୁର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ କଟକରେ ଭୂ-ସଂସ୍କାର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ବରିଷ୍ଠ ଓଏଏସ୍ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ)ର ସଚିବ ଭାବେ ବଦଳି କରାଯାଇଛି। ସେ ଏବେ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି କୃଷି ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ସସ୍ମିତା ସାହୁଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଅତସୀ ଦାସଙ୍କୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଏସଆରସି ଭାବେ ବଦଳି କରାଯାଇଛି।

# ୫ ହତ୍ୟାକାରୀଙ୍କୁ ଆଜୀବନ

**କେନ୍ଦ୍ରାପଡ଼ା, ୫ ।୩ (ସମିସ):** ଏକ ହତ୍ୟା ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଆଜି ୫ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଅଧିକ ଏକ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୮ଜଣଙ୍କ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ଦଣ୍ଡାଦେଶ ପାଇଥିବା ଦୋଷୀମାନେ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସିମିଳିଆ ଗ୍ରାମର ପରୀକ୍ଷିତ ସ୍ୱାଇଁ(୬୩), ତାଙ୍କ



ପତ୍ନୀ ନଳିନୀପ୍ରଭା ସ୍ୱାଇଁ(୫୩), ପୁଅ ଶିବପ୍ରସାଦ ସ୍ୱାଇଁ(୩୯), ବ୍ୱାଇଁ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଲୋକନାଥପୁର ଗ୍ରାମର କିଶୋର କୁମାର ଜେନା(୪୨) ଓ ଧରମ ପୁଅ ପାଟକୁରା ଥାନା ଅନ୍ତର୍ଗତ ଆଇତିପୁର ଗ୍ରାମର ଦିଲ୍ଲୀପ ନାୟକ (୪୨)। ମାମଲାର ବିବରଣୀରୁ ପ୍ରକାଶ ଯେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ପରୀକ୍ଷିତ ସ୍ୱାଇଁଙ୍କ ସମେତ ୫ଜଣ ଯାକ ଗତ ୨୦୨୦ ମେ' ୨୯ ତାରିଖ ଅପରାହ୍ନରେ ସେହି ଗ୍ରାମର ଭାଗୀରଥି ସ୍ୱାଇଁଙ୍କ ପତ୍ନୀ କୁସୁମ ସ୍ୱାଇଁ, ତାଙ୍କ ପୁଅ ଦେବପ୍ରସାଦ ଏବଂ ବୋହୂ ମୀରାପ୍ରିୟଦର୍ଶିନୀଙ୍କୁ ଏକ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କୁସୁମଙ୍କର ମୃତ୍ୟୁ ଘଟିଥିଲା। ଦେବପ୍ରସାଦଙ୍କ ଗୋଟିଏ ହାତ କଟି ଯାଇଥିବା ବେଳେ ମୀରା ପ୍ରିୟଦର୍ଶିନୀଙ୍କ ପେଟରୁ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ସଂକଟାପନ୍ନ ଅବସ୍ଥାରେ ସେମାନଙ୍କୁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗ୍ରାମର ୱାର୍ଡମେମ୍ବର ଭଗବାନ ଜେନାଙ୍କ ଅଭିଯୋଗ ଆଧାରରେ ପଟ୍ଟାମୁଣ୍ଡାଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ମାମଲା ପରିଚାଳନା କରୁଥିଲେ।

# ଦୁଇ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**କେନ୍ଦୁଝର, ୫ ।୩ (ସମିସ):** କେନ୍ଦୁଝର ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏକ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ସଦର ଥାନା ଅଞ୍ଚଳର ସଞ୍ଜୟ ନାଏକ(୨୩) ଏବଂ କଳ୍ପତରୁ ମହାନ୍ତ(୨୨) ଓରଫ୍ ସିପୁନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ପଇଠ କରିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ହେଲେ ଦୋଷୀଦ୍ୱୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବେ। ମାଲାର ବିବରଣୀରୁ ପ୍ରକାଶ ଯେ ଗ୍ରାମରେ ଲକ୍ଷ୍ମୀପୂଜା ଭସାଣି ଉତ୍ସବ ଚାଲିଥିବା ବେଳେ ସଞ୍ଜୟ ଓ କଳ୍ପତରୁ ଜଣେ ନାବାଳିକାକୁ ଟେକିନେଇ ଗଛମୂଳେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ପୀଡ଼ିତାଜଣଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ପରଦିନ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ରାଜକିଶୋର ଭୂୟାଁ ମାମଲା ପରିଚାଳନା କରୁଥିଲେ।

# ଲାଞ୍ଚୁଆ ଥାନା ଅଧିକାରୀକୁ ୫ବର୍ଷ ଜେଲ୍

**ବାରିପଦା, ୫ ।୩ (ସମିସ):** ଏକ ଲାଞ୍ଚ ନେବା ମାମଲାର ବିଚାର କରି ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଡ. ପ୍ରସନ୍ନ କୁମାର ପଣ୍ଡା ମଙ୍ଗଳବାର ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲାର ତିରିଂ ଥାନାର ତତ୍କାଳୀନ ଥାନା ଅଧିକାରୀ ଶରତଚନ୍ଦ୍ର ରାୟ (୬୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ୍ ଓ ୮ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୮ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଶରତଙ୍କ ଘର ଗଞ୍ଜାମ ଜିଲ୍ଲା ବୁଗୁଡା ଅଞ୍ଚଳରେ। ସୂଚନା ଅନୁଯାୟୀ, ୨୦୧୬ ମସିହାରେ ଗୟଳକଟା ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ପୁଲିସ ମୁତୟନ କରିବାକୁ ଆୟୋଜକ ଏମଡିଏମ୍



କ୍ଲବ୍ ପକ୍ଷରୁ ତିରିଂ ଥାନାରେ ଆବେଦନ କରାଯାଇଥିଲା। ଏ ନେଇ ତତ୍କାଳୀନ ଥାନାଧିକାରୀ ଶରତ ଚନ୍ଦ୍ର ରାୟ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କ୍ଲବ୍‌ର ସଦସ୍ୟମାନେ ଏଥିରେ ଅମଙ୍ଗ ହେବାରୁ ୭ହଜାର ଟଙ୍କାରେ କଥା ଛିଡ଼ିଥିଲା। ତେବେ ଏ ସଂପର୍କରେ କ୍ଲବ୍‌ର ସଦସ୍ୟ ମନ୍ମଥ ବାସ୍କେ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ ସେହିବର୍ଷ ୭ ଡିସେମ୍ବର ୨୦୧୬ରେ ଶ୍ରୀ ରାୟ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ସଂକ୍ରାନ୍ତରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଶ୍ରୀ ରାୟଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ଶାନ୍ତନୁ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ସୀମାନ୍ତରେ ମାଓ ଦମ୍ପତି ଗିରଫ

**ମାଲକାନଗିରି, ୫ ।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ପୁଲିସ ଏକ ମାଓ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ, ସୋଡି ହିଡମା ଏବଂ ମାଡବି ମାସେ। ଉଭୟଙ୍କଠାରୁ ପୁଲିସ କିଛି ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି। ସେମାନେ ଦୀର୍ଘ ୧୨ବର୍ଷ ଧରି ମାଓ ସଙ୍ଗଠନରେ ରହି ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କୁ ଧରାଇବା ପାଇଁ ସରକାର ୫ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ମିଳିଥିବା ସୂଚନାନୁଯାୟୀ, ସୁକୁମା ଜିଲ୍ଲାର କିଷ୍ଟାରାମ ଥାନା ଅଞ୍ଚଳରେ ଠିଆବ ଜଙ୍ଗଲରେ ମାଓବାଦୀ ଲୁଚି ରହିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ସୁକୁମା ପୁଲିସ ଟିମ ସେଠାରେ ଚଢ଼ଉ କରି ତଲାସି ଅଭିଯାନ ଜାରି ରଖିଥିବା ବେଳେ ଜଣେ ମହିଳା ଓ ପୁରୁଷକୁ କାବୁ କରିଥିଲେ। ପଚରାଉଚରା ବେଳେ ସେମାନେ ଉଭୟ ସ୍ୱାମୀ ସ୍ତ୍ରୀ ଓ ମାଓ ସଙ୍ଗଠନରେ କାର୍ଯ୍ୟ କରୁଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

## ଗ୍ରାମୀଣ ଡାକ ସେବକଙ୍କ ଧର୍ମଘଟ ପ୍ରସଂଗ

# କାର୍ଯ୍ୟାନୁଷ୍ଠାନ ଉପରେ କ୍ୟାଟ୍‌ଙ୍କ ଅନ୍ତରୀଣ ରୋକ୍

**କଟକ,୫ ।୩(ସମିସ):** ଧର୍ମଘଟରେ ଅଂଶଗ୍ରହଣ କରିଥିବା ଗ୍ରାମୀଣ ଡାକ ସେବକଙ୍କ ବିରୋଧରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲ(କ୍ୟାଟ) ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଟି. ପ୍ରକାଶ ରାଓ ଓ ସୁଦର୍ଶନ ପାଣିଗ୍ରାହୀଙ୍କ ଆବେଦନର ଶୁଣାଣି କରି କ୍ୟାଟ୍ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଗ୍ରାମୀଣ ଡାକ ସେବକଙ୍କ ବିରୋଧରେ ଆରମ୍ଭ ହୋଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଉପରେ କ୍ୟାଟ ଏହି ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଅନ୍ୟପଟରେ ଏହି ମାମଲାରେ କେନ୍ଦ୍ର ସରକାର, ଓଡ଼ିଶା ସର୍କଲ ପ୍ରଧାନ ମହା ଡାକପାଳ, ବ୍ରହ୍ମପୁର ଆଞ୍ଚଳିକ ମହା ଡାକପାଳ, ବ୍ରହ୍ମପୁର ସବ୍-ଡିଭିଜନ ଡାକ ଅଧୀକ୍ଷକଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ।

ମାମଲାରୁ ପ୍ରକାଶ ଯେ ସର୍ବଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ପୂର୍ବରୁ ନୋଟିସ ଦିଆଯାଇ ଧର୍ମଘଟ ଡକରା ଦିଆଯାଇଥିଲା। ଗତ ଡିସେମ୍ବର ୧୪ ଓ ୧୫ର ସର୍ବଭାରତୀୟ ଧର୍ମଘଟରେ ସାରା ଦେଶରେ ୨ ଲକ୍ଷ ୭୦ ହଜାର ଗ୍ରାମୀଣ ଡାକ ସେବକ ଅଂଶଗ୍ରହଣ କରିଥିଲେ। ୧୬ ତାରିଖ ଦିନ ଗ୍ରାମୀଣ ଡାକ ସେବକମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ଧର୍ମଘଟରେ ବ୍ରହ୍ମପୁର ଡିଭିଜନର ଗ୍ରାମୀଣ ଡାକ ସେବକମାନେ ସାମିଲ ହୋଇଥିଲେ। ବିନା ଅନୁମତିରେ ଧର୍ମଘଟ ବେଳେ ଛୁଟିରେ ଥିବାରୁ ଡିଭିଜନର କର୍ମଚାରୀ ତଥା ଆବେଦନକାରୀଙ୍କ ସମେତ ୬ଜଣଙ୍କ ବିରୋଧରେ ଗତ ଡିସେମ୍ବର ୨୨ରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିଲା। ଡାକ ମହାନିର୍ଦ୍ଦେଶକଙ୍କ ୧୯୯୫ର ଆଦେଶନାମା ଅନୁସାରେ ଧର୍ମଘଟରେ ଶାନ୍ତିପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ନୁହେଁ। କିନ୍ତୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାରୁ ଆବେଦନକାରୀମାନେ କ୍ୟାଟରେ ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଶିଭୂଷଣ ଜେନା ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ସତ୍ୟଜିତ ବେହେରା ଓ ସ୍ୱୟଂପ୍ରଭୁ ଜେନା ସହଯୋଗ କରିଥିଲେ।



# ପ୍ରବାଦ ପୁରୁଷଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳିତ



**କୋଣାର୍କ, ୫।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ କାକଟପୁର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଅସ୍ତରଙ୍ଗରୁ କୋଣାର୍କ ବିଶାଳ ବାଇକ୍ ଶୋଭାଯାତ୍ରାରେ ଆସି ସୁରେନ୍ଦ୍ର ସେଠୀ ଚନ୍ଦ୍ରଭାଗାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ, କୋଣାର୍କ ଏନ୍‌ଏସି, ଗୋପ ବ୍ଲକ ଓ କାକଟପୁର ବ୍ଲକର ହଜାର ହଜାର ସଂଖ୍ୟାରେ ବିଜେଡି ପୁରୁଖା ନେତା ଓ ବିଜେଡିକର୍ମୀ ବାଇକ୍ ଶୋଭାଯାତ୍ରାରେ ବାହାରି ଚନ୍ଦ୍ରଭାଗାସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ବିଜେଡି ନେତା ସାଇ ରଞ୍ଜନ ପ୍ରଧାନ, କୋଣାର୍କ ଏନ୍‌ଏସି ବିଜେଡି ନେତା ବିମ୍ବାଧର ବେଉରା, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ କୁମାର ପାତ୍ର, କାକଟପୁର ବ୍ଲକର ବରିଷ୍ଠ ବିଜେଡି ନେତା ପ୍ରମୋଦ କିଶୋର ଦାସ, ଦେଓ୍ୱଳୀ ସମିତି ସଭ୍ୟ ଭକ୍ତ ଦାସ, ସୋରଭା ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ସ୍ୱାଇଁ, କାଦୁଆ-ନୂଆଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା, ଯୁବ ନେତା କାର୍ତ୍ତିକ ମଲ୍ଲିକ, ଯୁବନେତା କୃଷ୍ଣଚନ୍ଦ୍ର ବେହେରା, ବାଙ୍ଗୁରିଗାଁ ସରପଞ୍ଚ ପ୍ରାର୍ଥ ବେହେରାଙ୍କ ସମେତ ଦୁଇ ହଜାରରୁ ବିଜେଡି କର୍ମୀ ଯୋଗଦାନ କରିଥିଲେ। ଏହି ଅବସରରେ ଶ୍ରୀ ସେଠୀ କୋଣାର୍କ ନବଗ୍ରହ ଓ ସୂର୍ଯ୍ୟମନ୍ଦିର ପରିସରରେ ଭିକ୍ଷକମଙ୍କୁ ଫଳ ବଣ୍ଟନ କରିଥିଲେ।

**ଗୋପ:** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଶହ ଶହ କର୍ମୀଙ୍କୁ ନେଇ ବେଗୁନିଆଁ ଛକ ଠାରୁ ସାଇକଲ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା



କୁଶୁପୁର ସ୍ଥିତ ଶୁଭପ୍ରଭା କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାଶ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ନଗର ବିଜୁ ଜନତା ଦଳ ସଭାପତି ଜୀବନାନନ୍ଦ ମହାପାତ୍ର, ଗୋପ ବ୍ଲକ ଯୁବ ସଭାପତି ନିରଞ୍ଜନ ଶଗଡ଼ିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝୁନୁ ମଲ୍ଲିକ୍, ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ସାକ୍ଷୀଗୋପାଳ:** ବିଜୁବାବୁଙ୍କ ୧୦୮ ତମ ଜନ୍ମ ଦିବସରେ ସତ୍ୟବାଦୀ ବ୍ଲକର ସଦଭାବନା ଗୃହ ପରିସରରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଲିପ୍ସା ରାୟ, ଏବିଡିଓ ସଲିଲ କୁମାର ଦାଶ, ଏପିଓ ସନ୍ତୋଷ କୁମାର ନାୟକ ଯୋଗ ଦେଇ ବିଜୁବାବୁ କିପରି ପଞ୍ଚାୟତରାଜରେ



ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଥିଲେ ମତ ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ପଣ୍ଡା କହିଥିଲେ ବିଜୁବାବୁ ପଞ୍ଚାୟତର କ୍ଷମତା ଯେପରି ନିର୍ବାଚିତ ସରପଞ୍ଚଙ୍କ ହାତକୁ ଦେଇଥିଲେ ତାଙ୍କର ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ପାଦେ ଆଗେଇ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା, ନରେନ୍ଦ୍ରପୁର ସରପଞ୍ଚ ଗୌରାଙ୍ଗ ମଲିକ, ସମିତିସଭ୍ୟା ଝରଣା ମଲିକ, ଆଳିସ ପଞ୍ଚାୟତର ସମିତିସଭ୍ୟ ବିପିନି କୁମାର ବେହେରା, ଅଲଗୁମ ପଞ୍ଚାୟତର ସମିତିସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ବୀରରାମଚନ୍ଦ୍ରପୁର ସମିତିସଭ୍ୟ କିଶୋର ଭୋଇ, ରାୟଖଣ୍ଡୀ ସମିତିସଭ୍ୟା ରମାମଣି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟବାଦୀ ବ୍ଲକର ଜିପିଓ ସୌଭାଗ୍ୟ ରଞ୍ଜନ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ସାକ୍ଷୀଗୋପାଳ:** ବିଜୁବାବୁଙ୍କ ୧୦୮ ତମ ଜୟନ୍ତୀ ଅବସରରେ ପଟ୍ଟନାୟିକିଆ ସ୍ଥିତ ନଡିଆ ଫାର୍ମ ପରିସରରେ ଥିବା ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟଙ୍କ ସଭାପତିତ୍ୱରେ ସଭା ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଯୋଗ ଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାପାତ୍ର, ଶୁକଳ ସମିତିସଭ୍ୟ ଜଳନ୍ଧର ସେଠୀ, ନରେନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ପ୍ରଶାନ୍ ମହାପାତ୍ର, ନରେନ୍ଦ୍ରପୁର ସରପଞ୍ଚ ଗୌରାଙ୍ଗ ମଲିକ, ସମିତିସଭ୍ୟା ଝରଣା ମଲିକ, ଆଳିସ ପଞ୍ଚାୟତର ସମିତିସଭ୍ୟ ବିପିନି କୁମାର ବେହେରା, ଅଲଗୁମ ପଞ୍ଚାୟତର ସମିତିସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ବୀରରାମଚନ୍ଦ୍ରପୁର ସମିତିସଭ୍ୟ କିଶୋର ଭୋଇ, ରାୟଖଣ୍ଡୀ ସମିତିସଭ୍ୟା ରମାମଣି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

**ନିମାପଡ଼ା:** ନିମାପଡ଼ା ବିଜେଡି କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିରେ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମେତ ବିଭିନ୍ନ ଜନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବା ପରେ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ସାଇକଲ ରାଲି ବାହାରି ନିମାପଡ଼ା ବଜାର ପରିକ୍ରମା କରି ଶ୍ରୀମୁଖ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟର୍ପଣ ପରେ ସେଠାରେଥିବା କଲ୍ୟାଣ ମଣ୍ଡପରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ନାରୀନେତ୍ରୀ କୌଶଲ୍ୟା ସାହୁ, ଏନଏସି ଉପାମ୍ରକ୍ଷ ସନ୍ତୋଷ ଦାଶ, ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ପୁର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ପୁର୍ବତନ ସମିତିସଭ୍ୟ ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ, ବ୍ଲକ ଯୁବ ସଭାପତି ରାକେଶ ବେହେରା, ନଗର ଯୁବ ସଭାପତି ସତ୍ୟଜିତ ଆଚାର୍ଯ୍ୟ, ଯୁବନେତା ସାଇପ୍ରିତମ ପଟ୍ଟନାୟକ, ବିଶ୍ୱଜିତ ସ୍ୱାଇଁ, କୁମାର ସୋମେନ, ଷ୍ଟାଲିନ ଦାଶ, ସତ୍ୟପ୍ରିୟ ନାୟକ, ମନମୋହନ ରାଉତରାୟ, ଶିବ ପ୍ରସାଦ ସାହୁ, ବବୁଲଙ୍କ ସମେତ ବହୁ ଯୁବକର୍ମୀ ଯୋଗ ଦେଇଥିଲେ।

**ପିପିଲି:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନକୁ ପିପିଲିରେ ପାଳନ କରାଯାଇଛି। ପିପିଲିରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଥିବା ତ୍ୟାଗ ବଳିଦାନ ଏବଂ ଜୀବନ ବ୍ୟାପୀ ଉତ୍ସର୍ଗୀକୃତ ସାଧନା ସମ୍ପର୍କରେ କହିଥିଲେ। ଏହାପରେ ପିପିଲି ବିଜୁ ଜନତା ଦଳ



କାର୍ଯ୍ୟାଳୟ ପରିସରରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ 'ମୋ ପରିବାର'ଅଧ୍ୟକ୍ଷ ଅରୁପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ଯୁବ, ମହିଳ, ଛାତ୍ରଙ୍କ ସହିତ ସାଧାରଣଲୋକେ ରକ୍ତଦାନ କରିଥିଲେ। ରକ୍ତଦାନ ଶିବରରେ ୧୦୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ଧର୍ମପତ୍ନୀ ଜାଗୃତି ମହାରଥୀ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଶୁଶାନ୍ତ ମଲ୍ଲିକ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ପୁରୀ ଜିଲ୍ଲା ଯୁବ ବିଜେଡ଼ି ସଭାପତି ନାରାୟଣ ସ୍ୱାଇଁ, ବିଜେଡ଼ି ନେତା ବିରଜା ପ୍ରସାଦ ପଟ୍ଟନାୟକ, ବିଜେଡ଼ି ଜିଲ୍ଲା ଉପସଭାପତି ଦେବାଶିଷ ନନ୍ଦ, ଡ଼େଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ବ୍ଲକ ଅଧ୍ୟକ୍ଷା ବାସନ୍ତି ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଯୁବ ବିଜେଡ଼ି ନେତା ମନୋଜ ଦାଶ, ବିଶ୍ୱଜିତ ଦାଶ, ସତ୍ୟଜିତ ରାୟ ଚୌଧୁରୀ, ଆଶିଶ ବରାଳ, ପିପିଲି ବ୍ଲକ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ମଙ୍ଗଳପୁର ପଞ୍ଚାୟତ ସମ୍ପାଦିକ ଅନୁପମା ପ୍ରଧାନ, ଯୁବ ବିଜେଡ଼ି ନେତା ସୌମ୍ୟ ରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ମହିଳା ଏବଂ ପୁରୁଷ କର୍ମିମାନେ ଯୋଗ ଦେଇଥିଲେ। ପୁରୀ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

**ଡେଲାଙ୍ଗ:** ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ହାଟବଜାର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତି ମୂର୍ତ୍ତିରେ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥି ପୁଷ୍ପମାଲ୍ୟାର୍ପଣ କରିବା ସହିତ ଡେଲାଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବିତରଣ କରିଥିଲେ। ଏହି ଅବସରରେ ଡେଲାଙ୍ଗ -କୋଠବାଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପରିଷଦ ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସମବାୟବିତ୍ ଚିତ୍ରସେନ ନିଶଙ୍କ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ନରେନ୍ଦ୍ର ପରିଡ଼ା, ପୂର୍ବତନ ଆମ୍ବାର ଅଧ୍ୟକ୍ଷ ସୁଧାକର ମାର୍ଥା, ମହିଳା ମିଶନ ଶକ୍ତି ସଭାନେତ୍ରୀ ପ୍ରତିମା ଦାସ, ବରିଷ୍ଠ କର୍ମୀ ରତ୍ନାକର ଜେନା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଅଧୁନିକ ଓଡ଼ିଶା ଗଠନ ସମ୍ପର୍କରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ। ପ୍ରାକ୍ତନ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ଞାନରଞ୍ଜନ ବାହିନୀପତି, ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ମହମ୍ମଦ ଇର୍ସାଦ୍, ସୌମେନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ସମର୍ଥକ ମାନେ ଯୋଗ ଦେଇଥିଲେ।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଏବଂ ପଞ୍ଚାୟତରାଜ ଦିବସ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ସିଡିଏ ପାର୍କ ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମୁଖ୍ୟାଳୟ ତଥା ମୁଖପାତ୍ର ସଞ୍ଜୟ କୁମାର ଦାସବର୍ମା ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ ଙ୍କ ସଭାପତିତ୍ୱରେ ସଭା ଆୟୋଜନ କରାଯାଇଥିଲା। ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ସର୍ବଦା ଆମକୁ ଲୋକଙ୍କ ସେବା ପାଇଁ ଅନୁପ୍ରେରିତ କରିବ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। କୃଷ୍ଣପ୍ରସାଦ ବ୍ଲକ



ବରିଷ୍ଠ ନେତା ରମେଶଚନ୍ଦ୍ର ପଲେଇ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ପ୍ରମୋଦ କୁମାର ସାମଲ, ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ସଭାପତି ଲକ୍ଷ୍ମୀଧର ସାହୁ, ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ସନ୍ଦିପ କୁମାର ଜେନା, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଉପାଧ୍ୟକ୍ଷ ଶକୁନ୍ତଳା ଗଡ୍ଡୁ, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଯୁବ ଜନତା ଦଳ ସଭାପତି ଦିଲ୍ଲିପ ରଣସିଂହ, ବିଜୁ ଜନତା ଦଳ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ପୂର୍ଣ୍ଣଚନ୍ଦ୍ର ଗଡ୍ଡୁ, ପ୍ରଫୁଲ୍ଲ ଜେନାଙ୍କ ସମେତ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।



ମୋର ବିଶ୍ୱାସ ଯେ ବିଜ୍ଞାନର ନିୟମ ଦ୍ୱାରା ହିଁ ସୃଷ୍ଟି ପରିଚାଳିତ। ଏହି ନିୟମ ଭଗବାନଙ୍କ ଇଚ୍ଛାରେ ହୋଇପାରିଥାଏ, ଯେଉଁଥିରେ ସେ କେବେ ହସ୍ତକ୍ଷେପ କରନ୍ତି ନାହିଁ।
-ଷ୍ଟିଫେନ୍ ହକିଙ୍ଗ



ସକାଳ
THE SAKALA

## ଚଣ୍ଡିଖୋଲ ବିଶାଳ ଜନସଭାରେ ଓଡ଼ିଶା ବିକାଶର ପ୍ରଶଂସା

# ବିକାଶ ହିଁ ଆଜିର ଓଡ଼ିଶାର ବାସ୍ତବିକ ପରିଚୟ

ବିକାଶ ଓଡ଼ିଶାର ନୂଆ ପରିଚୟ। ଏହା ଏକ ରାଜନୈତିକ ସ୍ଲୋଗାନ ନୁହେଁ; ବରଂ ଏକ ବାସ୍ତବତା। ଏକଥା ଦୃଢ଼ତାର ସହିତ ସ୍ୱଙ୍ଗ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲରେ ଆୟୋଜିତ ଏକ ସାଧାରଣ ସଭାରେ। ନୂଆ ଓଡ଼ିଶାର ବିକାଶ ପୁରୁଷ ଭାବେ ପରିଗଣିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ଏତିକି କହିନାହାନ୍ତି; ସେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ଆହୁରି ଅନେକ କିଛି କାମ କରିବାର ରହିଛି। ଜଣେ ସୁଶାସକ ଓ ପ୍ରଜାବତ୍ସଳ ନେତା ନିର୍ଦ୍ଦିଷ୍ଟ ପର୍ଯ୍ୟାୟର ବିକାଶରେ ଆତ୍ମସନ୍ତୋଷ ଲାଭ କରନ୍ତି ନାହିଁ। ଆଗକୁ ବଢ଼ିବା, ଲୋକଙ୍କୁ ଓ ରାଜ୍ୟକୁ ଆଗକୁ ବଢ଼ାଇବାର କ୍ଷୁଧା ତାଙ୍କ ଭିତରେ ଲଗାତାର ଜାରି ରହିଥାଏ। ନବୀନବାବୁଙ୍କ ଉକ୍ତିରୁ ସେହି ବିଚାରର ଧାରଣା ସ୍ପଷ୍ଟ ବାରି ହୋଇପଡୁଛି। ୨୦୦୦ ମସିହାର ଓଡ଼ିଶା ଓ ଆଜିର ଓଡ଼ିଶା ମଧ୍ୟରେ ଆକାଶ ପାତାଳ ଫରକ ଘଟିଛି, ଏ କଥା କିଏ ନ ଜାଣେ। ନିଜେ ପ୍ରଧାନମନ୍ତ୍ରୀ ଏହା ସ୍ୱୀକାର କରିଛନ୍ତି। ତା'ଭିତରେ ୨୪ ବର୍ଷ ଧରି ନିରଙ୍କୁଶ ଭାବେ ନବୀନ ବାବୁ କ୍ଷମତାରେ ରହି ରାଜ୍ୟକୁ ବହୁମୂଲ୍ୟ ରାଜନୈତିକ ସ୍ଥିରତା ଦେଇ ଆସିଛନ୍ତି। ଆଉ ସେହି ରାଜନୈତିକ ସ୍ଥିରତା ହିଁ ଆଣିଛି ବିକାଶର ମହାପର୍ବ, ଯାହା ଓଡ଼ିଶାର ପରିଚୟ ବଦଳାଇଛି। ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି ଉଲ୍ଲେଖନୀୟ ହେବା ସହିତ ସବୁବର୍ଗର ଲୋକେ ଏହାର ସୁଫଳ ପାଉଛନ୍ତି।

ଚଣ୍ଡିଖୋଲ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ୨୦ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି। ଏହା ନିଶ୍ଚିତ ଭାବେ ବିକଶିତ ଭାରତ ନିର୍ମାଣରେ ବିଶେଷ ଅବଦାନ ରଖିବ ବୋଲି ସେ କହିଛନ୍ତି। ଓଡ଼ିଶା ବିକଶିତ ଭାରତର ପ୍ରବେଶ ଦ୍ୱାର ହେବ ବୋଲି ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ତା' ପଛରେ ସେ ଦେଖିଥିବା ଏକ ଦ୍ରୁତ ବିକାଶଶୀଳ ଓଡ଼ିଶାର ଚିତ୍ର ରହିଛି। ନୂଆ ଓଡ଼ିଶାରୁ ସେ ଭବିଷ୍ୟତର ପ୍ରେରଣା ଦେଶ ପାଇଁ ନେଉଛନ୍ତି ବୋଲି ମନେ ହୁଏ। ଓଡ଼ିଶା ପୂର୍ବ-ଭାରତର ଏକ ମାନୁଫାକଚରିଂ କେନ୍ଦ୍ର ହେବା ଘେନି ମୁଖ୍ୟମନ୍ତ୍ରୀ ଏହି ସଭାରେ ତାଙ୍କ ଭାଷଣରେ ଯେଉଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି, ସେଥିରେ ରହିଛି ଉତ୍ତମ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁଯୋଗର ବିକାଶର ଅମୂଲ୍ୟ ଅଭିଜ୍ଞତା। ଏକ ବିକଶିତ ଭାରତ ପାଇଁ ଦରକାର ପଡୁଥିବା ମୌଳିକ ଢାଞ୍ଚା ନିର୍ମାଣ କାର୍ଯ୍ୟ ଓଡ଼ିଶାରେ ଆରମ୍ଭ ହୋଇଯାଇଛି। ଏ କଥା ଉଭୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବାରି ହେଉଥିଲା।

ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ଓଡ଼ିଶାର ଭିତ୍ତିଭୂମି କ୍ଷେତ୍ରର ଯେଉଁ ପରିବର୍ତ୍ତନର ଯାତ୍ରାପଥ ରେଖାଙ୍କିତ କରିଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ଏଥିରେ ରହିଛି ଉଭୟ ସାମାଜିକ ଓ ଭୌତିକ ଭିତ୍ତିଭୂମି। ଏହି ଦୁଇ ଭିତ୍ତିଭୂମି ବିକାଶ ବିନା ଏକ ବିକଶିତ ରାଜ୍ୟ ଓ ଦେଶର ପରିକଳ୍ପନା ଚିନ୍ତା କରାଯାଇ ନ ପାରେ। ଭାରତରେ ଅଧିକ ବାହ୍ୟ ପୁଞ୍ଜି ନିବେଶ ଆକର୍ଷଣ କରୁଥିବା ପ୍ରଦେଶମାନଙ୍କ ମଧ୍ୟରେ ଓଡ଼ିଶା ଏବେ ଦ୍ୱିତୀୟ ସ୍ଥାନରେ ରହିଛି। ମୁଖ୍ୟମନ୍ତ୍ରୀଙ୍କର ଏହି ଉକ୍ତି ପ୍ରମାଣିତ କରୁଛି ଯେ ଆମ ରାଜ୍ୟର ଅର୍ଥନୈତିକ ପରିବେଶ ଏବେ ପୁଞ୍ଜିନିବେଶ ପାଇଁ ଉତ୍କୃଷ୍ଟ। ଏହି ସଫଳତା ବିନା ପରିଶ୍ରମରେ ମିଳେନାହିଁ ଏବଂ ଏଥିପାଇଁ ଚିନ୍ତନ, ଯୋଜନା, କାର୍ଯ୍ୟକ୍ରମର ରୂପାୟନ ତଥା ଉତ୍ତମ ରାଜନୈତିକ ତଥା ପ୍ରଶାସନିକ ମାନବ ସମ୍ବଳ ଅପରିହାର୍ଯ୍ୟ। ସୁଖରକଥା ସେ କାମ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସୁରୁଖୁରୁରେ ଚାଲିଛି। 'ମିଶନ ଶକ୍ତି'ର ସଭ୍ୟା ମା'ମାନେ ସଫଳ ଉଦ୍ୟମିତା ପ୍ରଦର୍ଶନ କରି ଏବେ ଔଦ୍ୟୋଗୀକରଣ ଆଡ଼କୁ ଆଗେଇ ଆସିବା ରାଜ୍ୟର ଅନୁକୂଳ ବାତାବରଣକୁ ପ୍ରମାଣିତ କରୁଛି।

ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ବିକାଶ ପାଇଁ କେନ୍ଦ୍ରର ସହାୟତା ଏବଂ ସହଯୋଗ ଲୋଡ଼ା। ଓଡ଼ିଶାର ୪.୫ କୋଟି ଲୋକଙ୍କ ବିକାଶ ତଥା କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ କାମନା କରି ସେ ଯଥାର୍ଥ ଶିଷ୍ଟାଚାର ପ୍ରଦର୍ଶନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ। ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଭାରତକୁ ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଶକ୍ତିରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମକୁ ମଧ୍ୟ ସେ ଖୋଲା ପ୍ରଶଂସା କରିଛନ୍ତି। ୧୯୯୦ରେ ବିଜୁବାବୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଶୁଭ ଦେଇଥିଲେ। ଆଜି ୩୪ ବର୍ଷ ପରେ ଏହା ପୂର୍ବ ଭାରତର ଏକ ପ୍ରମୁଖ ଶିଳ୍ପାଞ୍ଚଳରେ ପରିଣତ ହେବା ଏବଂ ତାଙ୍କ ଜୟନ୍ତୀରେ ସେ ନିର୍ମାଣ କରିଥିବା ପାରାଦ୍ୱୀପ ବନ୍ଦର ଓ ଏକ୍ସପ୍ରେସ ସଡ଼କର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ ହେବା ନିଶ୍ଚିତ ଏକ ଆନନ୍ଦଦାୟକ ଘଟଣା। ସମ୍ପ୍ରତି ପାରାଦ୍ୱୀପ ବନ୍ଦର ରାଜ୍ୟ ଓ ଦେଶର ଖଣିସମୃଦ୍ଧ ଅଞ୍ଚଳ ସହିତ ରେଳ ଏବଂ ସଡ଼କ ପଥରେ ଉତ୍ତମ ଭାବେ ସମ୍ପୃକ୍ତ। ଏବେ ଦଇତାରୀ-ପାରଦ୍ୱୀପ ସଡ଼କ ଆଠଥାକିଆ ହେବ ଏବଂ ନୂଆ ରେଳପଥରେ ଉଭୟ ମାଲଗାଡ଼ି ଓ ଯାତ୍ରୀଗାଡ଼ି ଚାଲିବ। ଏହାଫଳରେ ସ୍ଥାନୀୟ ଲୋକେ କେବଳ ଉପକୃତ ହେବେ ନାହିଁ, ଓଡ଼ିଶା ସମେତ ସମଗ୍ର ପୂର୍ବାଞ୍ଚଳରେ ଶିଳ୍ପାୟନକୁ ଗତିଶୀଳତା ମିଳିବ। ପ୍ରଧାନମନ୍ତ୍ରୀ ମଧ୍ୟ ରାଜନୈତିକ ହିସାବରୁ ଊର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶକୁ ଅଗ୍ରାଧିକାର ଦେବା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିକାଶର ଏହି ଯୁଗଳବନ୍ଦୀ ଅବ୍ୟାହତ ରହିବା ଉଭୟ ଓଡ଼ିଶା ଓ ଦେଶ ପାଇଁ ମଙ୍ଗଳକାରୀ।

# ...ଧାଡ଼ିର ଶେଷ ମଣିଷ ମୁହଁରେ ହସ!



ପ୍ରଫେସର ଶ୍ରୀନିବାସ ପାଠୀ
ମିଜୋରାମ, ମୋ: ୯୪୩୭୬୧୫୧୧୩୧

ଆଧୁନିକ ଓଡ଼ିଶାର ଅନ୍ୟତମ ପ୍ରମୁଖ ନିର୍ମାତା ପ୍ରବାଦ ପୁରୁଷ ବିଜୁବାବୁଙ୍କର ଗୋଟିଏ କଥା ମନେ ପଡ଼େ। ସେ କହୁଥିଲେ, ଗରିବର ସଂଜ୍ଞା ସମାଜ ବିଜ୍ଞାନ ଆଧାରରେ ବିଚାର କରା ନ ଯାଇ ବୃହତ୍ତର ଭାବରେ ଧର୍ମ, ସମ୍ପ୍ରଦାୟ, ଗୋଷ୍ଠୀ ଓ ଶ୍ରେଣୀଠାରୁ ବହୁ ଉପରେ ବୋଲି ବିବେଚନା କରାଯାଏ। ଠିକ୍ ଯେମିତି ମହାତ୍ମା ଗାନ୍ଧୀ କହୁଥିଲେ ଯେ ଲମ୍ବାଧାଡ଼ିର ଶେଷରେ ଥିବା ମଣିଷଟି ମୁହଁରେ ହସ ହିଁ ପ୍ରକୃତ ବିକାଶ ଓ ସନ୍ତୋଷର ମାପକାଠି।

ସାଧାରଣତଃ ନିର୍ବାଚନ ଋତୁ ଆସିଲେ ଇସ୍ତାହାର ଓ ପ୍ରତିଶ୍ରୁତିର ବନ୍ୟା ଆସେ, 'ଆକାଶ କଇଁଆ ଓ ଚିଲିକା ମାଛ' ଭଳି। ଅସୁମାରୀ ସ୍ୱପ୍ନର ପସରା ସହିତ ସୌଦାଗର ଆସନ୍ତି। ଏହି ଧାରା ଆମ ଦେଶରେ ଅନେକ ଦଶନ୍ଧି ଧରି ଜାରି ରହିଥିଲା। ଏବେ କିନ୍ତୁ ଅବସ୍ଥାରେ ପରିବର୍ତ୍ତନ ଆସିଛି। ସ୍ୱପ୍ନଭୁକ ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱପ୍ନ ସହ କିଛି ବାସ୍ତବିକତା ମଧ୍ୟ ପରଷା ଯାଉଛି। ସାମାଜିକ ନ୍ୟାୟ, ଦାରିଦ୍ର୍ୟ ଦୂରୀକରଣ, କର୍ମ ସଂସ୍ଥାନ ତଥା ଆଜୀବିକା ପ୍ରସଙ୍ଗ ଆଲୋଚନା ପରିସରକୁ ଆସି ଯାଇଛନ୍ତି, ବାମ, ଦକ୍ଷିଣ ଓ ମଧ୍ୟମପନ୍ଥୀ- ସମସ୍ତଙ୍କ ଦ୍ୱାରା।

ଜାତିସଂଘ ବିକାଶ କାର୍ଯ୍ୟକ୍ରମ ସବୁ ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ଏକ ବହୁ ଆୟାମୀ ଦାରିଦ୍ର୍ୟ ସୂଚୀ (ଇଂରାଜୀରେ ମଲ୍‌ଟିଡାଇମେନ୍‌ସନାଲ ପଭର୍ଟି ଇଣ୍ଡେକ୍‌ସ) ଜାରି କରିଛନ୍ତି। ଆମ ଦେଶରେ 'ନିତି ଆୟୋଗ' ମଧ୍ୟ ଏହାକୁ ଆଧାର କରି ଗରିବ ଲୋକଙ୍କୁ ଚିହ୍ନଟ କରିବା ତଥା ରାଜ୍ୟମାନଙ୍କର ଏହି ସୂଚୀ ଅନୁସାରେ କ୍ରମାନ୍ୱୟରେ ତାଲିକା ପ୍ରସ୍ତୁତ କରିଛନ୍ତି। ଏହା କେତେଦୂର ଗ୍ରହଣଯୋଗ୍ୟ କି ଯଥାର୍ଥ ତାହା ଏଠାରେ ପ୍ରସଙ୍ଗ ନୁହେଁ। କିନ୍ତୁ ଗରିବଲୋକ ଅଛନ୍ତି ଓ ସେମାନଙ୍କର ଜୀବନଧାରଣର ମାନ ବୃଦ୍ଧି ହେବା କଥା- ଏହା ହିଁ ମୁଖ୍ୟ ଆଲୋଚ୍ୟ ବିଷୟ। ଉପରୋକ୍ତ ସୂଚୀ ଅନୁସାରେ କେବଳ ଆର୍ଥିକ ଦୃଷ୍ଟିରୁ ଦାରିଦ୍ର୍ୟ ନୁହେଁ, ଅଧିକନ୍ତୁ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିକ୍ଷାର ସୁଯୋଗ ତଥା ଦୁଇ ହଜାର ତିରିଶ ମସିହା ସୁଦ୍ଧା ପରିପୋଷକ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଥିବା ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟ ଆଲୋଚନା କରାଯିବା ଆବଶ୍ୟକ। ଗରିବମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ, ପରିମଳ ବ୍ୟବସ୍ଥା ଅବା ପରିବେଶ ଅନୁକୂଳ ଇନ୍ଧନ ଆଦି ବହୁ ଆୟାମୀ ଦାରିଦ୍ର୍ୟ ସୂଚୀର ପ୍ରକୃତି ଓ ମାନ ନିର୍ଦ୍ଧାରଣ କରିଥାଏ।

ରଙ୍ଗୀନ ଚଷମା ପିନ୍ଧିଥିବା କିଛି ଆତ୍ମଘୋଷିତ ଅର୍ଥନୀତି ବିଶାରଦ ଗରିବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହିସବୁ ଘୋଷଣା ଓ କାର୍ଯ୍ୟକ୍ରମକୁ ସହଜରେ ଗ୍ରହଣ କରି ନ ପାରି ଏହାର ତତ୍ତ୍ୱ, ତଥ୍ୟ ତଥା ଖର୍ଚ୍ଚ ଉପରେ ପ୍ରଶ୍ନ ଉତ୍‌ଥାପନ କରିଥାଆନ୍ତି। ସେମାନଙ୍କୁ ଅନେକ ପ୍ରକାର ଯୁକ୍ତି ସହିତ ଉତ୍ତର ଦେଇ ହେବ। ତା' ମଧ୍ୟରୁ ସାମାଜିକ ନ୍ୟାୟର ଆବଶ୍ୟକତା ଓ ପ୍ରତିଷ୍ଠା ଅନ୍ୟତମ ଯଥାର୍ଥ ଉତ୍ତର। ବିକାଶର ସୁଫଳ ସମାଜର ସବୁ ବର୍ଗର ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିଲେ ପ୍ରକୃତ ସାମାଜିକ ନ୍ୟାୟ ପ୍ରତିଷ୍ଠିତ ହୋଇପାରିବ। ଗରିବ ଲୋକମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ ହେବା କାହାର ଦୟା ନୁହେଁ, ବରଂ ସାର୍ବଜନୀନ ମୌଳିକ ମାନବିକ ଅଧିକାରର ପ୍ରମୁଖ ଅଂଶବିଶେଷ। ସାମାଜିକ ସମତା ଓ ସମାନତା ଭଳି ଲମ୍ବା ରାସ୍ତାରେ ଏହା କେତେଗୋଟି ପ୍ରାରମ୍ଭିକ ପଦକ୍ଷେପ। ଗରିବ ଲୋକମାନେ କେବଳ ସହାୟତା ଚାହାନ୍ତି ନାହିଁ; ଏବେ ସେମାନଙ୍କୁ ସହଭାଗିତା ଆବଶ୍ୟକ। ଶିକ୍ଷା, ସଚେତନତା ଓ ସମ୍ମାନବୋଧ ମୁଷ୍ଟିମେୟ ବ୍ୟକ୍ତିଙ୍କର ହସ୍ତମୁଦିମାହାଲ ନ ହୋଇ ସାର୍ବଜନୀନ ସମ୍ବଳ ହୋଇପାରିଲେ ଅନେକ ଯୁଗ ଧରି ରହି ଆସିଥିବା କଳଙ୍କ ଅପସାରିତ ହେବ।

ପୁଣି ଥରେ ମୂଳ ପ୍ରସଙ୍ଗକୁ ଫେରିବା। ଆମ ଦେଶରେ ଥିବା ସାତଶହ ପଚାଶ ସହରାଞ୍ଚଳ ହେଉ କି ସାତଲକ୍ଷ ପଚାଶ ହଜାର ଗ୍ରାମାଞ୍ଚଳ ଗରିବଲୋକ କ'ଣ ଚାହାନ୍ତି? ଖାଦ୍ୟ, ବସ୍ତ୍ର, ବିଶୁଦ୍ଧ ପାନୀୟଜଳ, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ସୁରକ୍ଷା ଓ ସମ୍ମାନର ଜୀବନ। ସ୍ଥାନ, କାଳ ଓ ପାତ୍ରଙ୍କ ଭିନ୍ନତା ଅନୁସାରେ ଏହି ତାଲିକାରେ ପରିବର୍ତ୍ତନ କରାଯାଇପାରେ। ଗାଁ ବିଦ୍ୟାଳୟରେ ଚାଷଜମିକୁ ପାଣି; ସହରତଳି ବସ୍ତିରେ ରହୁଥିବା ଦିନ ମଜୁରିଆଙ୍କ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା କେନ୍ଦ୍ର; ଚିକିତ୍ସାଳୟରେ ରୋଗୀ ଓ ସମ୍ପର୍କୀୟମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ସୁଷମ ଆହାର; ଆଉ ଏମିତି ଅନେକ ବ୍ୟବସ୍ଥା ଦାରିଦ୍ର୍ୟ ଦୂରୀକରଣ ଯାତ୍ରା ପଥରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ। ଘୋଷଣା, ପ୍ରତିଶ୍ରୁତି, ରୂପାୟନ ଓ ସଫଳତା ଗୋଟିଏ ପକ୍ଷରେ; ଆଉ ସେ ସବୁର ଆବଶ୍ୟକତା ଅନ୍ୟପକ୍ଷରେ। ସରକାର, ବିରୋଧୀ ଦଳ, ସାମାଜିକ ସଂଗଠନ, ଗଣମାଧ୍ୟମ ସଭିଏଁ ନିଜ ନିଜ ମତବାଦ, ବିଶ୍ୱାସ, ଅବିଶ୍ୱାସ, ସମର୍ଥନ ଅବା ବିରୋଧ ଅନୁସାରେ ପଦକ୍ଷେପ ନେଉଥିବା ସମୟରେ ଗରିବମାନଙ୍କର ସମସ୍ୟାର ସମାଧାନ ଓ ସ୍ୱପ୍ନର ରୂପାୟନ ଏକ ଅସରନ୍ତି ଯାତ୍ରାପଥ।

ଆଲୋଚନା ସାରିବା ଆଗରୁ ଆଉ ଗୋଟିଏ ପ୍ରସଙ୍ଗ ପ୍ରତି ଦୃଷ୍ଟି ଆକର୍ଷିତ ହୁଏ। ଅନେକ ଅକୁଶଳୀ, ଅର୍ଦ୍ଧ-କୁଶଳୀ ଓ କୁଶଳୀ ଶ୍ରମିକ (ଯେଉଁମାନଙ୍କୁ ଭୁଲରେ 'ଦାଦନ' ବୋଲି ନାମକରଣ କରାଯାଇ ଆସିଛି) ଅର୍ଥାତ୍ ଅତିଥି ଶ୍ରମିକଙ୍କ କଥା। ସେମାନଙ୍କୁ ଆଳଙ୍କାରିକ ଭାବରେ 'ଗରିବ' ବୋଲି କୁହାଯାଏ। ହେଲେ ସେମାନେ ନିଜ ଜିଲ୍ଲା, ନିଜ ପ୍ରଦେଶ ଅବା ନିଜ ଦେଶରୁ ଯାଇ ଅନ୍ୟତ୍ର କର୍ମ ସଂସ୍ଥାନ ସନ୍ଧାନ କରିଥାଆନ୍ତି। ଯଦିଓ ଏହି ଅତିଥି ଶ୍ରମିକମାନଙ୍କୁ ସାଧାରଣ ଅର୍ଥରେ ଗରିବ ଶ୍ରେଣୀଭୁକ୍ତ କରାଯିବା କଥା ନୁହେଁ, ତଥାପି ସେମାନେ ନିଜ ଅଞ୍ଚଳରେ ଜୀବିକା ଅଭାବରୁ ସେମାନଙ୍କ ସାଙ୍ଗସାଥୀଙ୍କ ତୁଳନାରେ ଗରିବ। ପୁଣି ଅନ୍ୟ ଯେଉଁ ଅଞ୍ଚଳରେ ଜୀବିକା ଅର୍ଜନ କରନ୍ତି, ସେଠାରେ ମଧ୍ୟ 'ଗରିବ' ଆଖ୍ୟା ପାଇଥାଆନ୍ତି। ଏହା କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମାବଦ୍ଧ ନୁହେଁ। ଏହା ଏକ ଚିରନ୍ତନ ଅର୍ଥନୈତିକ ପ୍ରହେଳିକା। ସମାଧାନ ପାଇଁ ସାମୂହିକ ଚିନ୍ତନ ପ୍ରୟାସ ତଥା ବ୍ୟାପକ ପଦକ୍ଷେପ ଜରୁରୀ।

ଏହି ଲେଖା କିଭଳି ଭାବରେ ଶେଷ କରାଯିବ, ସେ କଥା ଚିନ୍ତା କରିବା ବେଳକୁ ଖବର ଆସିଲାଣି ଯେ ଭାରତବର୍ଷରେ ଏବେ 'ଅତ୍ୟଧିକ ଗରିବ' ବା 'ମହା ଗରିବ'ଙ୍କ ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି। ଆମେରିକାର ବ୍ରୁକିଙ୍ଗସ୍ ପ୍ରତିଷ୍ଠାନ (ଯାହା ବିଶ୍ୱବ୍ୟାଙ୍କର ଅନ୍ୟ ଏକ ଆକଳନଠାରୁ ଭିନ୍ନ) ଏହି ତଥ୍ୟ ପ୍ରକାଶ କରିଛି ଯାହା ଆଗାମୀ ଦିନରେ ଅଧିକ ଆଲୋଚନାସାପେକ୍ଷ।

ଏହି ପ୍ରସଙ୍ଗର କୌଣସି ସାରକଥା ବା ଉପସଂହାର ନାହିଁ। ତଥାପି ଏକ ବିଶେଷ ଦିଗ ପ୍ରତି ସମ୍ୟକ ଦୃଷ୍ଟି ଦେବା ନିହାତି ଆବଶ୍ୟକ। ରାଜନୈତିକ ବ୍ୟକ୍ତିବିଶେଷ ଓ ଦଳୀୟ ମତାମତକୁ ବାଦ୍‌ଦେଇ, ଲୋକ ପ୍ରଶାସନ ଓ ପ୍ରଶାସକଙ୍କ କଥା ଓ କାର୍ଯ୍ୟ। ଆମ ଦେଶର ଶାସନ ବ୍ୟବସ୍ଥାର ସ୍ଥାୟୀ ଅଙ୍ଗ ଭାବରେ ଅନ୍ୟାନ୍ୟ ଚିରାଚରିତ କାର୍ଯ୍ୟ ସହିତ ଦାରିଦ୍ର୍ୟ ହ୍ରାସ, ସାମାଜିକ ନ୍ୟାୟ ତଥା ସମାଜ ମଙ୍ଗଳ ପାଇଁ ତାଲିମପ୍ରାପ୍ତ, ନିଷ୍ଠାପର ଓ ଉଦ୍ୟମୀ ପ୍ରଶାସକମାନଙ୍କର ଯୋଗଦାନର ଯଥେଷ୍ଟ ମହତ୍ତ୍ୱ ରହିଛି। ସମ୍ବିଧାନ, ନ୍ୟାୟ ବ୍ୟବସ୍ଥା ତଥା ତତ୍କାଳିକ ଆବଶ୍ୟକତା ଅନୁସାରେ ପଦକ୍ଷେପ ଲମ୍ବାଧାଡ଼ିର ଶେଷ ଲୋକଟି ମୁହଁରେ ହସ ଫୁଟାଇ ପାରିବ।

# 'ସମୟ' ରହସ୍ୟ



ସତ୍ୟବ୍ରତ ପାଣିଗ୍ରାହୀ
ଗୁଣପୁର, ମୋ: ୬୩୭୧୬୮୪୬୯୯

ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଏକ ଯୁଗାନ୍ତକାରୀ ତତ୍ତ୍ୱ ସାରା ପୃଥିବୀର ବୌଦ୍ଧିକ ମହଲରେ ଆନ୍ଦୋଳନ ସୃଷ୍ଟି କରିଥିଲା। ପ୍ରକୃତିକୁ ବୁଝିବା ପାଇଁ ସେ ସମୟରେ ଉପଲବ୍ଧ ନିୟମକୁ ଜଣେ ବୈଜ୍ଞାନିକ ଚ୍ୟାଲେଞ୍ଜ କରିଥିଲେ, ଆଉ ପୁରୁଣା ନିୟମକୁ ଭୁଲ ସିଦ୍ଧ କରିଥିଲେ। ଯେତେବେଳେ ସାଧାରଣ ଆପେକ୍ଷିକ ତତ୍ତ୍ୱ ପ୍ରକାଶିତ ହୋଇଥିଲା, ସମୟର ସାର୍ବଜନୀନ ପରିମାପ ଭୁଲ ପ୍ରମାଣିତ ହେଲା। ଏହି ତଥ୍ୟ ଅନୁଯାୟୀ ସମୟ ମଧ୍ୟ ଆପେକ୍ଷିକ। ଦେଶ ଓ କାଳ ଭିନ୍ନ ନୁହଁ, ବରଂ ସେ ଦୁଇଟି ପରସ୍ପର ସହ ଜଡ଼ିତ। ସମୟର ମାପ ସବୁଠି ସମାନ ନଥାଏ। ସ୍ଥାନ ଓ ବେଗ ଅନୁସାରେ ସମୟର ଗତି ବଦଳେ। ବସ୍ତୁର ମାଧ୍ୟାକର୍ଷଣ ବଳ ଅନୁସାରେ ସମୟର ମାପ ଅଲଗା ହୁଏ। ଯେମିତି 'ବ୍ଲାକହୋଲ' ବା 'କୃଷ୍ଣଗର୍ତ୍ତ'ରେ ସମୟର ଗତି ଧିମା ହୋଇଯାଏ। 'ଆକାଶଗଙ୍ଗା'ରେ ସମୟର ଗତି ଯାହା, ଅନ୍ୟ କେଉଁ ଏକ ଛାୟାପଥରେ ସମୟର ଗତି ଅଲଗା ହୁଏ। ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ଯେଉଁ ପାତ୍ର ଜଣକ ସାମ୍ନାକୁ ଆଣିଥିଲେ, ସେ ହେଉଛନ୍ତି ଜର୍ମାନୀ ଦେଶରେ ଜନ୍ମିତ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ।

ସମୟର ଏହି ରହସ୍ୟ ଉନ୍ମୋଚନ କରିବା ପାଇଁ ଆଦିମ ଯୁଗରୁ ବର୍ତ୍ତମାନ ଯାଏଁ, ବିଭିନ୍ନ ଦେଶରେ ଅନେକ ଅନୁସନ୍ଧିତ୍ସୁ ଚେଷ୍ଟା କରିଆସିଛନ୍ତି। ସେମାନେ ସମସ୍ତେ ସମୟର ଇତିହାସରେ ଜଣେ ଜଣେ ପାତ୍ର। ସମୟକୁ ମାପିବା ପାଇଁ ସେମାନେ ଆବିଷ୍କାର କରିଛନ୍ତି ଗଣନା ପଦ୍ଧତି। ବିଜ୍ଞାନ, ଦର୍ଶନ ଓ କିମ୍ବଦନ୍ତୀ ମାଧ୍ୟମରେ କାଳର ରହସ୍ୟକୁ ବୁଝିବା ପାଇଁ ଚେଷ୍ଟା କରିଛନ୍ତି। ସମୟକ୍ରମେ ସେମାନେ ମଧ୍ୟ କାଳର କରାଳ ଗର୍ଭରେ ଲୀନ ହୋଇଛନ୍ତି। ତଥାପି ଅନୁସନ୍ଧାନର ଧାରା ଅଦ୍ୟାବଧି ଅବ୍ୟାହତ ରହି ଆସିଛି।

ସମୟର ବିପରୀତ ଦିଗରେ ପଛକୁ ଯାଇ ଅନୁଧ୍ୟାନ କଲେ ଜଣାଯାଏ ଯେ କୁରୁକ୍ଷେତ୍ରର ମହାସମରରେ ଦୁଇ ପାତ୍ରଙ୍କ ମଧ୍ୟରେ କାଳର ରହସ୍ୟ ଆଲୋଚନା ହୋଇଛି। ଭଗବତ୍ ଗୀତାରେ ଯୋଗେଶ୍ୱର କୃଷ୍ଣ ସମୟର ପରିଭାଷା ବୁଝାଇଛନ୍ତି ଅର୍ଜୁନଙ୍କୁ। ଗୀତାରେ କୃଷ୍ଣ କହିଛନ୍ତି - 'କାଲୋଃସ୍ମି ଲୋକ କ୍ଷୟ କୃତ'। ଅର୍ଥାତ୍ ବସ୍ତୁର ବିନାଶ ହିଁ କାଳ। ଏହା ପ୍ରକୃତିର ଚିରନ୍ତନ ସତ୍ୟ। କାଳ ଅଟକି ଗଲେ ଅସ୍ତିତ୍ୱର ସମାପ୍ତି ହୁଏ। ମହାଭାରତର ତାଣ୍ଡବ ଭିତରେ ଏହି ଯେଉଁ ତତ୍ତ୍ୱ ପ୍ରକାଶିତ ହୋଇଥିଲା, ଗୋଟିଏ ଯୁଗ ବିତି ଯିବା ପରେ ତାହାର ପୁନଃ ଉଚ୍ଚାରଣ କରିଥିଲେ ବିଖ୍ୟାତ ବୈଜ୍ଞାନିକ ଓପନହାଇମର। ଯୁକ୍ତରାଷ୍ଟ୍ର ଆମେରିକାର ମାନହାଟାନ ପରମାଣୁ ପରୀକ୍ଷଣର ପ୍ରମୁଖ ରୂପକାର ଥିଲେ ଓପନହାଇମର। ପରୀକ୍ଷଣ ହେଲା। ବିସ୍ଫୋରଣ ହେଲା। ଯେଉଁ ବିଧ୍ୱଂସକାରୀ ଶକ୍ତି ନିର୍ଗତ ହେଲା, ସେଥିରେ ଦୂରରୁ ଦେଖୁଥିବା ବୈଜ୍ଞାନିକ ତାକୁ ଚର୍ମଚକ୍ଷୁରେ ବିଶ୍ୱାସ କରିପାରିନଥିଲେ। ଆଖି ଝଲସି ଗଲା ଭଳି ଦୃଶ୍ୟ। ତତ୍‌କ୍ଷଣାତ ଓପନହାଇମରଙ୍କ ପାଟିରୁ ବାହାରିଥିଲା ଭଗବତ୍ ଗୀତାର ସେହି ଶ୍ଳୋକ। ବୋଧହୁଏ ପରମାଣୁ ବୋମାର ଭୟଙ୍କର ପ୍ରଭାବରେ ମାନବ ଜାତିର ଯେଉଁ କ୍ଷତି ହୋଇଥିଲା, ତାହାର ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ଗୀତା ବର୍ଣ୍ଣିତ କାଳର ସଂଜ୍ଞା ହିଁ ଓପନହାଇମରଙ୍କ ପାଇଁ ଥିଲା ଏକମାତ୍ର ସାନ୍ତ୍ୱନା।

ସମୟର ବୃହତ୍ତର ମାପ କ୍ୟାଲେଣ୍ଡର ଓ କ୍ଷୁଦ୍ରତର ମାପ କ୍ଲକ ବା ଘଡ଼ି। ସବୁ ସଭ୍ୟତାର କ୍ଲକ ଓ କ୍ୟାଲେଣ୍ଡର ସମାନ ନୁହଁନ୍ତି। ପୂର୍ବରୁ ବିଭିନ୍ନ ପ୍ରାଚୀନ ସଭ୍ୟତା ନିଜସ୍ୱ ସମୟ ଗଣନା ପଦ୍ଧତି ଆବିଷ୍କାର କରିଛନ୍ତି। ସୃଷ୍ଟି ତତ୍ତ୍ୱ ସମ୍ବନ୍ଧୀୟ କିମ୍ବଦନ୍ତୀ ଭଳି ମାୟା, ଗ୍ରୀକ୍, ମିଶର, ମେସୋପଟାମିଆ, ବେବିଲୋନ, ସୁମେରିଆନ ଓ ଭାରତୀୟ ସଭ୍ୟତାରେ ସମୟକୁ ନେଇ ମଧ୍ୟ କ୍ୟାଲେଣ୍ଡର ଓ ଘଡ଼ିରେ ଭିନ୍ନତା ରହିଛି। ପ୍ରାଚୀନ ଭାରତରେ କଳ୍ପ, ଯୁଗ, ବର୍ଷ, ଋତୁ, ମାସ, ଦିନ, ମୁହୂର୍ତ୍ତ ଭଳି ସମୟର ଏକକ ପ୍ରଚଳିତ ଥିଲା। କିନ୍ତୁ ଭାଗବତ ପୁରାଣରେ ପାରମାଣବିକ ଘଡ଼ି ହିଁ ସମୟର ସର୍ବୋତ୍କୃଷ୍ଟ ମାପ ବୋଲି ଉଲ୍ଲେଖ ଅଛି। ଯାହା ପରବର୍ତ୍ତୀ ସମୟରେ ଆଧୁନିକ ବିଜ୍ଞାନରେ ମଧ୍ୟ ସଠିକ୍ ପ୍ରମାଣିତ ହୋଇଛି। ନାନା ମୁନି ନାନା ମତ ଭଳି ସମୟକୁ ନେଇ ବିଭିନ୍ନ ପ୍ରକାରର ମତ, ତତ୍ତ୍ୱ, ଏକକ ପ୍ରଚଳିତ ଅଛି। ଜ୍ଞାନବିଜ୍ଞାନର ଅଗ୍ରଗତି ପରେ ବି କାଳର ରହସ୍ୟ ଏବେ ସୁଦ୍ଧା ଅବୁଝା ହୋଇ ରହିଛି। ଏମିତିକି ପ୍ରାଚୀନ କାଳରୁ ଆରମ୍ଭ କରି ବର୍ତ୍ତମାନ ଯୁଗରେ ଅନେକ ଦାର୍ଶନିକ ମତ ଦିଅନ୍ତି ସମୟର ନିଜସ୍ୱ ସତ୍ତା ନାହିଁ କିମ୍ବା ପରିଭାଷା ନାହିଁ। ଦାର୍ଶନିକ ଇମାନ୍ୟୁଲ କାଣ୍ଟଙ୍କ ମତରେ ଘଟଣାକ୍ରମକୁ ବୁଝିବା ପାଇଁ ମଣିଷର ଇଏ କେବଳ ଏକ ମାପକାଠି ମାତ୍ର। କାରଣ ସମୟ ସବୁବେଳେ କୌଣସି ଏକ ସ୍ଥାନ କିମ୍ବା ପାତ୍ର ସହ ଜଡ଼ିତ।

ତେବେ ଦେଶ, କାଳ, ପାତ୍ର - ଏହାର ତ୍ରିବେଣୀ ସଙ୍ଗମ ହୋଇଛି ଭାରତର ଉଜ୍ଜୟିନୀ ବା ପୁରାଣ ବର୍ଣ୍ଣିତ ଅବନ୍ତୀ ନଗରୀରେ। ପ୍ରାଚୀନ ଉଜ୍ଜୟିନୀ ନଗରରେ କାଳ ନିର୍ଣ୍ଣୟ ପାଇଁ ଦିନେ ବିଶ୍ୱବିଖ୍ୟାତ ଥିଲା। ଆଜି ବି ଏହାର ମର୍ଯ୍ୟାଦା ରହିଛି। ସୂର୍ଯ୍ୟ ସିଦ୍ଧାନ୍ତ ଗ୍ରନ୍ଥ ଅନୁଯାୟୀ କର୍କଟ କ୍ରାନ୍ତି ଓ ଜିରୋ ମେରିଡିଆନ ଦ୍ରାଘିମାର ସଂଯୋଗ ବିନ୍ଦୁରେ ଉଜ୍ଜୟିନୀ ସହର ଅବସ୍ଥିତ, ଯାହା ସମୟ ଗଣନା ପାଇଁ ଏହି ସ୍ଥାନର ଗୁରୁତ୍ୱକୁ ବଢ଼ାଇ ଦିଏ। ଗୀତାରେ ଆଲୋଚିତ ହୋଇଛି ସଂହାର ହିଁ କାଳ। ତେଣୁ ସୃଷ୍ଟି, ସଂହାର ଓ କାଳର ପ୍ରତୀକ ରୂପେ ଏଠାରେ ଜ୍ୟୋତିର୍ଲିଙ୍ଗ ମହାକାଳେଶ୍ୱର ପୂଜା ପାଉଛନ୍ତି। ମହାକାଶରେ ଗ୍ରହ ନକ୍ଷତ୍ରର ଗତିବିଧି ଲକ୍ଷ୍ୟ କରି ସମୟ ଗଣନା କରିବା କ୍ଷେତ୍ରରେ ଉଜ୍ଜୟିନୀ ପ୍ରାଚୀନ ଭାରତର ଏକ ପ୍ରମୁଖ କେନ୍ଦ୍ର ଥିଲା। ସମୟ ଗଣନାରେ ଉଜ୍ଜୟିନୀର ଗୌରବମୟ ଇତିହାସର ଦୁଇ ଜଣ ମୁଖ୍ୟ ପାତ୍ର ଥିଲେ ବରାହ ମିହିର ଓ ମହାରାଜା ସୱାଇ ଜୟସିଂ। ମହାଜାଗତିକ ଅଧ୍ୟୟନ ପାଇଁ ରାଜା ଜୟ ସିଂ ଏଠାରେ ପ୍ରତିଷ୍ଠା କରିଥିଲେ ବେଦଶାଳା ବା ମାନମନ୍ଦିର। ବରାହମିହିର ପ୍ରାଚୀନ ଭାରତର ଜଣେ ପ୍ରମୁଖ ଜ୍ୟୋତିଷ ବିଜ୍ଞାନୀ। ତାଙ୍କ ରଚିତ ପଞ୍ଚ ସିଦ୍ଧାନ୍ତିକା ଗ୍ରନ୍ଥରେ ଗ୍ରହ, ନକ୍ଷତ୍ର ଓ ସମୟ ଗଣନା ସମ୍ବନ୍ଧୀୟ ଅନେକ ତଥ୍ୟ ସେ ଲିପିବଦ୍ଧ କରିଛନ୍ତି। ପ୍ରାଚୀନ ଭାରତୀୟ ବିଜ୍ଞାନର ଏହି ଅଧ୍ୟାୟକୁ ପୁନଃ ହୃଦୟଙ୍ଗମ କରିବା ପାଇଁ ଉଜ୍ଜୟିନୀର ଯନ୍ତରମନ୍ତରରେ ନିର୍ମିତ ହୋଇଛି 'ବୈଦିକ ଘଡ଼ି'। ଏହି ଘଡ଼ିରେ ବୈଦିକ ପଞ୍ଚାଙ୍ଗର ତିଥି, ମୁହୂର୍ତ୍ତ ଓ ସମୟ ଗଣନା ସହ ଭାରତୀୟ ମାନକ ସମୟ ଏବଂ ଗ୍ରୀନ୍ ୱିଚ ମିନ୍ ଟାଇମ୍ ମଧ୍ୟ ପ୍ରଦର୍ଶିତ ହେବ। ଭାରତୀୟ ସମୟ ଗଣନା ଦର୍ଶାଉଥିବା ଏହା ବିଶ୍ୱର ପ୍ରଥମ ଘଡ଼ି। ଭାରତ ଭ୍ରମଣରେ ବିଦେଶରୁ ଆସୁଥିବା ପାତ୍ରଗଣ ଏହି ଘଡ଼ି ଯୋଗୁଁ ବୈଦିକ କାଳ ଗଣନା ପଦ୍ଧତି ସମ୍ପର୍କରେ ଅବଗତ ହୋଇପାରିବେ।

# ଡିଜିଟାଲ ଉପବାସ



ସୁନିତା ପ୍ରଧାନ
ଲକ୍ଷ୍ମୀପୁର, ମୋ: ୭୭୪୯୮୫୦୫୭୫

ଧାର୍ମିକ ରୀତିରେ ପୂଜାବ୍ରତ ପାଇଁ ଆମେ ସାଧାରଣତଃ ଉପବାସ ରଖୁ। ବୈଜ୍ଞାନିକଙ୍କ ମତ ଅନୁସାରେ ଏଭଳି ଉପବାସ ଦ୍ୱାରା ଆମ ଶରୀରରେ ଥିବା ବିଷାକ୍ତ ପଦାର୍ଥଗୁଡ଼ିକ ବାହାରି ନୂତନ କୋଷିକା ସୃଷ୍ଟି ହୁଏ। ହଜମ କ୍ରିୟା ତ୍ୱରାନ୍ୱିତ ହୁଏ। ମାନସିକ ଶାନ୍ତି ମିଳେ। ସୁନିଦ୍ରା ହୁଏ। ଏବେ ଆଉ ଏକ ଉପବାସ ବିଷୟରେ ଚର୍ଚ୍ଚା ଚାଲିଛି। ତାହା ହେଉଛି 'ଡିଜିଟାଲ ଉପବାସ' ବା 'ଇ ଉପବାସ'। ପାରମ୍ପରିକ ଉପବାସ ଭଳି ଡିଜିଟାଲ ଉପବାସ ଦ୍ୱାରା ମଧ୍ୟ ଆମ ଦେହ ମନ ଉଭୟ ସୁସ୍ଥ ରୁହେ। 'ଡିଜିଟାଲ ଉପବାସ' କହିଲେ ଅତ୍ୟଧିକ ମୋବାଇଲ୍ ଫୋନର ବ୍ୟବହାରର କୁପରିମାଣକୁ ଆଖି ଆଗରେ ରଖି ଦିନରେ କିଛି ସମୟ କିମ୍ବା ସପ୍ତାହରେ କିଛି ଘଣ୍ଟା ସ୍ମାର୍ଟଫୋନ୍, ଇଣ୍ଟରନେଟ, କମ୍ପ୍ୟୁଟର ଓ ସମସ୍ତ ସାମାଜିକ ଗଣମାଧ୍ୟମଠାରୁ ସାମୟିକ ବିରତି ନେବାକୁ ବୁଝାଏ।

ବର୍ତ୍ତମାନ ସମୟର ସମସ୍ତ ବୟସର ସମସ୍ତ ବର୍ଗର ବ୍ୟକ୍ତିବିଶେଷ ସ୍ମାର୍ଟଫୋନର କୁହୁକିନୀ ମାୟା ଜାଲରେ ଏଭଳି କବଳିତ ଯେ, ସ୍ମାର୍ଟଫୋନ୍‌କୁ ଛାଡ଼ି କେହି ଗୋଟିଏ ମୁହୂର୍ତ୍ତ ମଧ୍ୟ ରହି ପାରୁନାହାନ୍ତି। ମୋବାଇଲଠାରୁ ଟିକିଏ ଦୂରେଇ ଗଲେ ଆମକୁ କିଛି ହଜେଇ ଦେଲା ଭଳି ଲାଗୁଛି। ଆମେ ଚିନ୍ତାରେ ପଡ଼ି ଯାଉଛୁ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୫୯% ଲୋକ ବିଛଣାକୁ ଯିବାର ପାଞ୍ଚ ମିନିଟ ପୂର୍ବରୁ ଉଠିବାର ଅଧଘଣ୍ଟା ମଧ୍ୟରେ ଗୋଟିଏ ନା ଗୋଟିଏ ସୋସିଆଲ ମିଡିଆ ବ୍ୟବହାର କରିଥା'ନ୍ତି। କିଛିଦିନ ତଳେ ହୋଇଥିବା ଆଉ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ବିଶ୍ୱର ସମସ୍ତ ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୯୫% ଲୋକ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଟନ୍ତି। ଭାରତରେ ଇଣ୍ଟରନେଟ ବ୍ୟବହାର ଅନ୍ୟ ଦେଶ ତୁଳନାରେ ଶସ୍ତା ଅଟେ। ଆମ ଦେଶର ବର୍ତ୍ତମାନ ମୋବାଇଲ ବ୍ୟବହାରକାରୀଙ୍କ ସଂଖ୍ୟା ୧୦୦କୋଟି ହୋଇ ଗଲାଣି। ନିକଟରେ ଆମ ଦେଶରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆମ ଦେଶର ପ୍ରାୟ ୯-୧୭ବର୍ଷର ଯୁବକମାନେ ଦିନକୁ ଅତିକମରେ ତିନିଘଣ୍ଟା ସାମାଜିକ ଗଣମାଧ୍ୟମରେ ଅତିବାହିତ କରୁଛନ୍ତି।

ମୋବାଇଲ ଓ କମ୍ପ୍ୟୁଟରରେ ଅତ୍ୟଧିକ ବ୍ୟବହାର ଯୋଗୁଁ ଶରୀର ଉପରେ ଏହାର ଅନେକ କୁପ୍ରଭାବ ପଡୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ମୋବାଇଲ ଫୋନ୍ ଯୋଗୁଁ ମଣିଷ ମଣିଷ ଭିତରେ ସ୍ନେହ, ପ୍ରେମ, ଆତ୍ମୀୟତା, ସମ୍ବେଦନଶୀଳତା, ମାନବିକତା ଧୀରେ ଧୀରେ ଲୋପ ପାଇବାକୁ ଲାଗିଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ଆମେ ସମସ୍ତ ସମ୍ପର୍କଠାରୁ ବ୍ୟକ୍ତିଗତ ରୂପେ ଦୂରେଇ ଯାଇ କେବଳ ଅନଲାଇନ ମାଧ୍ୟମରେ ଯୋଡ଼ି ହୋଇ ରହିଛୁ। ଅତ୍ୟଧିକ ମୋବାଇଲ କେବଳ ଆମ ସମ୍ପର୍କ ଉପରେ ପ୍ରଭାବ ପକାଇନି, ଏହାଦ୍ୱାରା ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଆଦି ପ୍ରଭାବିତ ହେଉଛି।

ତେଣୁ ବର୍ତ୍ତମାନ ପରିସ୍ଥିତିରେ ମୋବାଇଲର ଏହି କୁପ୍ରଭାବ ଓ ଅଜବ ନିଶାକୁ କମ କରିବା ପାଇଁ ଓ ନିଜକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବା ପାଇଁ 'ଡିଜିଟାଲ ଉପବାସ' ନିତାନ୍ତ ଜରୁରୀ। ଏହାଦ୍ୱାରା ଅନେକ ସୁଫଳ ମିଳେ। ମନ ଶାନ୍ତ, ପ୍ରଫୁଲ୍ଲ ଓ ଚାପମୁକ୍ତ ରୁହେ। ସୁଖନିଦ୍ରା ଆସେ। ସୃଜନଶୀଳତା ବୃଦ୍ଧି ପାଏ। ବ୍ୟକ୍ତିଗତ ସମ୍ପର୍କ ସୁଦୃଢ଼ ହେବା ସହ ମାନବିକତା, ସମ୍ବେଦନଶୀଳତା, ସ୍ନେହ, ପ୍ରେମ ଆଦି ଦୈବୀଗୁଣ ବୃଦ୍ଧି ପାଏ। ଏକାଗ୍ରତା ବଢ଼ିବା ସହ କାର୍ଯ୍ୟ କରିବା ନିମନ୍ତେ ଆଗ୍ରହ ସୃଷ୍ଟି ହୁଏ। ଏଣୁ ଆମେ ସଭିଏଁ ସପ୍ତାହକୁ କିଛିଦିନ କିମ୍ବା ଦିନକୁ କିଛି ଘଣ୍ଟା, ନଚେତ୍ ଛୁଟି ଦିନରେ ମୋବାଇଲ ବ୍ୟବହାରରୁ ନିବୃତ୍ତ ରହିବା, ଖାଇବା ବେଳେ ମୋବାଇଲ୍ ବ୍ୟବହାର ନ କରିବା, ଶୋଇବା ଓ ଉଠିବା ପରେ ସଙ୍ଗେ ସାଙ୍ଗେ ମୋବାଇଲ୍ ଧରିବା ଅଭ୍ୟାସରେ ପରିବfdf ଆଣିବାକୁ ସଂକଳ୍ପ କରିବା ଉଚିତ। ପ୍ରଥମେ ପ୍ରଥମେ ଆମକୁ ହୁଏତ ଏହା ଅସମ୍ଭବ ମନେ ହେବ। କିନ୍ତୁ ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଗଲେ ଆମେ ଅନାବଶ୍ୟକ ଭାବେ ଆଉ ମୋବାଇଲ ଫୋନ୍ ବ୍ୟବହାର କରିବା ପାଇଁ ଇଚ୍ଛା ହେବ ନାହିଁ। ଏ ସମସ୍ତ କଥାକୁ ଚିନ୍ତା କଲେ ଜଣାଯାଏ ଯେ ବର୍ତ୍ତମାନ ସମୟରେ ଧାର୍ମିକ ଉପବାସ ସହିତ 'ଡିଜିଟାଲ ଉପବାସ' ଅତ୍ୟନ୍ତ ଜରୁରୀ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ୱେଲନେସ୍ ସେଣ୍ଟର୍ କର୍ମଚାରୀଙ୍କୁ ମିଳୁନି ବେତନ

## ସିଜିଏଚଏସ ନିର୍ଦ୍ଦେଶକଙ୍କୁ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୫ ।୩(ସମିସ):** ସିଜିଏଚଏସ (ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ହେଲଥ ସ୍କିମ) ଅନ୍ତର୍ଗତ ୱେଲନେସ ସେଣ୍ଟର ବା ହସପିଟାଲର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ତଥା ସେମାନଙ୍କ ବକେୟା ବେତନ ମିଳୁନଥିବା ପ୍ରସଂଗରେ ରୁଜୁ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଆଜି ସିଜିଏଚଏସ, ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ହାଇକୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ। ପରବର୍ତ୍ତୀ ଶୁଣାଣିରେ ସିଜିଏଚଏସ, ନୂଆଦିଲ୍ଲୀର ନିର୍ଦ୍ଦେଶକଙ୍କୁ ଭର୍ଚୁଆଲ ଜରିଆରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାତୀ ସାହୁ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ୱେଲନେସ କର୍ମଚାରୀଙ୍କ ବକେୟା ବେତନ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶକଙ୍କୁ ବହୁବାର ଇ-ମେଲ ଓ ଚିଠି କରିଥିଲେ ସୁଦ୍ଧା ତାଙ୍କଠାରୁ କିଛି ଉତ୍ତର ମିଳିନାହିଁ ବୋଲି କହିଥିଲେ ସିଜିଏଚଏସ ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ। ଏପରିକି ଏହି ଚିଠିଗୁଡ଼ିକୁ ଅଦାଲତରେ ଉପସ୍ଥାପନ କରାଯାଇଥିଲା। ଆବଶ୍ୟକ ଅର୍ଥ ମଞ୍ଜୁର ହୋଇନଥିବା କାରଣରୁ କର୍ମଚାରୀମାନଙ୍କୁ ବେତନ ଦିଆଯାଇପାରିନାହିଁ ବୋଲି ଅଦାଲତରେ ସେ ସ୍ପଷ୍ଟ କରିଥିଲେ। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ସିଜିଏଚଏସ ନିର୍ଦ୍ଦେଶକଙ୍କୁ ଆସନ୍ତା ମାର୍ଚ୍ଚ ୧୪ ତାରିଖ ଦିନ ହାଜର ହୋଇ ଉପରୋକ୍ତ ପ୍ରସଂଗରେ ପକ୍ଷ ରଖିବାକୁ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ସିଜିଏଚଏସ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ହସପିଟାଲ ବା ୱେଲନେସ ସେଣ୍ଟର୍‌ଗୁଡ଼ିକରେ ଗତ ୨୦୦୫ରୁ ଆବେଦନକାରୀ ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନେ ଏକ ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା କାର୍ଯ୍ୟ କରିଆସୁଥିଲେ। ୨୦୧୫ରେ କେତେକ ସ୍ଥାୟୀ ପଦବୀ ଖାଲି ପଡ଼ିଥିଲା। ସେମାନଙ୍କୁ ଉପରୋକ୍ତ ସ୍ଥାୟୀ ପଦରେ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ଦାବି କରିଥିଲେ। ହେଲେ ଏଥିପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ କରାଯାଇ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହାକୁ ବିରୋଧ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଚୂଡ଼ାନ୍ତ ନିଯୁକ୍ତି ଉପରେ ଅନ୍ତରୀଣ ରୋକ୍ ଲଗାଇଥିଲେ। ଗତ ୨୦୨୨ଡିସେମ୍ବରରେ ଉପରୋକ୍ତ କର୍ମଚାରୀମାନଙ୍କୁ ୨୦୨୩ଏପ୍ରିଲ୧ରୁ କାର୍ଯ୍ୟ ଅନୁମତି ଦିଆଯିବ କି ନାହିଁ ସିଜିଏଚଏସ ଅତିରିକ୍ତ ନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିଲା। ଉକ୍ତ କର୍ମଚାରୀମାନେ ସେମାନଙ୍କ ଚାକିରି ହରାଇବା ଆଶଙ୍କା କରି ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଏହି ମାମଲାରେ ସ୍ଥିତାବସ୍ଥା ବଜାୟ ରଖିବାକୁ କହିଥିଲେ। ଅନ୍ୟପଟରେ ଦୀର୍ଘ ଦେଢ଼ ବର୍ଷ ଧରି ସେମାନଙ୍କୁ ତାଙ୍କ ପାଉଣା ମିଳିନଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ୧୪କୁ ଧାର୍ଯ୍ୟ ହୋଇଛି।

■ ରାଜ୍ୟରେ ନକଲି ଡାକ୍ତରଙ୍କ ରୋଗୀ ଚିକିତ୍ସା ପ୍ରସଂଗ

## ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପ ନେବ, ଉପସ୍ଥାପନ କର: ହାଇକୋର୍ଟ

**କଟକ, ୫ ।୩(ସମିସ):** ଜାଲ ଏମ୍‌ବିବିଏସ୍ ଡିଗ୍ରୀ ପ୍ରମାଣପତ୍ର ବଳରେ ଡାକ୍ତର ନିଯୁକ୍ତି ପାଇବା ଏବଂ ଉପଯୁକ୍ତ ଡିଗ୍ରୀ ନଥାଇ କେତେକ ନକଲି ଡାକ୍ତର ରୋଗୀ ଚିକିତ୍ସା ଚଳାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ସମ୍ବେଦନଶୀଳ ସମସ୍ୟାକୁ ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ, ସେ ସମ୍ପର୍କିତ ବିସ୍ତୃତ ପ୍ରସ୍ତାବ ଉପସ୍ଥାପନ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଉପାନ୍ତ ଅଞ୍ଚଳର ନିରକ୍ଷର ଲୋକେ ଯେପରି ପ୍ରକୃତ ଡାକ୍ତର ଓ ନକଲି ଡାକ୍ତରଙ୍କୁ ସହଜରେ ଚିହ୍ନଟ କରିପାରିବେ, ସେନେଇ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ, ଆଜି ଓଡ଼ିଶା କାଉନସିଲ ଅଫ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମଆର)ର ଅଧ୍ୟକ୍ଷ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ନ୍ୟାସନାଲ ମେଡିକାଲ କମିସନ (ଏନ୍‌ଏମ୍‌ସି) ଓ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ସହ ପରାମର୍ଶ କରି ନିୟନ୍ତ୍ରଣ ପଦକ୍ଷେପ ସମ୍ପର୍କିତ ବିସ୍ତୃତ ପ୍ରସ୍ତାବ ଉପସ୍ଥାପନ କରିବେ ବୋଲି କହିଥିଲେ ଓସିଏମଆର ଅଧ୍ୟକ୍ଷ। ସେହିପରି ଡାକ୍ତରଙ୍କ ଅନଲାଇନ ଡାଟାବେସ ପ୍ରସ୍ତୁତ ହେଉଛି ଏହା ଶେଷ ପରେ ଓସିଏମଆର ୱେବସାଇଟରେ ଉପଲବ୍ଧ ହେବ ବୋଲି ଅଦାଲତଙ୍କୁ ଜଣାଇଥିଲେ। ଅନ୍ୟପଟରେ ହାଇକୋର୍ଟଙ୍କ ଗତ ୨୦୨୩ଜୁନ୨୨ର ଆଦେଶ ଅନୁସାରେ ନକଲି ଡାକ୍ତର ଚିହ୍ନଟ ସମ୍ପର୍କିତ ସର୍ଭେଲାନ୍ସ ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ସତ୍ୟପାଠ ଦେଇପାରିନଥିବା ଆମିକସକ୍ୟୁରୀ ଦର୍ଶାଇଥିଲେ। ଆସନ୍ତା ୨ସପ୍ତାହ ମଧ୍ୟରେ ଏହି ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ଆସନ୍ତା ମାର୍ଚ୍ଚ ୨୭କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି।

## ଇଡିରେ ହାଜର ହେଲେ ପ୍ରୟାସକାନ୍ତି

**ଭୁବନେଶ୍ୱର, ୫ ।୩(ସମିସ):** ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ହାଜର ହୋଇଛନ୍ତି। ବରପଦା ଇଂଜିନିୟରିଂ କଲେଜ ଜମି ଦୁର୍ନୀତି ମାମଲାରେ ଇଡି ତାଙ୍କୁ ଜେରା କରିଛି। ଦୀର୍ଘ ୬ ଘଣ୍ଟାରୁ ଅଧିକ ସମୟ ଧରି ତାଙ୍କୁ ପଚରାଉଚରା କରାଯାଇଥିବା ଜଣାଯାଇଛି। କିଛି ଦିନ ତଳେ ବିଧାୟକ ପ୍ରଫୁଲ୍ଲ ସାମଲ ଇଡିରେ ହାଜର ହୋଇଥିଲେ। ପ୍ରଫୁଲ୍ଲଙ୍କୁ ୮ଘଣ୍ଟା ଧରି ଜେରା କରିବା ପରେ ଇଡି ତାଙ୍କୁ ଛାଡ଼ି ଦେଇଥିଲା। ପ୍ରଫୁଲ୍ଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ହାଜର ହେବାକୁ ଇଡି ଫେବ୍ରୁଆରୀ ୧୭ ତାରିଖରେ ନୋଟିସ୍ କରିଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଜଣାଇ ଇଡିରେ ହାଜର ହେବାକୁ ଓକିଲ ଜରିଆରେ ସମୟ ମାଗିଥିଲେ ପ୍ରଫୁଲ୍ଲ। ପରବର୍ତ୍ତୀ ସମୟରେ ପୁଣି ଇଡି ପ୍ରଫୁଲ୍ଲଙ୍କୁ ହାଜର ହେବାକୁ ନୋଟିସ କରିଥିଲା। ଫେବୃଆରୀ ୨୮ ତାରିଖରେ ପ୍ରଫୁଲ୍ଲ ହାଜର ହୋଇଥିଲେ। ହେଲେ ପୁଅ ପ୍ରୟାସକାନ୍ତି ହାଜର ହୋଇନଥିଲେ। ଆଜି ପ୍ରୟାସକାନ୍ତି ହାଜର ହୋଇଛନ୍ତି। ଏହାପୂର୍ବରୁ ପ୍ରଫୁଲ୍ଲ ସାମଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ଇଡିର ୬ ଜଣିଆ ଟିମ୍ ଚଢ଼ଉ କରିଥିଲା।

# ଅବଶିଷ୍ଟାଂଶ...

### ବିକଶିତ ଭାରତକୁ...

ୟୁନିଟ୍ ଉଦଘାଟିତ ହୋଇଛି। ପାରାଦୀପ ବିଶୋଧନାଗାରରେ 'ମୋନୋ - ଏଥିଲିନ୍ ଗ୍ଲାଇକୋଲ'ର ଏକ ନୂତନ ପ୍ଲାଣ୍ଟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହା ପୂର୍ବ ଭାରତର ବହୁମୁଖୀ ଶିଳ୍ପରେ ବିପ୍ଳବ ଆଣିବ। ଏହି ପ୍ରକଳ୍ପ ଦ୍ୱାରା ଭଦ୍ରକ ଓ ପାରାଦୀପରେ ନିର୍ମାଣ ହେବାକୁ ଥିବା ବୟନ ପାର୍କଗୁଡ଼ିକୁ ମଧ୍ୟ କଞ୍ଚାମାଲ ସହଜରେ ଉପଲବ୍ଧ ହେବ। ପୂର୍ବରୁ ଯେଉଁ ସରକାର ଥିଲେ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସମାପ୍ତ କରିବାକୁ ଆଗ୍ରହ ପ୍ରକାଶ କରୁନଥିଲେ; କିନ୍ତୁ ଆମ ସରକାର ଯେଉଁ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରୁଛନ୍ତି, ସେହି ପ୍ରକଳ୍ପକୁ ଶୀଘ୍ର ଶେଷ କରିବାକୁ ଚେଷ୍ଟା କରୁଛନ୍ତି । ୨୦୧୪ ପରେ ଦେଶରେ ଏମିତି ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଯାହା ଅଟକି ରହିଥିଲା। ପାରାଦୀପ ବିଶୋଧନାଗାର ଉପରେ ମଧ୍ୟ ୨୦୦୨ ମସିହାରେ ଆଲୋଚନା ଆରମ୍ଭ ହୋଇଥିଲା । କିନ୍ତୁ ୨୦୧୩ - ୧୪ ପର୍ଯ୍ୟନ୍ତ କିଛି କରାଯାଇ ନ ଥିଲା । ଆମ ସରକାର ହିଁ ପାରାଦୀପ ବିଶୋଧନାଗାରର କାର୍ଯ୍ୟ ଶେଷ କରିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବ ଭାରତରେ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି । ଆମ ସରକାର ଏହି ସମ୍ବଳକୁ ଓଡ଼ିଶା ଭଳି ରାଜ୍ୟର ବିରଳ ଖଣିଜ ସମ୍ପଦକୁ ଏହାର ବିକାଶ ପାଇଁ ବ୍ୟବହାର କରୁଛନ୍ତି। ଆଜି ଗଞ୍ଜାମ ଜିଲ୍ଲାରେ ଡିସାଲିନେସନ୍ (ଅଣଲବଣୀକରଣ) ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି । ଏହି ପ୍ରକଳ୍ପ ଜରିଆରେ ଦୈନିକ ୫୦ ଲକ୍ଷ ଲିଟର ଲୁଣିପାଣିକୁ ପିଇବା ପାଇଁ ଉପଯୁକ୍ତ କରାଯିବ। ଓଡ଼ିଶାର ସମ୍ବଳ ଓ ରାଜ୍ୟର ଶିଳ୍ପ ଶକ୍ତିକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଏଠାରେ ଆଧୁନିକ ଯୋଗାଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଏ ଦିଗରେ ଅଭୂତପୂର୍ବ କାର୍ଯ୍ୟ ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ପ୍ରାୟ ୩ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରିଛୁ ଏବଂ ରେଳବାଇର ବଜେଟ୍ ପ୍ରାୟ ୧୨ ଗୁଣା ବୃଦ୍ଧି କରିଛୁ । ରେଳ, ରାଜପଥ ଓ ବନ୍ଦର ସଂଯୋଗରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଜିଲ୍ଲାରେ ଜାତୀୟ ରାଜପଥ ସଂପ୍ରସାରଣ କରାଯାଉଛି । ଏବେ ଅନୁଗୁଳ - ସୁକିନ୍ଦା ନୂଆ ରେଳ ଲାଇନର ସୁବିଧା ମଧ୍ୟ ଏଠାକାର ଲୋକଙ୍କ ପାଇଁ ଉପଲବ୍ଧ ହୋଇଛି। ଫଳରେ କଳିଙ୍ଗନଗର ଶିଳ୍ପାଞ୍ଚଳର ସମ୍ପ୍ରସାରଣ ପାଇଁ ବାଟ ଖୋଲିଛି। ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦ୍ରୁତ ଗତିରେ କାର୍ଯ୍ୟ ଜାରି ରଖିବେ। ବିଜୁବାବୁଙ୍କ ଜୟନ୍ତୀରେ ମୁଁ ପୁଣି ଥରେ ଶ୍ରଦ୍ଧାର ସହ ତାଙ୍କୁ ସ୍ମରଣ କରି ବିକାଶମୂଳକ କାର୍ଯ୍ୟ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ।

ଏହି ଅବସରରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ୧୬୨କିମି ବାଂଶପାଣି-ଦୈତାରୀ-ଟମକା-ଯଖପୁରା ରେଳ ଲାଇନ୍ ଦୋହରୀକରଣ ଏବଂ ଖୋର୍ଦ୍ଧା ରୋଡ୍-ବାରଙ୍ଗ ତୃତୀୟ ରେଳ ଲାଇନ୍‌କୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ସେହିପରି କଳିଙ୍ଗନଗରରେ କନକୋର କଣ୍ଟେନର ଡିପୋ, ନର୍ଲାଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ ଓଭରହଲିଂ କାରଖାନା, କଣ୍ଟାବାଞ୍ଜିରେ ୱାଗନ୍ ମରାମତି କାରଖାନା ଏବଂ ବାଘୁଆପାଳରେ ୱାଗନ୍ ରକ୍ଷଣାବେକ୍ଷଣ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି। ପୁରୀ-ଆନନ୍ଦ ବିହାର (ନୂଆଦିଲ୍ଲୀ) ଭାୟା କେନ୍ଦୁଝର ଟ୍ରେନ୍ ଚଳାଚଳ ଓ ହରିଦାସପୁର-ପାରାଦୀପ ମାର୍ଗରେ ପ୍ରଥମ ଯାତ୍ରୀବାହୀ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଅପରପକ୍ଷେ ଯାଜପୁରସ୍ଥିତ କଳିଙ୍ଗନଗରରେ ଅବସ୍ଥିତ କନକର୍ କଣ୍ଟେନର ଡିପୋରୁ ଉତ୍ତରପ୍ରଦେଶର ଦାଦ୍ରି ପର୍ଯ୍ୟନ୍ତ ଏକ କଣ୍ଟେନର ଟ୍ରେନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି।

ପ୍ରଧାନମନ୍ତ୍ରୀ ଆଜି ପାରାଦୀପ ବିଶୋଧନାଗାରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ମନୋ ଇଥିଲିନ୍ ଗ୍ଲାଇକୋଲ ପ୍ରକଳ୍ପ, ପାରାଦୀପରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ୩୪୪ କିମି ଲମ୍ବ ଉତ୍ପାଦ ପାଇପ୍‌ଲାଇନ୍ ଏବଂ ପାରାଦୀପରେ ୦.୬ ନିୟୁତ ଟନ୍ ଏଲ୍‌ପିଜି ଆମଦାନୀ ସୁବିଧାର ଲୋକାର୍ପଣ କରିଛନ୍ତି। ୪୯ନଂ ଜାତୀୟ ରାଜପଥର ସଂଗଡ଼ାରୁ ବିଞ୍ଜାବାହାଲ ସେକ୍ସନ୍‌ର ଚାରି ଲେନ୍, ବିଞ୍ଜାବାହାଲରୁ ତିଲେଇବଣି ସେକ୍ସନ୍‌କୁ ୪ ଲେନ୍ କରିବା ଏବଂ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ୍‌କୁ ଚାରି ଲେନ୍ ସମ୍ପ୍ରସାରଣ ପ୍ରକଳ୍ପ ଉତ୍ସର୍ଗ କରିଛନ୍ତି। ସେହିପରି ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ୮ଲେନ୍ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି।

### ବିକାଶ ଆଜି...

ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ। ଏହି ଅବସରରେ ମୁଁ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ବିଜୁ ବାବୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ। ଦେଶ, ଏପରିକି ବିଦେଶର ସ୍ୱାଧିନତା ସଂଗ୍ରାମରେ ମଧ୍ୟ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଓଡ଼ିଶାର ଉନ୍ନତି ତଥା ଓଡ଼ିଆ ଜାତିର ଉନ୍ନତି ପାଇଁ ସେ ସାରା ଜୀବନ କାମ କରି ଯାଇଛନ୍ତି। ୧୯୯୦ରେ କଳିଙ୍ଗ ନଗରକୁ ଔଦ୍ୟୋଗିକ କେନ୍ଦ୍ରରେ ପରିଣତ୍ କରିବା ପାଇଁ ବିଜୁ ବାବୁ ଚିନ୍ତା କରିଥିଲେ । ଆଜି କଳିଙ୍ଗ ନଗର ଦେଶର ଷ୍ଟିଲ ହବ୍ ହୋଇ ପାରିଛି। କେବଳ ଓଡ଼ିଶା ନୁହେଁ, ସାରା ଦେଶ ଏଥିରୁ ଲାଭ ପାଉଛି। ଖୁସିର କଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆଜି ଆମ ସହିତ ଅଛନ୍ତି। ମୁଁ ତାଙ୍କୁ ଓଡ଼ିଶାକୁ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ପୁଣି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଦେଶକୁ ଏକ ନୂଆ ଦିଗ ପ୍ରଦାନ କରିଛନ୍ତି। ଭାରତକୁ ଏକ ଆର୍ଥିକ ମହାଶକ୍ତି ଭାବେ ଗଢ଼ିତୋଳିବା ପାଇଁ ସେ ଦେଶକୁ ତ୍ୱରିତ୍ ବେଗରେ ଆଗକୁ ନେଉଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ଆଗାମୀ କିଛିବର୍ଷ ମଧ୍ୟରେ ଏହା ୩ ନମ୍ବର ସ୍ଥାନରେ ପହଞ୍ଚିବା ପାଇଁ ଅଗ୍ରସର ହେଉଛି । ଆଜି ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଅନେକ ପ୍ରକଳ୍ପ ଆରମ୍ଭ କରିବା ଖୁସିର କଥା। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ସହିତ ଅନେକ ଜାତୀୟ ରାଜପଥର ସମ୍ପ୍ରସାରଣ, ଡିସାଲିନେସନ୍ ପ୍ଲାଣ୍ଟ, ଏଲ୍‌ପିଜି ଟର୍ମିନାଲ, ଗ୍ୟାସ୍ ପାଇପଲାଇନ୍ ଏବଂ କେତେକ ନୂଆ ଟ୍ରେନ ଏଥିରେ ସାମିଲ ରହିଛି। ଓଡ଼ିଶାର ବିକାଶ ପାଇଁ ଧ୍ୟାନ ଦେଇଥିବାରୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ମହାପ୍ରଭୁଙ୍କ ଆଶୀର୍ବାଦ ଓ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଶୁଭେଚ୍ଛା ଓ ସହଯୋଗରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ସମଲେଇ ପ୍ରକଳ୍ପ ଲୋକାର୍ପିତ ହୋଇଛି। ମା ବିରଜାଙ୍କ ମନ୍ଦିରର ରୂପାନ୍ତର କାମ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### 'ନବୀନ ଓଡ଼ିଶା...

କରିଛନ୍ତି। ଏଠାରେ ୮୪୮୦ ଜଣ ଛାତ୍ରଛାତ୍ରୀଙ୍କୁ ୮.୫୩ କୋଟି ଟଙ୍କାର ଛାତ୍ରବୃତ୍ତି ବଣ୍ଟନ କରାଯାଇଛି। ଆଜି ଦିନରେ ସମୁଦାୟ ୧୩,୫୪୯ ଜଣ ଛାତ୍ରଛାତ୍ରୀଙ୍କୁ ୧୩.୭୨ କୋଟି ଟଙ୍କାର ଛାତ୍ରବୃତ୍ତି ବଣ୍ଟନ କରାଯାଇଛି। ଏହାସହ ସେ ସମସ୍ତ ଛାତ୍ରଛାତ୍ରୀଙ୍କୁ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ୱେବ୍ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ସେ ଅନୁରୋଧ କରିଛନ୍ତି। ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ www.magiccard.odisha.gov.in ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ। ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ଏହି କାର୍ଡ ବଣ୍ଟନ କରାଯିବ।

'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଅଧିକ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି, ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଯୁବକଙ୍କୁ ଶୈକ୍ଷିକବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ସାମ୍ସ ପୋର୍ଟାଲ ମାଧ୍ୟମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯିବ। ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଏହି କାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି।

'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମୃଦ୍ଧିର ପାସପୋର୍ଟ ହେବ। କାର୍ଡଗୁଡ଼ିକୁ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍ ଭାବେ ବିଭକ୍ତ କରାଯିବ। ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, ଏକ୍ସଟ୍ରା କରିକ୍ୟୁଲାର ଆକ୍ଟିଭିଟି, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି କାର୍ଡରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ ଓ ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡ଼ିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ। ଛାତ୍ରମାନଙ୍କୁ ଶିଳ୍ପ ସହିତ ଯୋଗାଯୋଗ କରିବା ପାଇଁ ସମ୍ଭାବ୍ୟ ନିଯୁକ୍ତି କମ୍ପାନୀ-ଏ ଲିଙ୍କଡଇନ୍ ପ୍ରକାର ପ୍ଲାଟଫର୍ମ ପ୍ରଦାନ କରିବ। ଏହାସହ ଚାକିରି ଏବଂ ପ୍ଲେସମେଣ୍ଟ ସୁଯୋଗ ମଧ୍ୟ ପ୍ରଦାନ କରିବ। ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହିତ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ।

### 'ଶଙ୍ଖନାଦ'ରେ ସାମିଲ...

ଭାବରେ ଯୋଡ଼ି ହେବା ପାଇଁ ଦଳର ପ୍ରୟାସକୁ ଦର୍ଶାଯାଇଛି। ଜନକଲ୍ୟାଣ ପାଇଁ ଏକ ଅଲଗା ବିଭାଗ ସମର୍ପିତ, ଯେଉଁଠାରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତାଲିକାଭୁକ୍ତ କରାଯାଇଛି। ଯୋଜନାଗୁଡ଼ିକ ହିତାଧିକାରୀ ଭିତ୍ତିରେ ତାଲିକାଭୁକ୍ତ ହୋଇଛି ଏବଂ ଏହା ନାଗରିକମାନଙ୍କୁ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇବାରେ ସାହାଯ୍ୟ କରିବ।

### ପ୍ରତିବଦ୍ଧ ନିଃସ୍ୱାର୍ଥ ସେବା...

ପାଇଁ ୫ ଟଙ୍କାରେ 'ଆହାର' କାର୍ଯ୍ୟକ୍ରମ ନବୀନଙ୍କ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ବଢ଼ାଇଛି। ଜଣେ କ୍ରୀଡ଼ାନୀତିଜ୍ଞ ଭାବରେ କ୍ରୀଡ଼ା କ୍ଷେତ୍ରକୁ ବିଶେଷ ଅବଦାନ ପାଇଁ ନବୀନ ସାରା ବିଶ୍ୱରେ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ବିଶ୍ୱ ମାନଚିତ୍ରରେ ଓଡିଶା କ୍ରୀଡ଼ା କେନ୍ଦ୍ରରେ ପରିଣତ ହୋଇଛି। ବିଶ୍ୱର ନାମକରା ହକି ଖେଳାଳିଙ୍କ ପସନ୍ଦ ପାଲଟିଛି ଓଡ଼ିଶା। ମିଶନମ୍ୟାନ୍ ନବୀନଙ୍କର ସବୁଠୁ ବଡ଼ ଶକ୍ତି ହେଉଛନ୍ତି ନାରୀ ଶକ୍ତି। ନାରୀ ଶକ୍ତିକୁ ଚାରି କାନ୍ଥର ଆବଦ୍ଧରୁ ବାହାର କରିବାକୁ ଅନବରତ ଉଦ୍ୟମ ଜାରି ରଖିଛନ୍ତି ନବୀନ। ପରିବାରରେ ଆର୍ଥିକ ପ୍ରଗତିରେ ନାରୀକୁ ଯୋଡ଼ିବାକୁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ମିଶନ ଶକ୍ତି ଯୋଜନା। ମହିଳାମାନଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ଭାବେ ସଶକ୍ତ କରିବାକୁ ମଧ୍ୟ ପଦକ୍ଷେପ ନେଇଛନ୍ତି ନବୀନ। ନାରୀ ସଶକ୍ତିକରଣ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ଜାତିସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ସେହିପରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ଉଦ୍ୟୋଗୀ କରିବା ପାଇଁ ବାଟ ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ। ଶ୍ରୀକ୍ଷେତ୍ର ପୁରୀ ଓ ଲିଙ୍ଗରାଜ ମନ୍ଦିର ସମେତ ରାଜ୍ୟର ସମସ୍ତ ଐତିହ୍ୟ କ୍ଷେତ୍ରର ବିକାଶ ହୋଇଛି। ଯାହା ଓଡ଼ିଶାକୁ ଏକ ନୂଆ ରୂପ ଦେଇଛି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସରକାରୀ ସ୍କୁଲଗୁଡ଼ିକ ସହ ପୁରାତନ ଛାତ୍ରମାନଙ୍କୁ ଯୋଡ଼ିବା ପାଇଁ ମୋ ସ୍କୁଲ ଭଳି ଯୋଜନା ଆରମ୍ଭ କରିଛନ୍ତି। ଗରିବ ମେଧାବୀ ଓଡ଼ିଆ ପିଲାଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ିବାର ସୁବିଧା ପାଇଁ ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଛନ୍ତି।

ରାଜ୍ୟର ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଆରମ୍ଭ ହୋଇଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ସ୍ୱାସ୍ଥ୍ୟସେବାରେ ଉତ୍କର୍ଷ ପାଇଁ ରାଜ୍ୟର ପୁରାତନ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବାକୁ କାମ ଆରମ୍ଭ ହୋଇଛି। ନବୀନ ନିଜ ସରକାରକୁ ଜନକେନ୍ଦ୍ରିକ ବୋଲି ପ୍ରମାଣିତ କରିବାକୁ ସଚିବାଳୟର ନାମ ପରିବର୍ତ୍ତନ କରାଯାଇ ଲୋକସେବା ଭବନ କରିଛନ୍ତି। ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ଆରମ୍ଭ ହୋଇଛି ମୋ ସରକାର। ଦୁର୍ନୀତିର ମୂଳୋତ୍ପାଟନ ସହ ସାଧାରଣ ଲୋକଙ୍କୁ ପ୍ରଶାସନିକ ବ୍ୟବସ୍ଥା ସହ ଯୋଡ଼ିବାକୁ ଆରମ୍ଭ ହୋଇଛି ୫-ଟି ଉପକ୍ରମ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ କାଳିଆ ଓ ବଳରାମ ଯୋଜନା ମାଇଲଖୁଣ୍ଟ ସାଜିଛି। ଶିଳ୍ପ କ୍ଷେତ୍ରରେ ଆସିଛି ବୈପ୍ଳବିକ ପରିବର୍ତ୍ତନ ପୁଞ୍ଜିନିବେଶ କାର୍ଯ୍ୟାନ୍ୱୟନରେ ଦେଶରେ ଦ୍ୱିତୀୟ ସ୍ଥାନ ପାଇଛି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାକୁ ଶିଖାଇଛି ମୁକାବିଲାର କୌଶଳ। ୨୪ ବର୍ଷର ଶାସନ ପୂରଣ କରି ଆଜି ରୌପ୍ୟ ଜୟନ୍ତୀ ବର୍ଷରେ ପାଦଦେଇଛି ନବୀନ ସରକାର। ସବୁକ୍ଷେତ୍ରରେ ଓଡ଼ିଶାର ବିକାଶ ପାଇଁ ନବୀନଙ୍କ ଉପରେ ଓଡ଼ିଶାବାସୀଙ୍କ ଆଶୀର୍ବାଦ ରହିଆସିଛି।

### 'ଟଲ୍‌ମ୍ୟାନ୍'ଙ୍କୁ ଭାବପୂର୍ଣ୍ଣ...

ମହିଳା ଦିବସ ପାଳନ କରାଯିବ। ଏହି ଅବସରରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯିବ। ବିଜୁବାବୁ ମହିଳାମାନଙ୍କର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସଶକ୍ତୀକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରି ସମଗ୍ର ଦେଶ ପାଇଁ ଅତୁଳନୀୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି। ସେହିପରି ରାଜ୍ୟ ସରକାର ମହିଳା ସଶକ୍ତୀକରଣ କ୍ଷେତ୍ରରେ ଅନେକ ଅନୁକରଣୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ମାଧ୍ୟମରେ ଲକ୍ଷଲକ୍ଷ ମା'ମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ହାସଲ କରାଯାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନୁକରଣୀୟ ଉଦାହରଣ ସୃଷ୍ଟି କରାଯାଇଛି। ଏସବୁ ବିଷୟରେ ମାର୍ଚ୍ଚ ୮ ତାରିଖରେ ଆୟୋଜିତ ମହିଳା ସମାବେଶରେ ବିସ୍ତୃତ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ଏପ୍ରିଲ ୧୭ ତାରିଖ ବିଜୁ ବାବୁଙ୍କ ତିରୋଧାନ ଦିବସକୁ ନିରାଡ଼ମ୍ବର ଭାବେ ଏବଂ ବିନମ୍ରତାର ସହ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିଦିନ ପ୍ରାତଃ କାଳରେ ତିଳତର୍ପଣ, ଦଳୀୟ କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ରାଜ୍ୟର କୋଣଅନୁକୋଣରେ ସ୍ଥାପନ କରାଯାଇଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ।

### ଆଗକୁ ଅସମ୍ଭାଳ...

ସ୍ଥିତି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଝାରସୁଗୁଡ଼ାରେ ବର୍ଷା ହୋଇପାରେ। ଯେଉଁ ଜିଲ୍ଲା ଗୁଡ଼ିକରେ ବର୍ଷା ହେବ ସେହି ଜିଲ୍ଲାରେ ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ରହିବ। ବାକି ଶୁଖିଲା ଥିବା ଜିଲ୍ଲା ଗୁଡିକରେ ତାପମାତ୍ରା ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ଅଧିକ ରହିବ। ଏହାସହ ୫୦ ରୁ ୬୦ ପ୍ରତିଶତ ଆର୍ଦ୍ରତା ହେତୁ କିଛି କିଛି ସ୍ଥାନରେ ହାଲୁକା ଗୁଳୁଗୁଳି ରହିବ। ୯ ତାରିଖ ପର୍ଯ୍ୟନ୍ତ ଏଭଳି ଭାବରେ ବିଭିନ୍ନ ଜିଲ୍ଲାରେ ହାଲୁକା ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ୧୨ ତାରିଖ ଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାପମାତ୍ରା ବଢ଼ିବ। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାତି ବଢ଼ିବ।


**THE ASKA CO-OPERATIVE SUGAR INDUSTRIES LTD.**
Po.: Nuagam, (Aska)-761111, Dist.- Ganjam, State-Odisha
Email id: askasugar@yahoo.co.in
GSTIN:21AAAAT5989L1ZO

L. No. (PUR) / 1972/1973/1974/1975/1976 L. No. (Pur.) / Dt. 02.03.2024

**TENDER CALL NOTICE**

The Aska Cooperative Sugar Industries Ltd., at Nuagam, Aska in Ganjam of Odisha State invites sealed Tenders from Manufacturer/Dealers/Supplier having GSTIN for supply of 1) Clarifier (Model-Door-4-4-4), Flash Tank (Suitable for 2500 TCD), Juice Column (For Clarifier). 2) Secondary Clarifier Mechanical of sugar E.T.P with Civil Construction Capacity-400 M³/day, 3) Lime Classifier (500Kg per hour), 4) Automatic Digital Polari Meter, 5) Digital Spectro photo meter, erection & commissioning parties are requested to give their offer with detail terms & conditions. Please visit our website www.askasugar.com for details of the Tender Call Notice.

Sd/- Managing Director

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

GOVERNMENT OF ODISHA B-1883
OFFICE OF THE SUPERINTENDING ENGINEER
GANJAM [R&B] DIVISION NO.I BERHAMPUR
Phone/Fax: (0680) 2233683,e-mail :eemb1_bam@yahoo.com
E-Procurement Notice
Bid Identification No.SE R&B Divn. No.1 Bam 101/2023-24, Lr. No. 4172, Dt.26.02.2024
Name of work : Building works.
No. of works : 1 (One) No
Estimated Cost : Approximately Rs. 11.00 lakh
Period of completion. : 4 (Four Calendar months)
Date and time of Availability of bid document in the portal : From 10.00 hours of 06.03.2024 to 16.00 hours of 13.03.2024
Last date/time for receipt of bids in the portal : Upto 16.00 hours of 13.03.2024.
Name & address of the Officer Inviting Bid : Superintending Engineer, Ganjam (R&B) Division No. I, Berhampur.
Further details can be seen from the e-Procurement portal https://tendersodisha.gov.in
Executive Engineer
Ganjam (R&B) Division No.I
Berhampur
OIPR-34109/11/0047/2324

I Mr. Rabindra Nayak, declare that I have lost the Original Sale Deed No - 3201/1990, dated.10/12/1990 of landed property of Mouza-Buxipatana, Tahasil-Khordha, Thana-Begunia, District - Khordha, bearing Khata No. 31, Plot No. 19, Kisam-Gharabari, A.0.054 Decimal on Dated: 15/11/2023, at about 10.15 AM, somewhere at Buxipatana locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact to Mr. Pravakar Pattanaik, Mobile No. 9778070590 or in A/L.93 Bhimatangi, Near Community Hall, Bhubaneswar, Khurda, Odisha, Pin-751002 address within 15 days of this publication.

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି C-3228
OFFICE OF THE NOTIFIED AREA COUNCIL: CHANDBALI
Pin:-756133 (Odisha)
E.Mail: chandbalin-hud@gov.in/chandbali.nac@gmail.com
E-Procurement Notice
Tender Call Notice No. 779 /CN-09-2023-24/Date: 02.03.2024
1. Name of the Work : Individual Civil Construction works as published the website.
2. No of works put to tender : 1 Nos. Individual works
3. Estimated cost : Rs. 81.96 Lakh
4. Period of completion : 6 Month.
5. Date and time of availability of bid document in the portal: from 17.00 hours of Dt. 04/03/2024 to 17.00 hour of Dt. 16/03/2024.
6. Last date/Time for receipt of bids : 17.00 hours of Dt. 16/03/2024
7. Date and time of opening of bid : 11.30 hours of Dt. 18/03/2024
8. Name and address of the Officer Inviting Bid : Executive Officer, Chandbali NAC, Chandbali
Further details can be seen from the e-procurement portal https://tenderorissa.gov.in
Executive Officer
Chandbali NAC
OIPR-13129/11/0012/2324

I Mr. Baja Khatua, declare that I have lost the Original Sale Deed No. 5990, dated 20/10/1984 of landed property of Mouza-Khandabandha, Tahasil-Gondia, Thana-Nihalprasad, District-Dhenkanal, bearing Khata No. 951/2016, Plot No. 2569/5142, Kisam-Gharabari, A.0.040 Decimal on Dated: 13.01.2024, at about 8.30 PM, somewhere at Gondia locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak, Mobile No. 7077704590 # 9778070590 or in this address- A/L.93, Bhimatangi, Patra Tax Consultant Lane, Near Bhimeswar Temple, Old Town, Bhubaneswar, Dist-Khurda, Odisha, Pin-751002 within 15 days of this publication.

**AFFIDAVIT**
By virtue of an affidavit sworn before the Notary Public, Bhubaneswar, Odisha I Ziauddin Khan Resident of At/PO-Jadupur, PS-Khandagiri, Bhubaneswar, Dist-Khordha, Odisha-751019, have changed my Son's name from Mohammed Ezad Khan to **Mohammed Azaz Khan** for all future purposes.

**AFFIDAVIT**
By virtue of an affidavit No 149 dated 16.02.2024 sworn before the Executive Magistrate, Bhadrak, Odisha I Chinmaya Kumar Nayak, S/o Sudarsana Nayak, Resident of Village-Kushagadia (Bhagada), PO-Tesinga,PS-Bhandaripokhari, Dist-Bhadrak, Odisha-756121, have changed my Son's name from Mohan Anshuman to **Anshuman Mohan Nayak** for all future purposes.

**ODISHA FISHERIES COOPERATIVE CORPORATION LTD. (FISHFED)**
1st Floor Matsya Sadan, Cuttack Road, Bhubaneswar-751006
Email fishfedodisha@gmail.com
Mob: -9937397302
**Expression of Interest (EOI)**
Notice No. 161 / Date 04.03.2024
The Managing Director, FISHFED, Odisha hereby invites Expression of Interest (EOI) from Private Entrepreneurs/ PFCS/ Individuals/ Self Help Groups/ Co-operatives/ Public Sector Enterprise/ Firms/ Companies/ Unemployed Youth/ Fishermen Societies etc, for taking lease of 2 nos, of specially designed "Morden, hygienic & fully air conditioned fish selling Kiosk" **"Chilika Fresh"** with space for freezer to store of fresh fish, fish cutting Space, Sale Counter along with digital weighing machine, Live fish container, 24x7 water & electricity supply, store room, security room, hygienic toilet and one special counter for "Ready to eat fish" as per customer demand located at Saheed Nagar & CRPF square Bhubaneswar Municipal Corporation area on Public Private Partnership (PPP) mode as per terms & conditions. The EOI can be obtained from FISHFED Office located at Matsya Sadan, Cuttack Road, Bhubaneswar or it can be downloaded from the website of FISHFED i.e. **www.fishfedodisha.in** from **Dt.06.03.2024,11.00 AM** onwards. The cost of tender paper is Rs.2,000/- + Rs 360/- (GST). The Expression of Interest (EOI) should be submitted to the Managing Director, Odisha Fisheries Cooperative Corporation Ltd (FISHFED), 1 Floor, Matsya Sadan, Cuttack Road, Bhubaneswar-751006 on or before **Dt-20.03.2024 by 3.00 PM.** The technical Bids will be opened on the same day at 4.00 PM in the Chamber of MD, FISHFED & the financial bids of eligible bidders will be opened on **Dt-20.03.2024 at 5.00 PM.** A Pre-bid meeting will be held on **Dt-13.03.2024 at 3.00 PM** in the Chamber of MD, FISHFED. The Authority reserves the right to cancel or reject any EOI without assigning any reason thereof.
Sd/- MANAGING DIRECTOR

**AFFIDAVIT**
I, Pradosh Panigrahi, S/o Late Devraj Panigrahi, resident of Plot No.579-H, Opp. Iskon Temple, Nayapalli, Bhubaneswar, Dist-Khordha, Pin-751012, Odisha declare by this affidavit No.68AA 725293, dated- 26/12/2023, that now onwards I shall be known as **PRADOSH KUMAR PANIGRAHI** for all future purposes.

**AFFIDAVIT**
I, Sri Prasant Kumar Sahoo, S/o-Late Shyam Sundar Sahoo, resident of At-Mundamala, Po/Ps-Choudwar, Dist-Cuttack, Pin-754025, Odisha by an affidavit before the Executive Magistrate, Cuttack Vide No. 880, date-29/02/2024 hereby declare that now onwards I shall be known as **PRASANTA KUMAR SAHOO** for all purposes.
**Prasanta Kumar Sahoo**
**At- Mundamala,**
**Choudwar, Cuttack**

**AFFIDAVIT**
I, Smt. Sradhajali Sahoo, W/o- Prasanta Kumar Sahoo, resident of At-Mundamala, Po/Ps-Choudwar, Dist-Cuttack, Pin-754025, Odisha by an affidavit before the Executive Magistrate, Cuttack, Vide No. 879, date-29/02/2024 hereby declare that now onwards I shall be known as **SHRADHANJALI SAHOO** for all purposes.
**Shradhanjali Sahoo**
**At- Mundamala,**
**Choudwar, Cuttack**

# ଆଧୁନିକ ଓଡ଼ିଶା ଗଠନରେ ଦକ୍ଷ ବିନ୍ଧାଣି ଥିଲେ ବିଜୁ ବାବୁ

ନୟାଗଡ଼, ୫।୩(ସମିସ): ନୟାଗଡ଼ ଜିଲ୍ଲାରେ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସେହିଭଳି ଭାବେ ବ୍ଲକ ଓ ପଞ୍ଚାୟତ ସ୍ତରରେ ପଞ୍ଚାୟତରାଜ ଦିବସ ପାଳନ କରାଯାଇଛି। ଏହି ଦିବସକୁ ମହାସମାରୋହରେ ପାଳନ କରାଯାଇଥିବା ଦେଖାଯାଇଛି। ପ୍ରବାଦ ପୁରୁଷ ବିଜୁ ବାବୁ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠାର ମୁଖ୍ୟ ଭାଗିଦାର ହୋଇଥିବା ବେଳେ ନୟାଗଡ଼ ବାସୀଙ୍କ ତାଙ୍କ ସ୍ମୃତିକୁ ଆଜି ମନେ ପକାଇଛନ୍ତି।

● ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ

## ୩ ପଞ୍ଚାୟତକୁ ବିଜୁ ପଟ୍ଟନାୟକ ସଶକ୍ତୀକରଣ ପୁରସ୍କାର



ନୟାଗଡ଼, ୫।୩(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ଗୃହରେ ପଞ୍ଚାୟତି ରାଜ ଦିବସ ଓ ଲୋକ ସେବା ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ସ୍ୱାଧୀଦେବ ସିଂ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହି ଅଧିକାରୀ ଦେବଦତ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତି ରାଜ ଦିବସ ଅବସରରେ ମୁଖ୍ୟଅତିଥି ବିଜୁ ବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବିଜୁ ବାବୁଙ୍କ ସାହସିକତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ସଶକ୍ତିକରଣ ପୁରସ୍କାର ୩ଟି ପଞ୍ଚାୟତକୁ ପ୍ରଦାନ



କରାଯାଇଥିଲା। ଜିଲ୍ଲାସ୍ତରରେ ପ୍ରଥମ ପୁରସ୍କାର ଭାବେ ଲେଙ୍କୁଡିପଡ଼ା ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଉକ୍ତ ପଞ୍ଚାୟତକୁ ୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ରାଶିକୁ ସ୍ଥାନୀୟ ସରପଞ୍ଚ ଆନନ୍ଦ ଚନ୍ଦ୍ର ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ଚନ୍ଦନ କୁମାର ବେହେରା, ପିଇଓ ପ୍ରଭାକର ମିଶ୍ର, ଜିଆରଏସ ବାଦଲ କୁମାର ଷଡଙ୍ଗୀ, ସମାଜସେବୀ ସଞ୍ଜୟକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ପୁରସ୍କାର ଭାବେ ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତ ଏବଂ ତୃତୀୟ ପୁରସ୍କାର ନୟାଗଡ଼ ବ୍ଲକର ବାଲୁଗାଁ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପୁରସ୍କାର ୧ ଲକ୍ଷ ୨୫ ହଜାର, ତୃତୀୟ ପୁରସ୍କାର ୧ ଲକ୍ଷ ପ୍ରଦାନ କରାଯାଇଥିଲା। ଏହି ରାଶି ପଞ୍ଚାୟତର ଆକାଉଣ୍ଟକୁ ପ୍ରଦାନ କରାଯିବ ବୋଲି ଡିପିଓ ମଧୁସୁଦନ ମହାରଣା ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଟାମାଟିରୁ ନୟାଗଡ଼ ବିଶାଳ ସାଇକଲ ଶୋଭାଯାତ୍ରା



**ନୟାଗଡ଼:** ନୟାଗଡ଼ ବିଜୁ ଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ବିଶାଳ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣକୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ନୟାଗଡ଼ ବ୍ଲକର ୨୯ ପଞ୍ଚାୟତ ଏବଂ ପୌର ପରିଷଦର ୩ ହଜାରରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜଣେ ସାହାସୀ ବ୍ୟକ୍ତିତ୍ୱ ଥିଲେ। କଟକରୁ ପେସୱାର ସାଇକଲରେ ଗସ୍ତ କରିଥିଲେ। ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଏହି ସାଇକଲ ଶୋଭାଯାତ୍ରାର ପରିକଳ୍ପନା କରାଯାଇଥିବା ବିଧାୟକ ଡ. ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ନୟାଗଡ଼ ବିଧାୟକ ଡ. ସାହୁଙ୍କ ନିଷ୍ଠା ଓ ପରିଶ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ଏବଂ ଜନପ୍ରିୟ ବିଧାୟକ ଭାବେ ସାରା ରାଜ୍ୟରେ ଡ. ସାହୁଙ୍କ ସୁନାମ ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ଗଙ୍ଗାଧର ପଣ୍ଡା, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଆଶିଷ ଅଗ୍ରୱାଲ, ସୁବାଷ ଚନ୍ଦ୍ର କହଁର, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ। ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସାମିଲ ହୋଇଥିଲେ।

## ଓଡ଼ିଶା ମାଟିର ସେବାକୁ ଗୁରୁତ୍ୱ ଦେଉଥିଲେ ବିଜୁ ବାବୁ

**ଓଡ଼ଗାଁ:** ସବୁ କିଛି ପରିତ୍ୟାଗ କରି ଉତ୍କଳ ଜନନୀର ସେବା ପାଇଁ ଜନ୍ମ ମାଟି ଓଡ଼ିଶାକୁ ବାଛି ନେଇଥିଲେ ବିଜୁ ବାବୁ। ସେ କେବେ ବି ଦଳ ପାଇଁ ନୁହେଁ କିମ୍ବା ପଦ ପଦବୀ ପାଇଁ ନୁହେଁ ନିଜ ମାଟି ମା' ପାଇଁ। କେନ୍ଦ୍ରୀୟ ନେତୃତ୍ୱକୁ ପରିତ୍ୟାଗ କରି ଏକ ନୂତନ ଓଡ଼ିଶା ଗଠନ କରିବାର ସ୍ୱପ୍ନ ଦେଖିଥିଲେ। ଏବେ ତାଙ୍କରି ନାଁରେ ନାମିତ ବିଜୁ ଜନତା ଦଳ ନିରବଚ୍ଛିନ୍ନ ଭାବେ ୨୫ ବର୍ଷ କାଳ ଶାସନ କରି ଆସୁଛନ୍ତି। ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ସତରେ ପରିଣତ କରିବା ପାଇଁ ଏବଂ ୨୦୩୬ ସୁଦ୍ଧା ତାଙ୍କୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ବିଜୁ ବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲୁ ରହିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ କଦମ୍ବ ବଜାର ଠାରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜୟନ୍ତୀ ପାଳନ ଅବସରରେ ଏଭଳି ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ନୟାଗଡ଼ ବିଧାୟକଙ୍କ କାର୍ଯ୍ୟଶୈଳୀରେ ସନ୍ତୋଷବ୍ୟକ୍ତ କରି ଗିରିଡିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ୧୦ ପରିବାର ବିଜେପି ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ବିଧାୟକ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଦଳ ମଜବୁତ ହେବ ବୋଲି କହିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁଙ୍କ ସମେତ ନିତ୍ୟାନନ୍ଦ ପ୍ରଧାନ, ବିଭୁପ୍ରସାଦ ସାହୁ ଅନେକ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକୀ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।



ଅପରାହ୍ନରେ ବିଡିଓ ଅଙ୍କୁର ଅଭିଳାଷଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଆହା କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରାଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ରହିବା ସହିତ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଆଧୁନିକ ଓଡ଼ିଶା ଗଠନ କରିବାରେ ଜଣେ ଦକ୍ଷ ବିନ୍ଧାଣି ଥିଲେ ବୋଲି ଉପାଧ୍ୟକ୍ଷ ଶ୍ରୀ ସାହୁ ଅଭିଭାଷଣରେ କହିଥିଲେ। ଏଥିସହିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସହିତ ବିଜୁ ବାବୁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବା ବେଳେ ଜିପିଇଓ ଅନିତ ବଡସେଟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ସିଆରପି, ଏମବିକେ ଓ ଏସଏଚଜି ସଦସ୍ୟାମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ପୂର୍ବରୁ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ପ୍ରାୟ ୬ଶହ ବାଇକରେ ୧୨ଶହ ରୁ ଊର୍ଦ୍ଧ୍ୱ ଯୁବ, ଛାତ୍ର ଓ ଛାମୁଆ କର୍ମୀମାନେ ବିଶାଳ ଶୋଭାଯାତ୍ରାରେ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରୁ ବାହାରିବା ସହିତ ଖଳିସାହି, ଖଣ୍ଡପଡ଼ା ସହର ପରିକ୍ରମା କରି ବ୍ଲକ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ଷମତାସୀନ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

## ଶପଥ ନେଲେ ବିଜୁପ୍ରେମୀ

**ରଣପୁର:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ବାର୍ଷିକ ଦିବସ ଏବଂ ପଞ୍ଚାୟତରାଜ ତଥା ଲୋକସେବା ଦିବସ ରଣପୁରରେ ଧୂମ ଧାମରେ ପାଳନ କରାଯାଇଛି। ରଣପୁର ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମା'ହରଚଣ୍ଡୀ ଗୋଶାଳାରେ ଗୋମାତାଙ୍କୁ ଖାଦ୍ୟ ବଣ୍ଟନ ସହ ସହିଦ ରଘୁ



ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରଣପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏଥିସହିତ ସାଇକଲ ଶୋଭାଯାତ୍ରାରେ ଯାଇ ମା'ମଣିନାଗ କଲ୍ୟାଣୀ ମଣ୍ଡପଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି। ଅପରାହ୍ନରେ ରଣପୁର ପଞ୍ଚୁଦୋଳ ପଡ଼ିଆଠାରେ ବିରାଟ ସଭା ଅନୁଷ୍ଠିତ ହୋଇଥିବା ବେଳେ ବିଜୁ ବାବୁଙ୍କ ଜୀବନ ଉପରେ ସଚେତନତା ଭିଡିଓ ପ୍ରସାରଣ କରାଯାଇଥିଲା। ବିଧାୟକ ବିଜୁ ପ୍ରେମୀଙ୍କୁ ଶପଥ ପାଠ କରାଇ ଥିଲେ। ଏହି କାର୍ଯ୍ୟକ୍ରମରେ ରଣପୁର ବ୍ଲକ ବହୁ ବିଜେଡି କର୍ମୀଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏନ୍ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ସାଂସଦ ପ୍ରତିନିଧି ସ୍ୱରାଜ ମହାନ୍ତି, ବ୍ଲକ ସଭାପତି ସଚିକାନ୍ତ ଷଡ଼ଙ୍ଗୀ, ବିଜେଡି ଯୁବ ସଭାପତି ଆକାଶ କୁମାର ପାଣି, ନର୍ମଦା ରାୟ ଯୋଗ ଦେଇଥିଲେ।

## ମୋ ସ୍କୁଲ ଅଭିଯାନ ପକ୍ଷରୁ ବିଜୁ ଜୟନ୍ତୀ

**ରଣପୁର:** ମୋ ସ୍କୁଲ ଅଭିଯାନ ମାଧ୍ୟମରେ ସୁର୍କାବାଡି ପଞ୍ଚାୟତ ନୋଡାଲ ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ କିଛି ପୁରାତନ ଛାତ୍ରଛାତ୍ରୀ, ଅଭିଭାବକଙ୍କ ଉପସ୍ଥିତିରେ ପଞ୍ଚାୟତିରାଜ ଦିବସ ପାଳନ ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିବା ବେଳେ ପୁରାତନ ଛାତ୍ର ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଆଜିର କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ସଂଯୋଗ କରିବା ଦ୍ୱାରା ବିଦ୍ୟାଳୟ ଗୁଡିକ ବିକଶିତ ହେଇ ପାରିଛି। ସେବା ସ୍ନେହ ଭଲ ପାଇବା ମିଳି ପାରିଛି, ଏହା ଦ୍ୱାରା ବିଦ୍ୟାଳୟ ଗୁଡିକ ରୂପାନ୍ତରଣ କଳେବର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଇଛି। ପ୍ରତ୍ୟେକ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ ବିଜ୍ଞାନ ଗାର ଖେଳପଡ଼ିଆ, ବିଶୁଦ୍ଧ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଶିକ୍ଷାର ଉନ୍ନତୀ ହେଇପାରିଛି ବୋଲି ଅଭିଭାବକମାନେ କହିଥିଲେ।

## ଖଣ୍ଡପଡ଼ା ପ୍ରଗତି ପାଇଁ ସଂକଳ୍ପ



**ଖଣ୍ଡପଡ଼ା/କଣ୍ଟିଲୋ:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ବାପୁଜୀ ପାର୍କଠାରେ ପଞ୍ଚାୟତ ରାଜ ପାଳନ ଅବସରରେ ମଙ୍ଗଳବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ପୂର୍ବତନ ବିଜେଡ଼ି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବା ପାଇଁ ନାରା ଦେଇଥିଲେ। ଏହି ସମାବେଶରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ଓ ବର୍ତ୍ତମାନ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇ ଥିଲେ। ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପ୍ରଗତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜୟନ୍ତୀ ପାଳନ ଅବସରରେ ବିଜେଡ଼ି ନେତା ଜନ୍ମେଜୟ ନାୟକ ଓ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ପ୍ରାରମ୍ଭିକ ଭାଷଣରେ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଭୁବନେଶ୍ୱର କର୍ପୋରେଟର, ଜାଗା ମିଶନ ଉପଦେଷ୍ଟା ଶାଶ୍ୱତୀ ମିଶ୍ର, କ୍ୟାପିଟାଲ ହସ୍ପିଟାଲ ଉପଦେଷ୍ଟା ସଞ୍ଜୟ ସେଠି, ବିଜେଡ଼ି ବରିଷ୍ଠ ନେତା ଅଖିଳ କୁମାର ମହାରଣା, ସନ୍ତୋଷ କୁମାର ତ୍ରିପାଠୀ, ମମତା ସାହୁ, ସଞ୍ଜୁଲତା ପ୍ରଧାନ, ମମତା ଯୋଜନା ଉପଦେଷ୍ଟା ସଂଯୁକ୍ତା ମହାନ୍ତି ଉପସ୍ଥିତ ରହି ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ। ଶେଷରେ ଶ୍ରୀ ବଳିଆର ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଦୁର୍ନୀତି ନକରିବା ପାଇଁ ଶପଥ



**ଭାପୁର:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଭାପୁର ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ସାତଟା ସମୟରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ହଜାର ହଜାର ବିଜୁ କର୍ମୀ, ଜନପ୍ରତିନିଧି ଭାପୁର ବାଇପାସ୍ ନିକଟସ୍ଥ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପ ପରିସରରେ ଏକାଠି ହୋଇଥିଲେ। ଏହାପରେ ବିଜୁ ପଟ୍ଟନାୟକଙ୍କ ନାମରେ ବିଭିନ୍ନ ସ୍ଲୋଗାନ ସହ ଭାପୁର ବ୍ଲକ ପରିକ୍ରମା କରି ବ୍ଲକ ପର୍ଯ୍ୟନ୍ତ ଯାଇଥିଲେ। ସେହିପରି ଭାପୁର ବ୍ଲକ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଓ ଲୋକ ସେବା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାପୁର ବ୍ଲକରେ ଆଜି ଆମେ ସମସ୍ତେ ଶପଥ ନେବା କେହି ଦୁର୍ନୀତି କରିବା ନାହିଁ, କାହାକୁ ଦୁର୍ନୀତି କରାଇ ଦେବା ନାହିଁ ବୋଲି ଶପଥ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ବ୍ଲକ ବିଜେଡ଼ି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ମହିଳା ନେତ୍ରୀ କବିତା ମହାରଣା ଭାପୁର ବ୍ଲକର ଜନପ୍ରତିନିଧି ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଭାପୁର ବ୍ଲକର ବିଜୁଜନତା ଦଳର ନୂତନ ବିଜେଡ଼ି ଯୁବ ସଭାପତି, ଛାତ୍ର ସଭାପତି ଓ ବିଜେଡ଼ି ବ୍ଲକ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ନୂଆ -ଓ' ଯୋଜନାରେ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ

ଭାପୁର, ୫।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଟିକିରିପଡ଼ାସ୍ଥିତ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ 'ନୂଆ-ଓ'ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଛାତ୍ରଛାତ୍ରୀଙ୍କ ଚିନ୍ତା କରିଥାନ୍ତି। ଯେଉଁ ରାଜ୍ୟରେ ଛାତ୍ରଛାତ୍ରୀ ଯେତେ ଉଚ୍ଚ ଶିକ୍ଷିତ ହେବେ। ଅର୍ଥ ଅଭାବରୁ କେହି ଆଉ ପାଠପଢ଼ାରୁ ବଞ୍ଚିତ ହୋଇ ପାରିବେ ନାହିଁ। ଉଚ୍ଚ ଶିକ୍ଷାର ଅର୍ଥ ଆଉ ସାଜିବନି ବାଧକ ନୂଆ -ଓ ଛାତ୍ରଛାତ୍ରୀ ହେବ ସହାୟକ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଭାପୁର ବ୍ଲକ ବିଜେଡ଼ି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ କଲେଜର ନୋଡାଲ ଅଫିସର ଡଃ ସାରଙ୍ଗଧର କର, ଅଧ୍ୟାପକ ଲକ୍ଷ୍ମୀଧର ଜେନା, ଅଧ୍ୟାପିକା ବିଜୟଲକ୍ଷ୍ମୀ ମଙ୍ଗରାଜ, ସଂଘମିତ୍ରା ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ସାହୁ, ଦାଶରଥି ରାଉତ, ସାମ୍ବାଦିକ ପ୍ରଭାତ କୁମାର ବରାଡ଼ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ କଲେଜର ୪୮୦ ଜଣ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଅତିଥିମାନେ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ସତ୍ୟ ସୁନ୍ଦର ଦାସ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଶନ୍ନ କୁମାର ମହାରଣା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ।

**ଓଡଗାଁ :** ଓଡ଼ଗାଁ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବଣ୍ଟନ ହେଲା 'ନୂଆ-ଓ' ଛାତ୍ରବୃତ୍ତି ପ୍ରମାଣପତ୍ର। ଏହି ଉପଲକ୍ଷେ କଲେଜ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ, ଅଧ୍ୟାପକ ପ୍ରସନ୍ନ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ଦାଶ ପ୍ରମୁଖଙ୍କ ସହିତ ଅନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକ ଦୂର କରିବା ସହିତ ପାଠ ପଢ଼ିବା ସମୟରେ ବାପା ମା'ଙ୍କ ଉପରେ ବୋଝକୁ ହାଲକା କରିବା ଉଦ୍ଦେଶ୍ୟରେ ୮୩୩ ଜଣଙ୍କୁ ବୃତ୍ତି ପ୍ରମାଣପତ୍ର ପ୍ରଦାନ କରିଥିବା ଓଡ଼ଗାଁ ବ୍ଲକ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ୧୦୩ ଜଣ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସଭାପତି ଡ. ଗୋପୀନାଥ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି, କୁରାଳ ପଞ୍ଚାୟତ ସରପଞ୍ଚ ବିଜନ୍ ପାଇକରାୟ ମୁଖ୍ୟବକ୍ତା ଏବଂ ସାମ୍ବାଦିକ ଗଣେଶ୍ୱର ସାହୁ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେହିପରି ଓଡ଼ଗାଁ ପିମିଟ କଲେଜର ୭୧୯, ବାହାଡାଝୋଲା କଲେଜର ୧୬୪ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ଶିଶୁ ଅଧିକାର ସମ୍ବନ୍ଧୀୟ ସଚେତନତା

ନୟାଗଡ଼, ୫।୩(ସମିସ): ନୟାଗଡ଼ ବ୍ଲକ ଲେଙ୍କୁଡିପଡ଼ା ଠାରେ ଏବଂ ବାଲୁଗାଁଠାରେ ଦାଶକାଠିଆ ନୃତ୍ୟ ମାଧ୍ୟମରେ ଲୋକଙ୍କୁ ବାଲ୍ୟ ବିବାହ, ଶିଶୁ ଚାଲାଣ, କନ୍ୟା ଭ୍ରୁଣ ହତ୍ୟା, ଶିଶୁ ଶ୍ରମିକ, ଆଇନ୍ ଗତ ପୋଷ୍ୟ ସନ୍ତାନ ଗ୍ରହଣ ଇତ୍ୟାଦି ବିଷୟରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସିଡିପିଓ, ସିଡବ୍ଲୁସି, ଡିସିପିୟୁର ସମସ୍ତ ସମସ୍ତ ସଦସ୍ୟ ଏବଂ ଅଙ୍ଗନବାଡି କର୍ମୀ, ସମାଜସେବୀଙ୍କ ଉପସ୍ଥିତି ଥିଲେ।

## ୧୧୭ ଜଣ ପାଇଲେ ବିଏସ୍‌କେୱାଇ କାର୍ଡ

ଖଣ୍ଡପଡ଼ା, ୫।୩(ସମିସ): ଖଣ୍ଡପଡ଼ା ବ୍ଲକ ସଭାଗୃହରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆଜି ୧୦ ପଞ୍ଚାୟତର ୧୧୭ ଜଣ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଥିବା ବେଳେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଓ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିପିଓ ଅନିତ କୁମାର ବଡ଼ସେଠ ପରିଚାଳନା ଓ ସଂଯୋଜନା କରିଥିଲେ।

### ନାଟ୍ୟମେଳା ପଞ୍ଚମ ସନ୍ଧ୍ୟା

## 'ପତିତପାବନ ବାନା ଆଉ କେତେ ବେଳକୁ'

ନୟାଗଡ଼, ୫।୩(ସମିସ): ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ବହୁ ପ୍ରତିକ୍ଷିତ ନାଟକ 'ପତିତପାବନ ବାନା ଆଉ କେତେ ବେଳକୁ'। ଐତିହାସିକ ପୃଷ୍ଠଭୂମି ଆଧାରରେ ଭକ୍ତ-ଭଗବାନଙ୍କ ମଧ୍ୟରେ ଥିବା ଅନନ୍ୟ ସମ୍ପର୍କର ରୂପାୟନ ଘଟିଛି ଶ୍ରୀଜଗନ୍ନାଥ ସଂସ୍କୃତି କୈନ୍ଦ୍ରିକ ଏହି ନାଟକ ମଧ୍ୟରେ। ଅବିଶ୍ୱାସ, ସନ୍ଦେହ ଭିତରେ ପାରିବାରିକ ସମ୍ପର୍କ ରୁଗ୍ଣ-କ୍ଷତାକ୍ତ। ସେ ସାଧାରଣ ବ୍ୟକ୍ତି ହୁଅନ୍ତୁ କିମ୍ବା ଗଜପତି ଦିବ୍ୟସିଂହ ଦେବ ହୁଅନ୍ତୁ-କିଛି ବି ପାର୍ଥକ୍ୟ ନାହିଁ। ଏକ ସାମାନ୍ୟ ଗୋଟିଏ ଫୁଲ ହାର କିପରି ଗଜପତି ମହାରାଜଙ୍କ ମନରେ ସନ୍ଦେହର ବିଷବୃକ୍ଷ ସୃଷ୍ଟି କରେ, ତାହାର ପ୍ରାମାଣିକ ରୂପ ନାଟକରେ ପ୍ରତିଫଳିତ ହୋଇଥିଲା। ନିଜ ସାନଭାଇ ସାନଦେଉଙ୍କ ସହିତ ମାତୃସମ ମହାରାଣୀଙ୍କ ପବିତ୍ର ସମ୍ପର୍କକୁ ସନ୍ଦେହ କରି ସନ୍ଦେହର ଡହଡହ ତାତିଲା ଝାଞ୍ଜିରେ ଛଟପଟ ଗଜପତିଙ୍କ ନିଷ୍ଠୁର ପ୍ରାଣଦଣ୍ଡ ଆଦେଶ ସାନଦେଉଙ୍କୁ କିପରି କଲବଲ କରିଥିଲା ତାହା ଏହି ନାଟକରେ ସ୍ପଷ୍ଟ ପ୍ରତିଫଳିତ ହେବା ସହିତ ଦର୍ଶକଙ୍କୁ ବେଶ ଭାବପ୍ରବଣ କରି ଦେଇଥିଲା। ନାଟ୍ୟଧାରା, ନୟାଗଡ଼ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟମେଳାର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ଶିକ୍ଷାବିତ ପ୍ରଫେସର ରାମଚନ୍ଦ୍ର ମିଶ୍ର ଏବଂ ନାଟକର ରଚୟିତା ଗଦାଧର ନନ୍ଦ ଯୋଗଦାନ କରିଥିଲେ। ଚମତ୍କାର ନାଟ୍ୟସଂସ୍ଥା, ନୟାଗଡ଼ ପକ୍ଷରୁ ପରିବେଶିତ ଏହି ନାଟକର ନିର୍ଦ୍ଦେଶନା ଡ.ବିଜୟ କୁମାର ଚୌଧୁରୀ ଦେଇଥିବା ବେଳେ ସଙ୍ଗୀତ ସଂଯୋଜନା, ନିର୍ଦ୍ଦେଶନା ଏବଂ କଣ୍ଠଦାନ କରିଥିଲେ ଅଧ୍ୟାପିକା ଜୟଶ୍ରୀ ଦେବୀ। ନାଟକ ପରିଚାଳନାରେ ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନିର୍ଦ୍ଦେଶକ



ଡ. ବିଜୟ ଚୌଧୁରୀଙ୍କ ସମେତ ନାଟ୍ୟଧାରା ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଶାହା କଲେଜରେ ଛାତ୍ରବୃତ୍ତି ପ୍ରଦାନ

**ପୁରୀ, ୫।୩(ସମିସ):** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପୁଣ୍ୟ ଜନ୍ମ ତିଥିରେ ତଥା ପଞ୍ଚାୟତିରାଜ ଦିବସରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ତରଫରୁ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶ୍ରୀକୁମାର ପାଠୀଙ୍କ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟୁନ ୫୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ମୁଖ୍ୟଅତିଥିଙ୍କୁ କଲେଜ ପରିସରକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ରବୃତ୍ତିର ନୋଡାଲ ଅଫିସର ପ୍ରଫେସର ଲିଲିମା ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ କୁମାର ସାହୁ, ପ୍ରଫେସର ସୁଶାନ୍ତି ମହାପାତ୍ର ଉପସ୍ଥିତ ରହି ସଭାକାର୍ଯ୍ୟକୁ ସଫଳ କରିଥିଲେ। ପ୍ରାରମ୍ଭରେ ପ୍ରଫେସର ରାଧାଶ୍ୟାମ ପଲାଇ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ସୁଦର୍ଶନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଛାତ୍ରୀବୃତ୍ତି ପ୍ରଦାନ

**ପୁରୀ, ୫।୩(ସମିସ):** ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ନୂଆ ଓଡ଼ିଶା ଛାତ୍ରୀ ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ଛାତ୍ରୀ ଯୋଗଦେଇ ସେମାନଙ୍କୁ ସରକାର ଯୋଗାଇ ଦେଇଥିବା ବୃତ୍ତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର, ସମ୍ମାନିତ ଅତିଥି ଭାବେ ସୁକାନ୍ତ କୁମାର ମହାନ୍ତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱନାଥ ବଳିୟାରସିଂ ଯୋଗଦେଇଥିଲେ। ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିବା ବେଳେ ଚରିତ୍ର ଗଠନ ଶିକ୍ଷାର୍ଥୀ ମୂଳ ଅଂଶ ବୋଲି ସମ୍ମାନିତ ଅତିଥି କହିଥିଲେ। ଅଧ୍ୟକ୍ଷ ଡ. ବଳିୟାରସିଂ କହିଥିଲେ ଯେ, ଉତ୍ତମ ଚରିତ୍ର ଗଠନ ଶିକ୍ଷାର ମୂଳଦୁଆ ଅଟେ। ଏହି ଅବସରରେ କମଳଲୋଚନ ପ୍ରଧାନ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୩ର ଆଇସା ତିୱାରୀ, ମୋନାଲିସା ମିତ୍ର, ଭାଗ୍ୟଜ୍ୟୋତି ସାହୁ, ପ୍ରିୟଙ୍କା ମହାନ୍ତି, ବିଜୟ ଛାଟୋଇ ପ୍ରମୁଖ ଯୋଗଦେଇଥିଲେ।

## ଏବିଭିପି ପକ୍ଷରୁ ବିକ୍ଷୋଭ

**ପୁରୀ, ୫।୩(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଶ୍ରୀସଦାଶିବ ପରିସର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଶ୍ଚିମବଙ୍ଗର ସନ୍ଦେଶଖାଲି ଅଞ୍ଚଳରେ ପଛୁଆ ବର୍ଗର ମହିଳାମାନଙ୍କ ପ୍ରତି ଟିଏମ୍‌ସି କର୍ମୀ ଏବଂ ଜିହାଦୀଙ୍କ ଦ୍ୱାରା ହେଉଥିବା ଯୌନ ଶୋଷଣ, ବଳାତ୍କାର ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ମମତା ବାନାର୍ଜୀ ସରକାର ଚୁପ୍ ବସିଛନ୍ତି, ଯାହା ନିହାତି ନିନ୍ଦନୀୟ ଘଟଣା। ଏହାକୁ ବିରୋଧ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଙ୍ଗଳବାର ଦେଶବ୍ୟାପୀ ଆନ୍ଦୋଳନ କରିଛି। ଏହି ଜିଲ୍ଲାସ୍ତରୀୟ ଆନ୍ଦୋଳନ ବିଭାଗ ସଂଯୋଜକ ତାରା ପ୍ରସାଦ ଦାଶଙ୍କ ନେତୃତ୍ୱରେ ସମ୍ପାଦନ ହୋଇଛି। ଏଥିସହ ପରିସରରୁ ଶଙ୍କର ଶତପଥୀ, ରାଜେଶ ନନ୍ଦ, କୁନି ଟୁଡୁ, ବଦ୍ରିନାରାୟଣ ତ୍ରିପାଠୀ, ଓମ୍‌ପ୍ରକାଶ ସାହୁ, ସୌମ୍ୟା ସ୍ନିଗ୍ଧା ମହନ୍ତ, ଶ୍ରୁତିଷ୍ମିତା ସାହୁ, ବନିତା ସାହୁ, ଶୁଭଶ୍ରୀ ସୋରେନ, ଶର୍ମିଷ୍ଠା ତ୍ରିପାଠୀ ସହ ସଂଖ୍ୟାଧିକ ବିଦ୍ୟାର୍ଥୀ ଉପସ୍ଥିତ ରହି ଏହାକୁ ସମର୍ଥନ କରିଥିଲେ।

## ଓଡ଼ିଶା ଟାଏକ୍ୱୋଣ୍ଡୋ ସଂଘ ନୂଆ କର୍ମକର୍ତ୍ତା ନିର୍ବାଚିତ

**ପୁରୀ, ୫।୩(ସମିସ):** ସ୍ଥାନୀୟ ସଂସ୍କୃତି ଭବନରେ ଓଡ଼ିଶା ଟାଏକୋଣ୍ଡୋ ସଂଘର ବାର୍ଷିକ ସଭା ଓ ନିର୍ବାଚନ ଅନୁଷ୍ଠିତ ହୋଇଛି। ଆଇନଜୀବୀ ଅଜୟ କୁମାର ସାହୁ ରିଟର୍ଣ୍ଣିଂ ଅଫିସର ଭାବେ ଏହି ନିର୍ବାଚନକୁ ପରିଚାଳନା କରିଥିଲେ। ଟାଏକୋଣ୍ଡୋ ଫେଡରେଶନ ଅଫ୍ ଇଣ୍ଡିଆ (ଟିଏଫ୍‌ଆଇ) ପକ୍ଷରୁ ଦିଲ୍ଲୀ ଟାଏକୋଣ୍ଡୋ ସଂଘର ଯୁଗ୍ମ ସମ୍ପାଦକ ଅଜୟ କୁମାର ଦଲାଲ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୧୬ଟି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଘୋଷଣା କରାଯାଇଥିଲା। ଏଥିରେ ଓଡ଼ିଶା ସଂଘର ୧୯ଟି ଅନୁବନ୍ଧିତ ଜିଲ୍ଲା ସଂଘରୁ ଦୁଇଜଣ ଲେଖାଏଁ ପ୍ରତିନିଧିତ୍ୱ କରିଥିଲେ। ନିର୍ବାଚିତ ସଦସ୍ୟମାନେ ହେଲେ ବ୍ୟୋମକେଶ ଅଭିଳାଷ ପ୍ରସାଦ (ସଭାପତି), ଧବଳେଶ ମହାପାତ୍ର ଓ ମନୋଜ ବାଦି (ଉପସଭାପତି), ମନମୋହନ ଭଞ୍ଜ (ସାଧାରଣ ସମ୍ପାଦକ) ପ୍ରଭାତ କୁମାର ସାହୁ ଓ ଅତଉଲ୍ଲା ଖାନ (ଯୁଗ୍ମ ସମ୍ପାଦକ), କେ.ମନୋଜ ପ୍ରଧାନ (କୋଷାଧ୍ୟକ୍ଷ)। ସେହିପରି ୯ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ହେଲେ ବିଜୟ କୁମାର ଭୋଇ, ଏମ୍.ଡି. ରମଜାନ, ଅଜୟ କୁମାର ସାହୁ, ଅଞ୍ଜିତ କୁମାର ସାହୁ, ଜଜାତି କେଶରୀ ଧଳ, ଏହେସାସ୍ ହୋତା, ମନ୍ମଥ ବାରିକ, ଆଲୋକ ଚୌଧୁରୀ ଓ ବିବେକାନନ୍ଦ ସାମଲ। ନବ ନିର୍ବାଚିତ ସଦସ୍ୟଙ୍କୁ ଟିଏଫ୍‌ଆଇର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଶର୍ମା ଫୋନ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ନବ ନିର୍ବାଚିତ ସଭାପତି ବ୍ୟୋମକେଶ ଅଭିଳାସ ପ୍ରସାଦ ଓଡ଼ିଶାରେ ଟାଏକୋଣ୍ଡୋ ଖେଳର ଆହୁରି ମାନବୃଦ୍ଧି ତଥା ଜାତୀୟ ପ୍ରତିଯୋଗିତା ଆୟୋଜନ ଲାଗି ମତ ରଖି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀଲୋକନାଥ ପୀଠ

ମଧ୍ୟାହ୍ନ ୧୨ଟାରୁ ସର୍ବସାଧାରଣ ଦର୍ଶନ

# ପଙ୍କୋଦ୍ଧାର ଏକାଦଶୀ ଆଜି

**ପୁରୀ, ୫।୩(ସମିସ)**





ବୁଧବାର ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ବର୍ଷକରେ ଏହି ଗୋଟିଏ ଦିନ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିବାର ସୁଯୋଗ ମିଳୁଥିବାରୁ ପଙ୍କୋଦ୍ଧାର ଏକାଦଶୀଙ୍କୁ ଭକ୍ତ ଅପେକ୍ଷା କରିଥାନ୍ତି। ଏହିଦିନ ଗମ୍ଭୀରା ଭିତରକୁ ଯାଇ ଦର୍ଶନ ହେଉଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାର ସହ ଦର୍ଶନ କରିପାରିବେ ସେ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ ବୋଲି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

ପଙ୍କୋଦ୍ଧାର ଏକାଦଶୀ ପାଇଁ ପୂର୍ବରାତି ୨ଟାରେ ପହୁଡ଼ ଦ୍ୱାର ଖୋଲିବ। ଏହାପରେ ମଙ୍ଗଳ ଆଳତି, ଅବକାଶ ନୀତି ହେବ। ସକାଳ ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସାରିବାକୁ ସ୍ଥିର କରାଯାଇଛି। ସକାଳ ୭ଟାରୁ ୮ଟା ୧ ଘଣ୍ଟା ପର୍ଯ୍ୟନ୍ତ ଏକାଦଶୀ ଦର୍ଶନ ଚାଲିବ। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ ନୀତି ସରିବ। ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ସର୍ବସାଧାରଣ ଦର୍ଶନ ଓ ରାତି ୯ରୁ ରାତି ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

ପଙ୍କୋଦ୍ଧାର ଏକାଦଶୀରେ ୫, ୦୦୦ ସ୍ୱତନ୍ତ୍ର ଦର୍ଶନ ଟିକେଟ କରାଯାଇଛି। ପ୍ରତ୍ୟେକ ଟିକେଟର ଦାମ୍ ୧୦୦ ଟଙ୍କା ରହିଛି। ଦର୍ଶନ ଟିକେଧାରୀ ଭଣ୍ଡାର ପାଖରେ ଲାଗି କୂଅ ଦ୍ୱାରରେ ପ୍ରବେଶ କରି ନାଟାବର ବଖରା ଦେଇ ବୃଷଭ ଦ୍ୱାର ଦେଇ ଗମ୍ଭୀରାକୁ ଦର୍ଶନ ପାଇଁ ଯିବେ। ତେବେ ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ଠାକୁରଙ୍କୁ ଦର୍ଶନ କରିବେ। ସେମାନେ ରୋଷଘର ଦୁଆର ମୁହଁରେ ପ୍ରବେଶ କରି ବୃଷବ ବଖରାରେ ପହଞ୍ଚିôବେ। ଦର୍ଶନ ପରେ ବଉଳ ଗଛ ଦେଇ ବାହାରକୁ ବାହାରିବେ। ସେହିପରି ସର୍ବସାଧାରଣ ଭକ୍ତ ଲକ୍ଷ୍ମୀଙ୍କ ଦ୍ୱାରରେ ପ୍ରବେଶ କରି ଗମ୍ଭରାରେ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରି ବଉଳ ଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡିଂ, ସୁରକ୍ଷା ବ୍ୟବସ୍ଥା ଆଦି ଗ୍ରହଣ କରାଯାଇଛି।

**ସ୍ୱତନ୍ତ୍ର ଦର୍ଶନ ଲାଗି ୫ ହଜାର ଟିକଟ**

**ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା**

ତେବେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅପରାହ୍ନରେ ପୁଲିସ କର୍ମଚାରୀମାନଙ୍କୁ ସେମାନଙ୍କ ଡ୍ୟୁଟି ବିଷୟରେ ବ୍ରିଫିଂ କରାଯାଇଛି। ତେବେ ପଙ୍କୋଦ୍ଧାର ଏକାଦଶୀରେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ୭ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସେହିପରି ଜଣେ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୧୫ ଜଣ ଇନ୍ସପେକ୍ଟର, ୪୧ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୭୨ ଜଣ ହାବିଲ୍‌ଦାର ଓ ଟ୍ରାଫିକ କନଷ୍ଟେବଳ, ୮୨ ଜଣ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଛି।

ବକେୟା ପାଇଁ ଏଲ୍‌ଆଇ ପଏଣ୍ଟକୁ ବିଦ୍ୟୁତ୍ ସରବରାହ ବନ୍ଦ

## ପାଣି ନାହିଁ; ଜିଲ୍ଲାପାଳଙ୍କୁ ଗୁହାରିକଲେ ଚାଷୀ

**ପୁରୀ, ୫।୩(ସମିସ):** ବକେୟା ବିଲ୍ ପୈଠ ହୋଇ ନ ଥିବାରୁ ଏଲ୍‌ଆଇ ପଏଣ୍ଟକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଦେଲେ ବିଭାଗୀୟ ଅଧିକାରୀ। ଏବେ ବିଲରେ ପାଣି ଅଭାବରୁ ଧାନ ଗଛ ମରିବାକୁ ଲାଗିଲାଣି। କ'ଣ କରିବେ, ଏହି ଚିନ୍ତାରେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି ଚାଷୀ। ପୁରୀ ସଦର ବ୍ଲକ ଭାଇଲିପୁର ପଞ୍ଚାୟତ ଅନ୍ତର୍ଗତ ଓଲ ଗ୍ରାମର କୃଷିଜୀବୀ ଜିଲ୍ଲାପାଳଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଗାଁର ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ଦୁଇଟି ଏଲ୍‌ଆଇ ସରକାରଙ୍କ ପକ୍ଷରୁ ବସାଯାଇଛି। ପ୍ରତିବର୍ଷ ଡିସେମ୍ବରରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଟଙ୍କା ଡିପୋଜିଟ୍ କରି ପଏଣ୍ଟ ଚାଲୁ କରାଯାଏ। କିନ୍ତୁ ସେମାନଙ୍କୁ ନ ଜଣାଇ ବିଦ୍ୟୁତ୍ ବିଭାଗ ୨ଟି ଯାକ ପଏଣ୍ଟରୁ ପୂର୍ବରୁ ଲଗାଯାଇଥିବା ମିଟର କାଢି ସ୍ମାର୍ଟ ମିଟର ବସାଇଛି। ଫଳରେ ପଏଣ୍ଟକୁ ୧୫ ଦିନ ହେବ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଇଥିବାରୁ ଧାନ ଥୋଡ ଅବସ୍ଥାରେ ପାଣି ଅଭାବରୁ ଶୁଖି ପାଚିଗଲାଣି। ଏ ନେଇ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ସେମାନେ କହିଛନ୍ତି ପଏଣ୍ଟ ଉପରେ ଥିବା ବକେୟା ଟଙ୍କା ପଇଠ କଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ। ଏହି ବକେୟା ବିଲ୍ ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେମାନ ଗାଁର ଶତପ୍ରତିଶତ ବ୍ୟକ୍ତି ବିପିଏଲ୍ ଶ୍ରେଣୀର। ଏଭଳି ସ୍ଥିତିରେ ସବୁ ବକେୟା ବିଲ୍ ପଇଠ କରିବା ଅସମ୍ଭବ। କିସ୍ତି କରି ପଇଠ କରିବା ପାଇଁ ଯେତେ ଗୁହାରି କଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଅଭାବ ଅନାଟନ ଭିତରେ ଚାଷ କରିଥିଲୁ, ସିଏ ଏବେ ନଷ୍ଟ ହେବା ଅବସ୍ଥାରେ। ତେଣୁ ବାସ୍ତବତାକୁ ଅନୁଭବ କରି ପଏଣ୍ଟ କିପରି ଚାଲୁ ହେବ ସେ ଦିଗରେ ବିହୀତ ପଦକ୍ଷେପ ନେବାକୁ ଚାଷୀମାନେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ନଚେତ୍ ଆସନ୍ତା ୧୦ ତାରିଖଠାରୁ ସେମାନେ ଭାଇଲିପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି।

## ମହାବୀର ଟ୍ରଫି କ୍ରିକେଟ୍: ଫାଇନାଲରେ ବାପୁଜୀ କ୍ଲବ୍ ବିଜୟୀ

**ପୁରୀ, ୫।୩(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଚାଲିଛି ମହାବୀର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ବାପୁଜୀ କ୍ଲବ ଓ କଟକର ରୟାଲ କ୍ରିକେଟ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ବାପୁଜୀ କ୍ଲବ ବିଜୟୀ ହୋଇ ଫାଇନାଲକୁ ଯାଇଛି। ବାପୁଜୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭରରେ ୭ ୱିକେଟ ହରାଇ ୨୧୭ ରନ୍ କରିଥିଲା। ଦଳ ପକ୍ଷରୁ ସୁଭମ୍ ଶତ୍ରୁଜିତ୍ ୬୨ରନ ଓ ଅଭିଷେକ ଯାଦବ ୧୭ ବଲ୍‌ରୁ ଧୂଆଁଧାର ୫୦ରନ କରିଥିଲେ। ୨୧୮ ରନ୍ ଲକ୍ଷ୍ୟକୁ ପିଛା କରି କଟକ ରୟାଲ କ୍ଲବ ୨୬.୩ ଓଭରରେ ୧୪୩ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଅଭିଷେକ ଯାଦବ (୩ ୱିକେଟ ଓ ୫୦ରନ) ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଅମ୍ପାୟାର ଆଲୋକ ଦାସ ଓ ସତ୍ୟବ୍ରତ ମହାପାତ୍ର। ସ୍କୋରର ଭାବେ ସନତ୍ ସିଂଦେଓ, ସୌମ୍ୟ ମଲ୍ଲିକ, ବିଶାଲ ଜେନା ସହାୟତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଇ-୨୪ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ରାଜେଶ କୁମାର ମିଶ୍ର, ଜାତୀୟସ୍ତରୀୟ କୁସ୍ତିବିତ୍ ପ୍ରିୟଜିତ୍ ମହାପାତ୍ର, ଯୁବ ଆଇନଜୀବୀ ଡ. ପ୍ରଧାନ ଧିରେନ ରାୟ, ସମାଜସେବୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟ ଚେୟାରମ୍ୟାନ ଅନିରୁଦ୍ଧ ରାଉତ, ମହାବୀର କ୍ଲବ ସେକ୍ରେଟାରୀ ସୌମେନ୍ଦ୍ର ମହାନ୍ତି, ଶ୍ୟାରା ରିପ୍ରେସେମେଣ୍ଟ ଏମ୍‌ଡି ଶ୍ୟାମାପ୍ରସାଦ ଦାସମହାପାତ୍ର ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ମହାବୀର ଲିଜେଣ୍ଡ ଓ ମିଡିଆ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହେବ।

ଆସୁଛି ନିର୍ବାଚନ

## ପୁରୀରେ କେନ୍ଦ୍ରୀୟ ପୁଲିସ ବାହିନୀର ଫ୍ଲାଗ୍ ମାର୍ଚ୍ଚ



**ପୁରୀ, ୫।୩(ସମିସ):** ପାଖେଇ ଆସିଲାଣି ସାଧାରଣ ନିର୍ବାଚନ। ବିଭିନ୍ନ ଦଳ ପକ୍ଷରୁ ଟିକେଟ୍ କସରତ୍ ଚାଲିଥିବା ବେଳେ ବିଜୟୀ ନେଇ ଅନେକ ମଧ୍ୟ ଅଙ୍କ କଷିବା ଆରମ୍ଭ କରିଦେଲେଣି। ତେବେ ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବା ଉପରେ ଏଥର ଅଧିକ ଗୁରୁତ୍ୱ ଦିଆଯାଇଛି। ସେଥିଲାଗି ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ପୁଲିସ ବାହିନୀର ସ୍ୱତନ୍ତ୍ର ବାଟାଲିୟନ ପକ୍ଷରୁ ପୁରୀରେ ହୋଇଛି ଫ୍ଲାଗମାର୍ଚ୍ଚ। ମଙ୍ଗଳବାର ଅପରାହ୍ନରେ ଏମାନେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଏହି ଫ୍ଲାଗମାର୍ଚ୍ଚ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରୀୟ ପୁଲିସ କଡ଼ାକଡ଼ି ଭାବେ ମୁତୟନ ରହିବେ। ଅପରାଧିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ଏହି ଫ୍ଲାଗମାର୍ଚ୍ଚ ଜରିଆରେ ପୁଲିସ ବାର୍ତ୍ତା ଦେଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପୁଲିସ ମଧ୍ୟ ସଚେତନ କରୁଛି। ନିର୍ବାଚନ ସମୟରେ ଯଦି କେହି କୌଣସି ଅପରାଧିକ କାର୍ଯ୍ୟକଳାପରେ ସାମିଲ ରୁହନ୍ତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅଳଙ୍କାର ଲୁଟ୍ ଘଟଣାରେ ଜଣେ ଗିରଫ

**ପୁରୀ, ୫।୩(ସମିସ):** ଗତ ୨୩ ତାରିଖ ରାତି ପ୍ରାୟ ୧୦ଟା ୨୦ରେ ରେଡ୍‌କ୍ରସ ରୋଡସ୍ଥିତ ଏସ୍‌ଆର ଜୁଏଲେରୀରୁ ୬ ଜଣ ଦୁର୍ବୃତ୍ତ ଡକାୟତି କରିଥିଲେ। ସେମାନେ ପିସ୍ତଲ, ଛୁରୀ ଧରି ଅଳଙ୍କାର ଭିତରକୁ ଜବରଦସ୍ତ ପଶିଥିଲେ। ଦୁର୍ବୃତ୍ତମାନେ ମାଲିକ ଶଙ୍କରଲାଲ ପଞ୍ଚ, ତାଙ୍କ ପୁଅ ଉପରକୁ ଗୁଳିମାଡ଼ କରିଥିଲେ। ସୌଭାଗ୍ୟବଶିତଃ ବାପ ପୁଅ ରକ୍ଷା ପାଇଥିଲେ। ମାତ୍ର ମୁଖ୍ୟ ଅଭିଯୁକ୍ତ ବିପିନ ବେହେରା ଉଭୟଙ୍କୁ ଛୁରୀରେ ଆକ୍ରମଣ କରି ୧ ଗ୍ରାମ୍ ସୁନା ଅଳଙ୍କାର, ରୁପା ଅଳଙ୍କାର ଏବଂ ୩୦ ହଜାର ଟଙ୍କା ଲୁଟ୍ କରିଥିଲେ। ଏହାପରେ ଏକ କାର୍‌ରେ ସେମାନେ ପଳାଇଥିଲେ। ଏହାକୁ ପୁରୀ ପୁଲିସ ଗୁରୁତର ସହ ନେଇଥିବା ବେଳେ ଏସ୍‌ପି ପିନାକ ମିଶ୍ର ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ ପୁରୁଷୋତ୍ତମପୁରର ବିପିନ ବେହେରା (୩୨)କୁ ପୁଲିସ ମଙ୍ଗଳବାର ସକାଳେ ଗିରଫ କରିବା ସହ ତା'ଠାରୁ ଚୋରି ଅଳଙ୍କାର, ଆକ୍ରମଣରେ ବ୍ୟବହୃତ ଛୁରୀ ଏବଂ ରକ୍ତଲଗା ଟି-ଶାର୍ଟ ଜବତ କରିଛି। ଅନ୍ୟ ୫ ଜଣଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି ପୁଲିସ କହିଛି।

ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

# ସଫଳତା ପାଇଁ ୩ ପଞ୍ଚାୟତ ସମ୍ବର୍ଦ୍ଧିତ



**ପୁରୀ, ୫।୩(ସମିସ)**

ଗ୍ରାମ ବିକାଶ ଓ ଗ୍ରାମ ପଞ୍ଚାୟତକୁ ସଶକ୍ତ କରିବା ଲକ୍ଷ୍ୟରେ ସୃଷ୍ଟି ହୋଇଛି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା। ଗ୍ରାମାଞ୍ଚଳର ଲୋକଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ପୁରୀ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ସମାରୋହ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଉପଯୋଗ କରାଯାଇ ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରାଯାଉଛି ବୋଲି କହିବା ସହ ସମସ୍ତଙ୍କ ସହଯୋଗରେ ପୁରୀ ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ବିଜୁବାବୁଙ୍କ ଦ୍ୱାରା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ସହ ପଞ୍ଚାୟତକୁ ଅଧିକ କ୍ଷମତା, ମହିଳା ସଶକ୍ତିକରଣ, ଜନସାଧାରଣଙ୍କୁ ମୌଳିକ ସୁବିଧା ପ୍ରଦାନ ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପଞ୍ଚାୟତିରାଜର ପ୍ରକୃତ ଲକ୍ଷ୍ୟ ଗ୍ରାମ ବିକାଶ ଓ ଗ୍ରାମମାନଙ୍କୁ ପ୍ରଦତ୍ତ କ୍ଷମତାର ଉପଯୁକ୍ତ ଉପଯୋଗ। ତେଣୁ ସଂକଳ୍ପବଦ୍ଧ ଭାବେ ଏହାକୁ ହାସଲ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ସାହୁ, ସମାଜସେବୀ ଶ୍ୟାମ ପ୍ରକାଶ ସେନାପତି, ପଞ୍ଚାୟତ ପ୍ରତିନିଧି ନାରାୟଣ ରାଉତରାୟ ଓ ସିଲୁ ସେନାପତି ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଓ ଲୋକସେବା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ, ପଞ୍ଚାୟତ ପ୍ରତିନିଧିମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତକୁ ପ୍ରଥମ ପୁରସ୍କାର ଭାବେ ୧ ଲକ୍ଷ ୫୦ ହଜାର ଟଙ୍କା ଓ ମାନପତ୍ର, ଦ୍ୱିତୀୟ ପୁରସ୍କାର ଭାବେ ଗୋପ ବ୍ଲକର ପୟରା ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ମାନପତ୍ର ଏବଂ ତୃତୀୟ ପୁରସ୍କାର ଭାବେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତକୁ ୧ ଲକ୍ଷ ଟଙ୍କା ଓ ମାନପତ୍ର ସମ୍ପୃକ୍ତ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁରୀ ବିଜେଡିର ବିଜୁ ଜୟନ୍ତୀ ପାଳନ




**ପୁରୀ, ୫।୩(ସମିସ)**

ପୁରୀ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମଙ୍ଗଳବାର ସକାଳେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଥିଲା। ଏହାପରେ ଦଳୀୟ ନେତା ଓ କର୍ମୀ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଜଣାଇଥିଲେ। ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଦଳୀୟ ଏକତା, ଶୃଙ୍ଖଳା ଏବଂ ଅନୁଶାସନ ପାଳନ କରି ଓଡ଼ିଶାବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଜିଲ୍ଲା ବିଜେଡି ସଭାପତି ଦିବାକର ମହାପାତ୍ର, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନୀଲ ମହାନ୍ତିଙ୍କ ସମେତ ଦଳର ନେତୃତ୍ୱ ରାମକୃଷ୍ଣ ଦାସ ମହାପାତ୍ର, ସବ୍ୟସାଚୀ ମହାପାତ୍ର, ରବିଶଙ୍କର ପ୍ରତିହାରୀ, ଭକ୍ତ ଚରଣ ଦାସ, ବିଜୟ ମିଶ୍ର, ପ୍ରୀତମ ଜଗଦ୍ଦେବ, ବୀରେନ୍ଦ୍ର ଭୂଷଣ ହୋତା ପ୍ରମୁଖ ଯୋଗଦେଇଥିଲେ।

# ପ୍ରବାଦ ପୁରୁଷଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳିତ



ଖୋର୍ଦ୍ଧା

## ଶ୍ରେଷ୍ଠ ପଞ୍ଚାୟତ ଭାବେ ପ୍ରତାପଶାସନ, ପୂରଣପ୍ରଧାନ ଓ କଁପୁର ପୁରସ୍କୃତ

**ଖୋର୍ଦ୍ଧା, ୫।୩(ସମିସ)**

ସ୍ଥାନୀୟ ଟାଉନ ହଲ ପରିସରରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ବାଦଲ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜନ୍ମ ଦିବସ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ଗ୍ରାମାଞ୍ଚଳର ବିକାଶ ହେଲେ ଦେଶର ବିକାଶ ସମ୍ଭବ। ଯାହା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା। ତାଙ୍କ ସମୟରେ ତ୍ରୀସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ମହିଳାଙ୍କୁ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ନିର୍ବାଚିତ ପ୍ରତିନିଧିମାନେ ଗ୍ରାମାଞ୍ଚଳ ଗ୍ରସ୍ତକରି ଲୋକଙ୍କ ସମସ୍ୟା ସହିତ ଜଡିତ ହୋଇ ସମାଧାନ ପାଇଁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଉଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜୁ ବାବୁ ଓଡ଼ିଶାର ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରିଥିଲେ ତାର ବିକାଶ ପ୍ରକ୍ରିୟାକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ୱରାନ୍ୱିତ କରିଛନ୍ତି। ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ଭିତିଭୂମିର ଉନ୍ନତି ଓ ବିଭିନ୍ନ ଜନକଲ୍ୟାଣ ଯୋଜନାମାନ କାର୍ଯ୍ୟକାରୀ ହେଉଥିବା ଅତିଥିମାନେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।ଏଥିସହିତ କିଛି ସମୟ ଧରି ବିଜୁପଟ୍ଟନାୟକ ଙ୍କ ଜିବନୀ ଉପରେ ଏକ ଛୋଟ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା।

ଏହି ଅବସରରେ ଶ୍ରେଷ୍ଠ ପଞ୍ଚାୟତଭାବେ ବାଲିଅନ୍ତା ବ୍ଲକର ପ୍ରତାପ ଶାସନ, ଚଣ୍ଡେଶ୍ୱର ପଞ୍ଚାୟତ ପ୍ରଥମ ହୋଇ ଦେଢଲକ୍ଷ ଟଙ୍କାର ପୁରସ୍କାର ପ୍ରାପ୍ତ ହୋଇଛି। ଏଥିସହିତ ଦ୍ୱିତୀୟ ସ୍ଥାନରେ ଉକ୍ତ ବ୍ଲକର ପୁରଣପ୍ରଧାନ ପଞ୍ଚାୟତ ୧ଲକ୍ଷ ୨୫ହଜାର ଏବଂ ତୃତୀୟସ୍ଥାନ ଖୋର୍ଦ୍ଧା ବ୍ଲକର କଁପୁର ପଞ୍ଚାୟତ ୧ଲକ୍ଷ ଟଙ୍କାର ପୁରସ୍କାର ପ୍ରାପ୍ତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବିଡିଓ କ୍ଷୀରାବ୍ଧୀ ତନୟା ସାହୁ ପରିଚାଳନା କରିଥିବା ବେଳେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏପିଡି କସ୍ତୁରୀବାଳା ଜେନା, ଜିଲ୍ଲାପରିଷଦ ସଭ୍ୟ ଓ ସଭ୍ୟା, ବହୁ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତଥିଲେ।



ବାଣପୁର

**ବାଣପୁର:** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଉତ୍ସବ ବାଣପୁର ଏନ୍ଏସି ଓ ବ୍ଲକ ବିଜେଡ଼ି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍ଏସି ନଗରପାଳ ମିଟୁ ନାୟକଙ୍କ ତତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ଡା ଦେବେନ୍ଦ୍ର ନାଥ ମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲ୍ଲା ସାଂସଦ ପ୍ରତିନିଧି ମାନସ ପ୍ରଧାନ ଓ ବିଜେଡି ଜିଲ୍ଲା ସମ୍ପାଦକ ମନୋଜ ପ୍ରଧାନ ପ୍ରମୁଖଙ୍କ ସମେତ ବାଣପୁର ବ୍ଲକ ଓ ଏନ୍ଏସି ର ନିର୍ବାଚିତ ଜନ ପ୍ରତିନିଧି ଏବଂ ଅଗଧାଡିର ପୁରୁଷ ମହିଳା, ଯୁବ ଛାତ୍ର, ବିଜେଡିର କର୍ମକର୍ତ୍ତାମାନ ସାମିଲ ହୋଇ ବାଣପୁରର ଅଧିଷ୍ଠାତ୍ରୀ ମା'ଭଗବତୀ ମନ୍ଦିର ଠାରୁ ଏକ ମିନି ମାରଥନ ବାହାରି ଥିବା ବେଳେ ଡାକ୍ତରଖାନା ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ଓ ଖାଦ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ ବାଣପୁର ବ୍ଲକ ପ୍ରଶାସନ ତରଫରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଶୀତଲ ଅଗ୍ରୱାଲଙ୍କ ତତ୍ୱାବଧାନରେ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି।



ବାଲୁଗାଁ

**ବାଲୁଗାଁ:** ଚିଲିକା ନିର୍ବାଚନ ମଣ୍ଡଳୀର ଚିଲିକା ବ୍ଲକ ଓ ବାଲୁଗାଁ ଏନଏସି ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ପଞ୍ଚାୟତରାଜ ଦିବସରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ବାଲୁଗାଁ ମା'ଉତ୍ତରାୟଣୀ ମନ୍ଦିର ଠାରୁ ଏକ ମିନି ମାରଥନ ବାହାରି ବାଲୁଗାଁ ବଜାରସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ଓ ବାଲୁଗାଁ ଏନ୍ଏସିର ନିର୍ବାଚିତ ଜନ ପ୍ରତିନିଧି ଏବଂ ଅଗଧାଡିର ବହୁ ପୁରୁଷ ମହିଳା, ଯୁବ ଛାତ୍ର, ବିଜୁ ଜନତା ଦଳର କର୍ମକର୍ତ୍ତା ସମିଲ ହୋଇଥିଲେ।

**ବେଗୁନିଆ:** ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ସମିତି ସଭା ଗୃହରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସସ୍ମିତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅନନ୍ୟ ଅବଦାନ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ତତସହିତ ଶିକ୍ଷାବିତ ଦୁର୍ଯୋଧନ ଛୁଆଳସିଂହ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ହାଡୁବନ୍ଧୁ ମହାପାତ୍ର, କରୁଣାକର ଦଳସିଂହାର ଓ ଲାବଣ୍ୟ ଜୟସିଂହଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ମହିଳା ଗୋଷ୍ଠୀ ଓ ବ୍ଲକର କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ନୀଳକଣ୍ଠ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ


ବେଗୁନିଆ

**କୁହୁଡ଼ି:** ବିଜୁ ବାବୁଙ୍କ ୧୦୮ ତମ ଜୟନ୍ତୀ ସାରା ଓଡ଼ିଶାରେ ପଞ୍ଚାୟତରାଜ ତଥା ଲୋକସେବା ଦିବସ ଭାବରେ ପାଳିତ କରାଯାଉଛି। ଜନତା ହାଇସ୍କୁଲ କୁହୁଡ଼ି, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୋରଣ, ଚଣ୍ଡେଶ୍ୱର, ପାରିଓରଡ, ବରଡି, ଛକଡ଼ିପୂର୍, ଜୟ ମଙ୍ଗଳପୁର, କୁଞ୍ଜୁରୀ, ରତନପୁର, ତରାପି, ରାମଚନ୍ଦ୍ରପୁର, ହରିପୁର, ମାନସିଂହପୁର ଓ ପଟିଆର ସମସ୍ତ ଶିକ୍ଷାନୁଷ୍ଠାନରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୁହୁଡ଼ି ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳ ଜିଲ୍ଲା ଉପସଭାପତି ମନୋଜ କୁମାର ମାନସିଂହ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଗୁରୁ ବେହେରା, ପ୍ରଶାନ୍ତ ଭୁଜବଳ, ବୈକୁଣ୍ଠ ଉଦୟସିଂହ ଓ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ପାଳନ କରିଥିଲେ।


କୁହୁଡ଼ି

**ବେଗୁନିଆ:** ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବିଜୁ ପଟ୍ଟନାୟକ ୧୦୮ ତମ ଜୟନ୍ତୀ ପାଳନ ହୋଇଛି। ବ୍ଲକ ବିଜେଡ଼ି ସଭାପତି ବାନମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମୋହନ ମିଶ୍ର, ଶିକ୍ଷାବିତ ଭଗବାନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ହୁଲାସ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ ସୁନନ୍ଦିତା ସାହୁ, ପ୍ରଦୀପ୍ତ କିଶୋର ଛୋଟରାୟ, ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଲୀଳା ସ୍ୱାଇଁ, ଆରତ ମାଝୀ, ଲାବଣ୍ୟ ଜୟସିଂହ, ରଞ୍ଜିତା ମହାଭୋଇ, ଲତା ସେଠୀ, ପ୍ରଦୀପ କୁମାର ବାରିକ, କରୁଣାକର ଦଳସିଂହାର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ସେଠୀ ଓ ବିଜୁପ୍ରେମୀ ଜାଗେଶ୍ୱର ମାଝୀଙ୍କ ସମେତ ବେଗୁନିଆ ନିର୍ବାଚନମଣ୍ଡଳୀର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ବିଜୁପ୍ରେମୀ ଯୋଗ ଦେଇ ଓଡ଼ିଶା ପ୍ରତି ଅନନ୍ୟ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ଦଳ ବର୍ତ୍ତମାନ ସୁଦ୍ଧା ଏକ ସୁଦୃଢ଼ ମହାଦ୍ରୁମରେ ପରିଣତ ହୋଇଛି। ସଭାର ପ୍ରାରମ୍ଭରେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ସମସ୍ତ ସଦସ୍ୟ ମାନେ ମାଲ୍ୟାର୍ପଣ କରିଥିଲେ।



ବେଗୁନିଆ

**ଟାଙ୍ଗୀ/କାଳୁପଡ଼ାଘାଟ:** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ ତମ ଜୟନ୍ତୀ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀରେ ମଧ୍ୟ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇ ଯାଇଛି। ଟାଙ୍ଗୀ ବିଜେଡି ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହ ସୁଷମ ଖାଦ୍ୟ ବଣ୍ଟନ କରାଯାଇଛି। ଏହା ସହ ଟାଙ୍ଗୀ ଜରାଶ୍ରମ ପରିସରରେ ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଟାଙ୍ଗୀ ପଞ୍ଚାୟତ ସରପଞ୍ଚ କିଶୋର କୁମାର ବେହେରା, ସମିତି ସଭ୍ୟ ଅନ୍ନପୂର୍ଣ୍ଣା ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟ ଓ ବିଜୁ ପ୍ରେମୀମାନେ ସାମିଲ ହୋଇଥଲେ। ଆଗାମୀ ଦିନରେ ଓଡ଼ିଶା ପ୍ରଗତିକୁ ଆଗେଇ ନେବାପାଇଁ ଶପଥ ନେଇଥିଲେ।


ଟାଙ୍ଗୀ/କାଳୁପଡ଼ାଘାଟ

## ସଶକ୍ତ, ସମୃଦ୍ଧ ଓ ନବୀନ ଓଡ଼ିଶା ଗଠନ ଲାଗି ଆହ୍ୱାନ

**ବାଲୁଗାଁ, ୫।୩ (ସମିସ) :** ଚିଲିକା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ନାରୁଣୀର ସୁନାଖଳା ଡାକ ବଙ୍ଗଳା ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଯୋଗ ଦେଇ ବିଜୁ ବାବୁଙ୍କ ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୂପାନ୍ତରିତ କରିପାରି ଥିବାରୁ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀରେ ସମସ୍ତ କର୍ମକର୍ତ୍ତା ଏକାଠି ହୋଇ କାର୍ଯ୍ୟ କରି ଦଳକୁ ମଜଭୁତ କରିବା ସହ ଓଡ଼ିଶାକୁ ଏକ ସଶକ୍ତ, ସମୃଦ୍ଧ ଓ ନବୀନ ଓଡ଼ିଶା ଗଠନ କରିବା ସହ ଷଷ୍ଠଥର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ମିଟୁ ନାୟକ, ଜିଲ୍ଲା ସାଂସଦ ପ୍ରତିନିଧି ମାନସ ପ୍ରଧାନ, ବିଜେଡି ସାଧାରଣ ସମ୍ପାଦକ ମନୋଜ ପ୍ରଧାନ, ଜଗତବଲ୍ଲଭ ମହାରଥା, ପ୍ରଭାସ ସୁନ୍ଦରାୟ, ପ୍ରକାଶ ପ୍ରଧାନ ପ୍ରମୁଖଙ୍କ ସମେତ ଚିଲିକା ନିର୍ବାଚନ ମଣ୍ଡଳୀର ବହୁ ନିର୍ବାଚିତ ଜନ ପ୍ରତିନିଧି ଓ ବହୁ ବିଜୁ ପ୍ରେମୀ ଯୋଗ ଦେଇ ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ ଓ ରାଜନୈତିକ ଜୀବନରେ ଓଡ଼ିଶାରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।



## କେରଙ୍ଗ ଗ୍ରାମ ପକ୍ଷରୁ ଫଳ ବଣ୍ଟନ

**ଖୋର୍ଦ୍ଧା, ୫।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କେରଙ୍ଗ ପଞ୍ଚାୟତର ସରପଞ୍ଚ ମବୁରୁର ହୋସେନ୍ ଓ



କେରଙ୍ଗ ଅହେମଦୀୟା ଯୁବକ ସଂଘର ସଭାପତି ମହିଉଦ୍ଦିନ ଖନ୍ ତରଫରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ପ୍ରଥମେ ସରପଞ୍ଚ ଓ ଯୁବକ ସଂଘ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରାୟ ୧୦୦ ଜଣକୁ ଫଳ ବଣ୍ଟନ କରିଥିଲେ। ଏହା ପରେ ଗୁରୁଜଙ୍ଗ ଠାରେ ଥିବା ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯିବା ସହିତ ପରେ ଗୁରୁଜଙ୍ଗ ଠାରେ ଥିବା ଅଙ୍ଗନବାଡ଼ିକେନ୍ଦ୍ରରେ ପିଲାମାନଙ୍କୁ ମଧ୍ୟ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ୱାର୍ଡ ସଭ୍ୟ ଅଲ୍ଲିଉଦ୍ଦିନ ଖାଁ, ସମାଜ ସେବୀ ଓର୍ସାଦ୍ ଖାଁ, ରହିମ ତୁଲା ଖାଁ, ବରୁଣ ଅହମଦ, ସିପୁନ, ସର୍ମଦ ଖାଁ, ସେକ୍ ମୁନିର୍, ଜଲିଶ୍ ଅହମଦ, କାଶିଫ ଲତିଫ, ରୌଶନ ଖାଁଙ୍କ ସମେତ ବହୁ ଯୁବକ ସହଯୋଗ କରିଥିଲେ।

## ଜଟଣୀ ବିଜେଡି ପକ୍ଷରୁ ସାଇକଲ ରାଲି

**ଜଟଣୀ, ୫।୩(ସମିସ):** ଜଟଣୀ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ ଅବସରରେ ଜଟଣୀ ବିଜେଡି ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୁତିଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଏକ ସାଇକଲ ରାଲି ଏବଂ ଶପଥ ଗ୍ରହଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ଥାନୀୟ ବ୍ଲକ ଛକ ଠାରୁ ଆନ୍ଧ୍ର ବ୍ୟାଙ୍କ ଛକ ପର୍ଯ୍ୟନ୍ତ ସାଇକଲ ରାଲି ବାହାରି



ଥିଲା। ଜୟନ୍ତୀ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶପଥ ଗ୍ରହଣରେ ମୁଖ୍ୟଅତିଥି ରୂପେ ରାଜ୍ୟସଭା ସାଂସଦ ମୁଜିବୁଲା ଖାଁ(ମୁନା ଖାଁ) ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, ଜିଲ୍ଲା ବିଜେଡି ସମ୍ପାଦକ ଅନନ୍ତ ଶତପଥି, ଜଟଣୀ ନଗରପାଳ ଅନନ୍ତ ବେହେରା, ଜିଲ୍ଲା ଉପସଭାପତି ବିଜୟ କୁମାର ଛୋଟରାୟ, ଉମା ପଟ୍ଟନାୟକ, ସଂଗଠକ ଦୀପକ କୁମାର ମହାକୁଡ଼, ବରିଷ୍ଠ ବିଜେଡି ନେତା ପ୍ରସନ୍ନ ପାଟଶାଣୀ, ଜଟଣୀ ପୌର ଉପାଧ୍ୟାକ୍ଷା ଆରତୀ ରାଉତ, ନାରୀ ନେତ୍ରୀ ଏନ. ସୀତା, ସୁଶାନ୍ତ କୁମାର ରାଉତ, ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ସହିତ ବ୍ଲକ ଏବଂ ପୌରାଞ୍ଚଳର କାଉନସିଲର, ସରପଞ୍ଚ ସମିତି ସଭ୍ୟ, ୱାର୍ଡ ସଭ୍ୟଙ୍କ ସହିତ ଦଳୀୟ କର୍ମୀ ଯୋଗ ଦେଇଥିଲେ। ବିଜୁ ପଟ୍ଟନାୟକ ଅମର ରହେ, ବିଜେଡି ଜିନ୍ଦାବାଦ ଆଦି ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ସ୍ଥାନୀୟ ମୋ ଜଟଣୀ ପାର୍କ ଠାରେ ସାଇକଲ ରାଲି ପହଞ୍ଚିଥିଲା। ପରେ ମୋ ଜଟଣୀ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୁତିଭୂଷଣ ବଳବନ୍ତରାୟ ସମସ୍ତ ବିଜୁ ପ୍ରେମୀ ଏବଂ ବିଜେଡି କର୍ମୀଙ୍କୁ ଶପଥ ପାଠ କରାଇଥିଲେ।

## ଜିଲ୍ଲା ପ୍ରେସ୍ କ୍ଲବ ପକ୍ଷରୁ ଜଳଛତ୍ର ସେବା ଆରମ୍ଭ

**ଖୋର୍ଦ୍ଧା, ୫।୩(ସମିସ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପବିତ୍ର ପଞ୍ଚାୟତିରାଜ ଦିବସ ତଥା ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ଜନ୍ମ ତିଥିରେ ଜିଲ୍ଲା ପ୍ରେସ କ୍ଲବ (ଡିପିସି.) ପକ୍ଷରୁ ମଙ୍ଗଳବାର ଜଳଛତ୍ର ସେବା ଆରମ୍ଭ ହୋଇଛି। ସାମ୍ବାଦିକ ଭବନ ଠାରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଅତିଥି ଭାବେ ଯୋଗଦେଇ ସେବାକୁ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଖୋର୍ଦ୍ଧା ନୂଆବସ୍ ଷ୍ଟାଣ୍ଡ ଟ୍ରାଫିକ ଠାରୁ ଚଣ୍ଡିଚୂଆ ୫୭ ନଂ ଜାତୀୟ ରାଜପଥକୁ ସଂଯୋଗ କରିଥିବା ଏହି ରାସ୍ତାରେ ଯାତାୟତ କରୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବାଟୋଇଙ୍କ ପାଇଁ କୌଣସି ପାନୀୟଜଳର ବ୍ୟବସ୍ଥା ନଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଆସନ୍ତା ଜୁନ୍ ପର୍ଯ୍ୟନ୍ତ ଏହି ସେବା ଚାଲୁ ରହିବ ବୋଲି ସଂଘ ସଭାପତି ସୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ କହିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଗୀତାଞ୍ଜଳୀ ପାଟ୍ଟଶାଣୀ, ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନସିଲର କମଳ ପ୍ରଧାନ, ପ୍ରଶାନ୍ତ ସେଠୀ, ଟୁଟୁ ବଳିୟାରସିଂହ ଯୋଗଦେଇ ବାଟୋଇଙ୍କୁ ପଣା ବଣ୍ଟନ କରିଥିଲେ।




● ଜେଲ୍ ଭିତରୁ ବ୍ରାଉନସୁଗର ଡିଲ ପ୍ରସଙ୍ଗ...

## ୨ ଦିନ ରିମାଣ୍ଡରେ ୪ ବେପାରୀ

**ଖୋର୍ଦ୍ଧା, ୫।୩(ସମିସ):** ଗୁରୁଜଙ୍ଗ ମେଲଣ ପଡ଼ିଆରୁ ୨୬୨ଗ୍ରାମ ବ୍ରାଉନସୁଗର ଜବତ ଘଟଣାରେ ଖୋର୍ଦ୍ଧା ପୁଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଠାରୁ ୨ଦିନିଆ ରିମାଣ୍ଡରେ ନେଇଛି।ସେମାନେ ହେଲେ ସୋମନାଥ ଭୂଜବଳ ହତ୍ୟାକାଣ୍ଡରେ ଗିରଫ ହୋଇ ଜେଲରେ ଥିବା କୁଖ୍ୟାତ ଡ୍ରଗ୍ସ ମାଫିଆ ଭାଲିଆବାଡିର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ, ମନୋରଞ୍ଜନ ସାହୁ ଓରଫ ମିକି ଏବଂ ଗତ ୨୦ ତାରିଖରେ ବ୍ରାଉନସୁଗର ଘଟଣାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ନୟାଗଡ଼ ରଣପୁର ଥାନା ବାମଣ୍ଡାର ଏସ.କେ ଜାଫର ଓରଫ ବାବୁ

### ଖୋଲିବ ବ୍ରାଉନସୁଗର ସାମ୍ରାଜ୍ୟ ଗୁମର

ଏବଂ ଭାଲିଆବାଡିର ଲକ୍ଷ୍ମୀଧର ସାହୁ ଓରଫ ଲକି। ସଞ୍ଜୁ ଓ ମିକିଙ୍କ ନାଁରେ ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ଏବଂ ୨ଟି ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି। ରିମାଣ୍ଡରେ ଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ମିକି ଓ ଲକି ଦୁଇ ଭାଇ ବୋଲି ଜଣାପଡ଼ିଛି।

ଉପରୋକ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ଅଧିକା ପଚରା ଉଚୁରା ଲାଗି ପୁଲିସ ୫ଦିନ ରିମାଣ୍ଡ ଆବେଦନ କରିଥିଲା। ଏସଡିଜିଏମ ପୁଲିସକୁ ୨ଦିନ ରିମାଣ୍ଡରେ ନେବା ଲାଗି ଅନୁମତି ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସଦର ଏସଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକଙ୍କ



ସମେତ ଏକ ଟିମ ଜେଲରେ ପହଁଚି କଡା ସୁରକ୍ଷା ବଳୟ ଭିତରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ନେବା ପରେ ସେଠାରୁ କୌଣସି ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାଯାଇଛି। ବ୍ରାଉନସୁଗର ବେପାରର ମୂଳ ମାଫିଆ ନିକଟରେ ପହଁଞ୍ଚିବାକୁ ପୁଲିସ ଅଭିଯୁକ୍ତମାନଙ୍କର ସିଡିଆର ରିପୋର୍ଟ ମଗାଇବ। ସିଡିଆର ରିପୋର୍ଟ ମିଳିବା ପରେ ବ୍ରାଉନସୁଗର ଓ ବନ୍ଧୁକ ମାଫିଆ ବିଷୟରେ ସୁରାକ ମିଳିବ ବୋଲି ପୁଲିସ ଆଶା ବାନ୍ଧିଛି। ଗତ ଫେବୃୟାରୀ ୧୯ତାରିଖ ଗୁରୁଜଙ୍ଗ ମେଲଣ ପଡ଼ିଆରେ ଏକ ଧଳାରଙ୍ଗର ସ୍କର୍ପିଓରେ ବ୍ରାଉନସୁଗର ଡିଲ ଚାଲିଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢଉ କରି ଘଟଣାସ୍ଥଳରୁ ୨୬୨ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ବେଳେ ୫ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କ ତଥ୍ୟ ଆଧାରରେ ପୁଲିସ ଭାଲିଆବାଡିର ଜଣେ ମହିଳାଙ୍କୁ ଗିରଫ କରିଥିଲା। ଜେଲ ଅଧିକ୍ଷକଙ୍କ ତଥ୍ୟ ଆଧାରରେ ପୁଲିସ ଏମାନଙ୍କ ମୋବାଇଲକୁ ଟ୍ରାକ୍ କରି ଗିରଫ କରିଥିବା ତତ୍କାଳୀନ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଥିଲେ। ଜେଲ ଭିତରୁ ଜଣେ କୁଖ୍ୟାତ ଅପରାଧିଙ୍କ ଠାରୁ ମୋବାଇଲ ଜବତ କରି ଜେଲର ଥାନାରେ ଲିଖିତ ଅଭିଯୋଗ କରିଥିଲେ।ଏହି ଜବତ ମୋବାଇଲ ଖୋଲିଥିଲା ଗୁମର। ଜେଲ ଭିତରେ କିପରି ଚାଲୁଥିଲା ବ୍ରାଉନସୁଗର ନେଟୱାର୍କ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଜେଲ ଭିତରେ ଦୁଇ କୁଖ୍ୟାତ ଅପରାଧି ସଞ୍ଜୁ ଓ ମିକିଙ୍କୁ ଜେରା କରିଥିଲେ। ତେବେ ଜେଲ ଭିତରେ ରହି ଏମାନେ ବ୍ରାଉନସୁଗର ନେଟୱର୍କ ଅପରେଟ କରୁଥିବା ବେଳେ କିଛି ମହିଳା ସେମାନଙ୍କର ଏଜେଂଟ ଭାବେ କାମ କରୁଛନ୍ତି। ସ୍ଥାନୀୟ ବରୁଣେଇସାହି ଗୁଣ୍ଡିଚାନଗରର ଜନୈକ ମହିଳା ଏହି ଗ୍ରୁପରେ ରହି କାମ କରୁଥିବା ଅଭିଯୋଗ ହେଉଥିବା ବେଳେ ଉକ୍ତ ମହିଳା ଜଣକ ସ୍କୁଟି ଧରି ସଦରଥାନା ଅଞ୍ଚଳରେ ବେଧଡକ ବେପାର ଚଳାଇଥିବା ଚର୍ଚ୍ଚା ହେଉଛି।






**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ ● ପାଉଣ୍ଡ ୧୦୫.୪୪
- ୟୁରୋ ୯୦.୧୮ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୯,୪୫୦ (ନୂଆଦିଲ୍ଲୀ)
- ରୁପା : ୭୪,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୬୭୪.୦୦
- ନିଫ୍ଟି ୨୨,୩୫୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ବିଶ୍ୱ ବ୍ୟାପୀ ଫେସ୍‌ବୁକ୍, ଇନଷ୍ଟାଗ୍ରାମ ଡାଉନ୍

**ନୂଆଦିଲ୍ଲୀ, ୫।୩(ଏଜେନ୍ସି)**

**ଦେଢ଼ ଘଣ୍ଟା ଧରି ୟୁଜର ହନ୍ତସନ୍ତ**

**୩ ଲକ୍ଷ ଫେସ୍‌ବୁକ, ୪୭ ହଜାର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଡାଉନ୍**

ହଠାତ୍ ଲଗ୍ ଆଉଟ୍ ହୋଇଯାଇଛି ଫେସ୍‌ବୁକ୍ ଓ ଇନଷ୍ଟାଗ୍ରାମ। ଆଉ ଲଗ୍ ଇନ୍ କଲେ ମଧ ଖୋଲୁନାହିଁ। ମଙ୍ଗଳବାର ରାତିରେ ସାରା ବିଶ୍ୱରେ ଏଭଳି ସମସ୍ୟା ଦେଖା ଦେଇଛି। ମେଟାର ସୋସିଆଲ୍ ମିଡିଆ କମ୍ପାନୀ ବିଶ୍ୱବ୍ୟାପୀ ଏଭଳି ଭାବେ ସର୍ଭର ଡାଉନ୍ ହୋଇଯାଇଥିବା ସୂଚନା ପାଇଛି। ହଠାତ୍ ଲଗ୍ ଆଉଟ ହେବା ପରେ ୟୁଜର ଫେସ୍‌ବୁକ୍‌କୁ ଓପନ କରିଥିଲେ। ହେଲେ ଅନ୍‌ଏବୁଲ୍ ଟୁ ଲଗ୍ ଇନ୍ ଲେଖାଯାଉଛି। ଏହି ସମୟ ମଧ୍ୟରେ ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ଥ୍ରେଡର ବ୍ୟବହାରକାରୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଲା। ଖବର ଲେଖାଯିବା ସୁଦ୍ଧା ଦୁଇଟି ସୋସିଆଲ୍ ମିଡିଆ ସାଇଟ୍ ବନ୍ଦ ରହିଛି। ଇନ୍‌ଷ୍ଟାଗ୍ରାମ ଖୋଲିଲା ବେଳକୁ କୁଡ୍ ନଟ ରିଫ୍ରେସ୍ ଲେଖୁଛି। ଫେସ୍‌ବୁକ୍ ଲଗ୍ ଇନ୍ ହୋଇଥିବାବେଳେ ହଠାତ୍ ସିଜନ ଏକ୍ସପାୟାର ଲେଖି ଲଗ୍‌ଆଉଟ୍ ହୋଇଯାଉଛି। ଏହାପରଠାରୁ ଆଉ ଲଗ୍ ଇନ୍ ହେଉ ନାହିଁ। ଏହି ଅଘଟଣ ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିଲା।

ସୋସିଆଲ୍ ମିଡିଆ ସାଇଟ୍ ଟ୍ରାକ୍ କରୁଥିବା ସାଇଡ୍ ଡାଉନଡିଟେକ୍ଟରର ରିପୋର୍ଟ ଅନୁସାରେ ବିଶ୍ୱରେ ୩ ଲକ୍ଷ ଫେସ୍‌ବୁକ ଆକାଉଣ୍ଟ ୪୭ ହଜାର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଡାଉନ୍ ହୋଇଛି। ସମସ୍ୟା ନେଇ ସାରା ବିଶ୍ୱରେ ଲୋକ ଚିନ୍ତିତ ଥିବାବେଳେ ମେଟା ପକ୍ଷରୁ କିନ୍ତୁ କୌଣସି ସୂଚନା ଜାରି କରାଯାଇନାହିଁ। ମେଟାର ଅଧିକାରୀ ଆଣ୍ଡି ଷ୍ଟୋନ୍ କିନ୍ତୁ ଘଟଣାକୁ ନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଆଣ୍ଡି ଷ୍ଟୋନ୍ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଆମ ପାଖରେ ଖବର ଅଛି ଯେ ଆମ ସେବା ବ୍ୟବହାର କରିବାବେଳେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଆମେ ଏହାର ସାମାଧାନ କାର୍ଯ୍ୟରେ ଲାଗି ରହିଛୁ। ସୂଚନା ଥାଉକି, ରାତି ୮ଟା ୫୬ ମିନିଟ୍ ସମୟରେ ଏହି ସମସ୍ୟା ଦେଖାଦେଇଛି। ସେହିପରି ୟୁଟ୍ୟୁବ ମଧ ଡାଉନ୍ ହୋଇଥିବା ସୂଚନା ମିଳୁଛି।




ଘଟଣାକୁ ନେଇ ଟ୍ୱିଟର ମୁଖ୍ୟ ଏଲନ୍ ମସ୍କ ମେଟା କମ୍ପାନୀକୁ ଥଟା କରିଛନ୍ତି। ଟ୍ୱିଟରରେ ଆପଣ ପୋଷ୍ଟ ପଢ଼ିପାରୁଛନ୍ତି ମାନେ ଆମ ସର୍ଭର କାମ କରୁଛି ବୋଲି ମସ୍କ କହିଛନ୍ତି। ମସ୍କ ଟ୍ୱିଟ୍ କରି ଫେସ୍‌ବୁକ୍, ଇନଷ୍ଟା ଓ ଥ୍ରେଡ୍‌ର ଫଟୋକୁ ବ୍ୟାଙ୍ଗାତ୍ମକ ଭାବେ ଚିତ୍ରଣ କରିଛନ୍ତି।

## ଫିନକେୟାର ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ସହ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମିଶ୍ରଣ

**ଭୁବନେଶ୍ୱର, ୫।୩(ସମିସ):** ଫିନକେୟାର ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ସହିତ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମିଶ୍ରଣକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅନୁମୋଦନ ପ୍ରଦାନ କରିଛି। ଏହି ମିଶ୍ରଣ ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ୨୦୨୩ ଡିସେମ୍ବର ୩୧ ସୁଦ୍ଧା ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧ କୋଟିରୁ ଅଧିକ ଗ୍ରାହକ, ୪୩,୫୦୦ରୁ ଅଧିକ କର୍ମଚାରୀ ଏବଂ ୨,୩୫୦ରୁ ଅଧିକ ଫିଜିକାଲ ଟଚ୍ ପଏଣ୍ଟର ନେଟୱାର୍କ ସହିତ ଏକ ଶକ୍ତିଶାଳୀ ସଂସ୍ଥା ସୃଷ୍ଟି ହୋଇଛି ଯାହାର ଜମା ୮୯,୮୫୪ କୋଟି ଟଙ୍କା ଏବଂ ବାଲାନ୍ସ ସିଟ୍ ଆକାର ୧,୧୬,୬୯୫ କୋଟି ଟଙ୍କା ରହିଛି। ୨୦୨୩ ଅକ୍ଟୋବର ୨୯ରେ ଉଭୟ ଏୟୁ ଏସଏଫବି ଏବଂ ଫିନକେୟାର ଏସଏଫବିର ନିର୍ଦ୍ଦେଶକ ମଣ୍ଡଳୀ ମିଶ୍ରଣକୁ ଅନୁମୋଦନ ପ୍ରଦାନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଯଥାକ୍ରମେ ୨୦୨୩ ନଭେମ୍ବର ୨୭ ଏବଂ ନଭେମ୍ବର ୨୪ରେ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରମାନେ ବୈଠକରେ "ସ୍କିମ୍ ଅଫ୍ ଆମାଲଗାମେସନ୍‌କୁ ଅନୁମୋଦନ ପ୍ରଦାନ କରିଥିଲେ। ୨୦୨୪ ଜାନୁଆରି ୨୩ରେ ପ୍ରସ୍ତାବିତ ମିଶ୍ରଣ ଯୋଜନାକୁ ପ୍ରତିଯୋଗିତା ଆଇନ, ୨୦୦୨ର ଧାରା ୩୧(୧)ର ବ୍ୟବସ୍ଥା ଅନୁଯାୟୀ ଭାରତୀୟ ପ୍ରତିଯୋଗିତା ଆୟୋଗଙ୍କ ଅନୁମୋଦନ ମିଳିଥିଲା।

**ରିଜର୍ଭ ବ୍ୟାଙ୍କ ଦେଲା ମଞ୍ଜୁରୀ**

■ **ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ନୂତନ କର୍ମକର୍ତ୍ତା ନିଯୁକ୍ତ**

## ଡା. ପ୍ରଦୀପ ମହାନ୍ତି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ

**ଭୁବନେଶ୍ୱର, ୫।୩(ସିମସ):** ଏସଏନଏମ ଗ୍ରୁପ ଅଧ୍ୟକ୍ଷ ଡା. ପ୍ରଦୀପ ମହାନ୍ତି ୨୦୨୪-୨୫ ପାଇଁ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବାବେଳେ ଆଲୁମିନିୟମ ସେକ୍ଟର ସିଓଓ ତଥା ବେଦାନ୍ତ ଆଲୁମିନିୟମ ଆଣ୍ଡ ପାୱାର ଲିମିଟେଡର ସିଇଓ ସୁନୀଲ ଗୁପ୍ତା ଉପାଧ୍ୟକ୍ଷ ହୋଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ସିଆଇଆଇ ଓଡ଼ିଶା ରାଜ୍ୟ ବାର୍ଷିକ ଦିବସ ୨୦୨୩-୨୪ରେ ସେମାନଙ୍କ ନାମ ଘୋଷଣା କରାଯାଇଛି। ଖଣି, ଉତ୍ପାଦନ, ଶକ୍ତି, ଭିତିଭୂମି ବିକାଶ ଓ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଡା. ପ୍ରଦୀପ ମହାନ୍ତି ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ। ନ୍ୟାସନାଲ ପ୍ରଡକ୍ଟିଭିଟି କାଉନସିଲ (ଏନପିସି)




ରେ ବରିଷ୍ଠ ଡେପୁଟି ଡାଇରେକ୍ଟର ଭାବେ ୨୧ବର୍ଷ କାର୍ଯ୍ୟ ସମ୍ପାଦନ କରିଥିବା ଡା. ମହାନ୍ତି ସମ୍ମାନଜନକ 'ଡକ୍ଟରେଟ' ସମେତ ଅନେକ ପୁରସ୍କାର ଏବଂ ପ୍ରଶଂସା ହାସଲ କରିଛନ୍ତି। ସେ ସ୍ପଞ୍ଜ ଆଇରନ ମାନୁ୍ୟଫାକଚରିଂ ଆସୋସିଏସନର ଜଣେ ଗଭର୍ଣ୍ଣିଂ ବିଭାଗ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସେ ଓଡ଼ିଶା ସ୍ପଞ୍ଜ ଆଇରନ ମାନୁ୍ୟଫାକ୍‌ଚରର୍ସ ଆସୋସିଏସନର ଅଧ୍ୟକ୍ଷ ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ସମେତ ସମ୍ମାନଜନକ ପଦବୀରେ କାର୍ଯ୍ୟ କରିଛନ୍ତି। ଶ୍ରୀ ଗୁପ୍ତା ଝାରସୁଗୁଡ଼ା, ଲାଞ୍ଜିଗଡ଼ଠାରେ ରହିଥିବା କମ୍ପାନୀର ଆଲୁମିନିୟମ ବ୍ୟବସାୟ ସମେତ ଖଣି ବ୍ୟବସାୟରେ ରଣନୈତିକ ପରିଚାଳନା ଦାୟିତ୍ୱରେ ଅଛନ୍ତି।

## ଏଲନ୍ ମସ୍କଙ୍କ ବିରୋଧରେ ପରାଗ ଅଗ୍ରୱାଲଙ୍କ ମାମଲା

**କାଲିଫର୍ଣ୍ଣିଆ, ୫।୩(ଏଜେନ୍ସି):** ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ଟ୍ୱିଟର)ର ପୂର୍ବତନ ସିଇଓ ପରାଗ ଅଗ୍ରୱାଲ ଓ ଅନେକ ପୂର୍ବତନ ଶୀର୍ଷ ଅଧିକାରୀମାନେ ଏଲନ ମସ୍କଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଚାକିରୀରୁ ଛଟେଇ ପରେ କ୍ଷତିପୂରଣ ରୂପେ ଦିଆଯାଉଥିବା ବେତନକୁ ନେଇ ଏହି ବିବାଦ ଉପୁଜିଛି। ପରାଗ ଅଗ୍ରୱାଲଙ୍କ ବ୍ୟତୀତ ଯେଉଁମାନେ ଏପରି ମୋକଦ୍ଦମା କରିଛନ୍ତି ସେମାନଙ୍କ ମଧ୍ୟରେ ଟ୍ୱିଟରର ପୂର୍ବତନ ସିଏଫଓ ନେଡ ସିଗଲ, ପୂର୍ବତନ ଲିଗାଲ ଅଫିସର ବିଜୟା ଗଡ୍ଡେ, ପୂର୍ବତନ ଜେନେରାଲ କାଉଁସେଲ ସିନ୍ ଏଜେଟ୍ ପ୍ରମୁଖ ଅଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ପରାଗ ଅଗ୍ରୱାଲଙ୍କ ସମେତ ୪ ଅଧିକାରୀ ଏଲନ ମସ୍କଙ୍କ ବିରୋଧରେ ୧୨.୮ କୋଟି ଡଲାରର ସେଭେରେନ୍ସ ସାଲାରୀ (ଚାକିରୀରୁ ଛଟେଇ କରାଯିବା ପରିସ୍ଥିତିରେ ମିଳୁଥିବା କ୍ଷତିପୂରଣ) ମିଳି ନ ଥିବା ଅଭିଯୋଗ କରିଛନ୍ତି।

## ହିଲ୍‌ଟନ ମେଟାଲ ଫୋର୍ଜିଂ ଲିମିଟେଡର ନେଟ୍ ଲାଭରେ ବୃଦ୍ଧି

**ଭୁବନେଶ୍ୱର, ୫।୩(ସମିସ):** ଷ୍ଟିଲ୍ ଫୋର୍ଜିଂ ଶିଳ୍ପରେ ଅଗ୍ରଣୀ ବିନିର୍ମାଣକାରୀ ଓ ଆବଣ୍ଟନକାରୀ ତଥା ରେଳପଥ ଫୋର୍ଜଡ ୱାଗନ୍ ହ୍ୱିଲ୍ ଭଳି ଉତ୍ପାଦ କ୍ଷେତ୍ରରେ ସ୍ପେଶାଲାଇଜେସନ ଥିବା ହିଲ୍‌ଟନ ମେଟାଲ ଫୋର୍ଜିଂ ଲିମିଟେଡ ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଏବଂ ଏହି ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଅନନ୍ୟ ପରିଚାଳନା ଏବଂ ଆର୍ଥିକ ପ୍ରଦର୍ଶନଗତ ସଫଳତା ହାସଲ କରିଛି। ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହୋଇଥିବା ୯ ମାସ ମଧ୍ୟରେ କମ୍ପାନୀର ନେଟ୍ ଲାଭ ପୂର୍ବବର୍ଷ ସେହି ସମୟ ତୁଳନାରେ ହୋଇଥିବା ନେଟ୍ ଲାଭ ୩.୩୭ କୋଟି ଟଙ୍କା ତୁଳନାରେ ୮୨ ପ୍ରତିଶତ ବୃଦ୍ଧିପାଇ ୬.୧୪ କୋଟି ଟଙ୍କା ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ନଅମାସରେ ମଧ କମ୍ପାନୀର ମୋଟ ଆୟ ପୂର୍ବବର୍ଷ ସେହି ସମୟରେ ହୋଇଥିବା ମୋଟ ଆୟ ୭୪.୪୮ କୋଟି ଟଙ୍କା ତୁଳନାରେ ୪୧ ପ୍ରତିଶତ ବୃଦ୍ଧି ପାଇ ୧୦୫.୩୪ କୋଟି ଟଙ୍କା ହୋଇଛି।

**ଏଲନ୍ ମସ୍କଙ୍କୁ ଝଟ୍‌କା**

## ଜେଫ୍ ବେଜୋସ୍ ବିଶ୍ୱର ଏକ ନମ୍ବର ଧନୀ

**ୱାଶିଂଟନ୍, ୫।୩(ଏଜେନ୍ସି):** ଏଲନ୍ ମସ୍କଙ୍କୁ ଲାଗିଛି ବଡ଼ ଝଟ୍‌କା। ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ତାଲିକାରେ ହୋଇଛି ପରିବର୍ତ୍ତନ। ଦୀର୍ଘ ଦିନ ପରେ ୨୦୦ ବିଲିୟନ୍ ଡଲାର କ୍ଲବରେ ଏଣ୍ଟ୍ରି କରିବା ସହ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ହୋଇଛନ୍ତି ବିଶ୍ୱର ସୁବଠୁ ଧନୀ ବ୍ୟକ୍ତି।

ଦୀର୍ଘ ସମୟ ଧରି ବିଶ୍ୱର ସବୁଠାରୁ ଧନୀ ଭାବେ ତାଲିକାର ଶୀର୍ଷରେ ଥିବା ଟେସଲା ତଥା ସ୍ପେସ୍‌ଏକ୍ସର ପ୍ରତିଷ୍ଠାତା ଏବଂ ସିଇଓ ଏଲନ ମସ୍କଙ୍କୁ ଏବେ ସୂଚୀରେ ଗୋଟିଏ ସ୍ଥାନ ତଳକୁ ଖସିଯାଇଛନ୍ତି। ବର୍ତ୍ତମାନ ଏଲନ ମସ୍କ ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜେଫ୍ ବେଜୋସଙ୍କ ସମ୍ପତ୍ତିରେ ଲଗାତାର ବୃଦ୍ଧି ହେବାରେ ଲାଗିଛି। ଏତାଛଡା ସୋମବାର ଟେସଲା କମ୍ପାନୀର ଶେୟାରରେ ୭.୧୬ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଥିଲା। ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ବର୍ତ୍ତମାନ ଏଲନ ମସ୍କ ଆଉ



ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ନାହାଁନ୍ତି। ମସ୍କଙ୍କ ମୋଟ୍ ସମ୍ପତ୍ତିରେ ୧୭.୬ ବିଲିୟନ୍ ଡଲାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ୧୯୮ ଆରବ ଡଲାରର ମୋଟ ସମ୍ପତ୍ତି ସହ ତାଲିକାର ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଅପରପକ୍ଷେ ବେଜୋସ୍ ପ୍ରଥମ କରି ୨୦୦ ବିଲିୟନ ଡଲାରରର ସମ୍ପତ୍ତି ସହ ତାଲିକାର ଶୀର୍ଷରେ ରହିଛନ୍ତି। ଚଳିତ ବର୍ଷ ଟେସଲା ଶେୟାରରେ ୨୫ ପ୍ରତିଶତର ହ୍ରାସ ଦେଖିବାକୁ ମିଳିଛି। ଗତ ବର୍ଷକ ମଧ୍ୟରେ ଟେସଲା ସିଇଓ ପ୍ରାୟ ୩୧ ବିଲିୟନ ଡ଼ଲାରର ସମ୍ପତ୍ତି ହରାଇଥିବାବେଳେ ଆମାଜନ ପ୍ରତିଷ୍ଠାତା ୨୩ ବିଲିୟନ ଡ଼ଲାର ସମ୍ପତ୍ତି ଆୟ କରିଛନ୍ତି।

**ବିଶ୍ୱ ଧନୀ ତାଲିକା**

| ଧନୀ ବ୍ୟକ୍ତି | ସମ୍ପତ୍ତି ପରିମାଣ |
|---|---|
| ଜେଫ୍ ବେଜୋସ | ୨୦୦ ବିଲିୟନ୍ ଡଲାର |
| ଏଲନ ମସ୍କ | ୧୯୮ ବିଲିୟନ୍ ଡଲାର |
| ବାର୍ନାର୍ଡ଼ ଆର୍ନୋଲ୍ଟ | ୧୯୭ ବିଲିୟନ ଡଲାର |
| ମାର୍କ ଜୁକରବର୍ଗ | ୧୭୯ ବିଲିୟନ ଡଲାର |
| ବିଲ୍ ଗେଟ୍ସ | ୧୫୦ ବିଲିୟନ ଡଲାର |
| ଷ୍ଟୀଭ୍ ବାଲମର | ୧୪୩ ବିଲିୟନ ଡଲାର |
| ୱାରେନ୍ ବଫେ | ୧୩୩ ବିଲିୟନ ଡଲାର |
| ଲ୍ୟାରି ଏଲିସନ୍ | ୧୨୯ ବିଲିୟନ ଡଲାର |
| ଲ୍ୟାରି ପେଜ୍ | ୧୨୨ ବିଲିୟନ ଡଲାର |
| ସର୍ଗି ବ୍ରିନ୍ | ୧୬୬ ବିଲିୟନ ଡଲାର |

## ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ସହ ସହଯୋଗିତା

**ଭୁବନେଶ୍ୱର, ୫।୩(ସମିସ):** ଆସନ୍ତା କ୍ରିକେଟ ଋତୁ ପାଇଁ ଦେଶର ଅଗ୍ରଣୀ ଘରୋଇ ଜୀବନ ବୀମା କମ୍ପାନି ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ "ଲିଡ ହେଲମେଟ ପାର୍ଟନର" ଭାବେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ (ଏଲଏସଜି) ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତାର ଅଂଶ ଭାବେ ଏସବିଆଇ ଲାଇଫର ଲୋଗୋ ଏଲଏସଜି ହେଲମେଟ୍‌ରେ ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ। କ୍ରିକେଟର ଲୋକପ୍ରିୟତା ଜରିଆରେ ବ୍ରାଣ୍ଡ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ଏବଂ ଆର୍ଥିକ ସୁରକ୍ଷାଭଳି ଏକ ସକାରାତ୍ମକ ଚିନ୍ତାଧାରାର ପ୍ରସାର ହେବ। ଏହି ସହଯୋଗିତା କ୍ରିକେଟ ପଡ଼ିଆରେ ହେଲମେଟ ପ୍ରଦାନ କରୁଥିବା ସୁରକ୍ଷା ଏବଂ ଲୋକମାନଙ୍କ ଜୀବନ ଓ ପରିବାରକୁ ସୁରକ୍ଷା ଦେବାରେ ଜୀବନ ବୀମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟକୁ ଉପସ୍ଥାପନ କରୁଛି।



ଏସବିଆଇ ଲାଇଫର କର୍ପୋରେଟ କମ୍ୟୁନିକେସନ ଆଣ୍ଡ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ସହିତ ଆମର ସମ୍ପର୍କ ଗଭୀର ଭାବନାତ୍ମକ ସ୍ତରରେ ସୁରକ୍ଷାର ଆବଶ୍ୟକତା ଏବଂ "ଇରାଦୋଁ କି ସୁରକ୍ଷା" ଉପରେ ଗୁରୁତ୍ୱାରୋପ କରୁଛି।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଉନ୍ମୋଚନ

**ଭୁବନେଶ୍ୱର, ୫।୩(ସମିସ):** ଝାରସୁଗୁଡ଼ାରେ ସ୍ୱାସ୍ଥ୍ୟ ସେବା ବୃଦ୍ଧି ଦିଗରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଏହାର ଜେଏସଏଲ ବିଏସପିଏଲ ସମ୍ବଲପୁର ୱାର୍ଡ଼ର ସିଏସଆର ପଦକ୍ଷେପ ଅନୁଯାୟୀ ୪ ମାର୍ଚ୍ଚ୨୪ରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ହସପିଟାଲରେ ଏକ ଟ୍ରମା କେୟାର ସେଣ୍ଟରକୁ ସମର୍ପିତ କରିଛି। ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଓ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଏହା ପଶ୍ଚିମ ଓଡ଼ିଶା ପାଇଁ ପ୍ରଥମ ଟ୍ରମା କେୟାର ସେଣ୍ଟର ହେବାକୁ ଯାଉଛି। ଉଦଘାଟନୀ ସମାରୋହରେ ଅନୀଲ କୁମାର ସିଂ ଜେଏସଡବ୍ଲ୍ୟୁ ବିପିଏସଏଲର ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅବୋଲି ସୁନିଲ ନାରବୋନେ- କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ, ଝାରସୁଗୁଡ଼ା ଓ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଓ ଡ. ମହେଶ ପଣ୍ଡା ସିଓଏମ ତଥା ପିଏଚଓ, ଝାରସୁଗୁଡ଼ା ଏହି ଉତ୍ସବରେ ଉପସ୍ଥିତ ଥିଲେ। ଝାରସୁଗୁଡ଼ାର ଡିଏଚଏଚ ରେ ୧୦ଟି ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର କାର୍ଯ୍ୟ କରିବ ଏହା ସଡ଼କ ଦୁର୍ଘଟଣା ପ୍ରଭାବକୁ କମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିରେ ମଡ୍ୟୁଲାର ଅପରେସନ ଥିଏଟର, ଅଲଟ୍ରାସାଉଣ୍ଡ, ସିଆର ସିଷ୍ଟମ, ଏକ୍ସ-ରେ ପ୍ରଭୃତି ଆବଶ୍ୟକୀୟ ଉପକରଣ ସୁବିଧା ରଖାଯାଇଛି।



## ୩୪ ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ

**ଭୁବନେଶ୍ୱର, ୫।୩(ସମିସ):** ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ରାଜ୍ୟର ପ୍ରତିଷ୍ଠିତ ଉଦ୍ୟୋଗୀଙ୍କର ଉଦ୍ୟମକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୪ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଏଥିରେ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ଭି ଭି ଯାଦବ, ଓଟିଡ଼ିସି ଅଧ୍ୟକ୍ଷ ଲେଲିନ୍ ମହାନ୍ତି ବିଧାୟକ ସୁରେଶ କୁମାର ରାଉତରାୟ ରୌ ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ, ତାରିଣୀ ପ୍ରସାଦ ମହାନ୍ତି (ମୁଖ୍ୟ, ଟିପି ମାଇନ୍ସ) ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରମୁଖ ସଚିବ ଇଲେକ୍ଟ୍ରାନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନୋଜ ମିଶ୍ରଙ୍କ ସହ ବ୍ରାଣ୍ଡ ଅଫ୍ ନିୟୁ ଓଡ଼ିଶା ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଣିଜ୍ୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ୩୪ ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ "ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୪" ରେ ସମ୍ମାନିତ କରାଯାଇଥିଲା।




## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ୱାକାଥନ୍



**ଭୁବନେଶ୍ୱର, ୫।୩(ସିମସ):** ଆଗାମୀ ବିଶ୍ୱ ମହିଳା ଦିବସ-୨୦୨୪ ଉପଲକ୍ଷେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ଏକ ୱାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ୍ ସହୀଦ ନଗର ପୂଜା ମଣ୍ଡପ ଠାରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଆର୍ ଦେବରାଜ, ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ର ଏବଂ ଜିତେନ୍ଦ୍ର କୁମାର ସାମଲଙ୍କ ସମେତ ବ୍ୟାଙ୍କର ମହିଳା କର୍ମଚାରୀ ଏବଂ ଗ୍ରାହକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

**କର୍ପୋରେଟ୍ କ୍ଷେତ୍ରରେ ବଢୁନାହିଁ ମହିଳାଙ୍କ ଭାଗିଦାରିତା**

## ଶ୍ରେଷ୍ଠ ୫୦୦ କମ୍ପାନୀରୁ କେବଳ ୮ ର ନେତୃତ୍ୱ ମହିଳାଙ୍କ ହାତରେ

**ନୂଆଦିଲ୍ଲୀ, ୫।୩(ଏଜେନ୍ସି)**

ମାତ୍ର ଦୁଇ ଦିନ ପରେ ମାର୍ଚ୍ଚ ୮ ରେ ଅନ୍ତର୍ଜାତୀୟ ମହିଳା ଦିବସ। ଏହାର ଠିକ୍ ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି ଯେ ସମସ୍ତ ଉଦ୍ୟମ ସତ୍ତ୍ୱେ ଦେଶର କର୍ପୋରେଟ୍ କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରିତା ଅଧିକ ବୃଦ୍ଧି ପାଇନାହିଁ। ଯଦି ଆମେ ଦେଶର ଶ୍ରେଷ୍ଠ ୫୦୦ କମ୍ପାନୀର ତାଲିକା 'ଫର୍ଚ୍ୟୁନ୍ ଇଣ୍ଡିଆ -୫୦୦ କୁ ଦେଖିବା, ତେବେ କେବଳ ୮ଟି କମ୍ପାନୀ ମହିଳାଙ୍କ ଦ୍ୱାରା ପରିଚାଳିତ। ଫର୍ଚ୍ୟୁନ୍ ଇଣ୍ଡିଆ ଏବଂ ଏସ୍ପି ଜୈନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚର ମିଳିତ ଅଧ୍ୟୟନରୁ ଜଣାପଡିଛି ଯେ ଦେଶର ଶ୍ରେଷ୍ଠ ୫୦୦ କମ୍ପାନୀର କେବଳ ୧.୬ ପ୍ରତିଶତ କମ୍ପାନୀର କମାଣ ମହିଳାଙ୍କ ହାତରେ ରହିଛି।

ଏହାବ୍ୟତୀତ ଫର୍ଚ୍ୟୁନ୍ ଇଣ୍ଡିଆ ପରବର୍ତ୍ତୀ ୫୦୦ କମ୍ପାନୀର ତଥ୍ୟ ମଧ ଅଧ୍ୟୟନରେ ଯାଞ୍ଚ କରାଯାଇଛି। ଏଥିରେ ମହିଳାଙ୍କ ଦ୍ୱାରା ପରିଚାଳିତ କମ୍ପାନୀ ସଂଖ୍ୟା ପ୍ରାୟ ୫ ପ୍ରତିଶତ ହେବ। ଯାହାଫଳରେ ଏଥିରେ କମ୍ପାନୀ ସଂଖ୍ୟା ୨୫ରେ ପହଞ୍ଚିବ। ତଥାପି, ଯଦି ଆମେ ସାମଗ୍ରିକ ଚିତ୍ରକୁ ଦେଖିବା, ଦେଶର ପ୍ରାୟ ୧୦୦୦ କମ୍ପାନୀ ମଧ୍ୟରୁ କେବଳ ୩୩ଟି କମ୍ପାନୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ। ଦେଶର ଶ୍ରମିକମାନଙ୍କ କ୍ଷେତ୍ରରେ ମହିଳାଙ୍କ ଭାଗିଦାରିତା ବୃଦ୍ଧି ପାଇଁ ସରକାର ଅନେକ ସ୍ତରରେ ଉଦ୍ୟମ କରିଛନ୍ତି। ମାତୃତ୍ୱ ଛୁଟି ଏବଂ ମହିଳାମାନଙ୍କୁ କମ୍ପାନୀ ବୋର୍ଡରେ ଅନ୍ତର୍ଭୁକ୍ତ କରିବା ବିଷୟରେ ମଧ ବର୍ତ୍ତମାନ ଆଲୋଚନା ହେଉଛି।

**୮ରେ ମହିଳା ଦିବସ**

ଫର୍ଚ୍ୟୁନ୍ ଇଣ୍ଡିଆ ଏବଂ ଏସପି ଜୈନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଅଧ୍ୟୟନରେ ଦେଶର ଶିଳ୍ପରେ ନେତୃତ୍ୱ ଭୂମିକାରେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଯାଇଛି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ବିଲ୍ ଏବଂ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହଯୋଗରେ ଏହି ଅଧ୍ୟୟନ କରାଯାଇଥିଲା। ଏଥିପାଇଁ ଦିଲ୍ଲୀ-ଏନସିଆର, ମୁମ୍ବାଇ, କୋଲକାତା ଏବଂ ବେଙ୍ଗାଲୁରୁରେ ପ୍ରାୟ ୧୬ଟି ରାଉଣ୍ଡ ଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଶିଳ୍ପଗୁଡିକର ପ୍ରାୟ ୧୩୦ ପ୍ରତିନିଧୀ ଏଥିରେ ଭାଗ ନେଇଥିଲେ।







#ନୂଆ-ଓ ଛାତ୍ରବୃତ୍ତି

Government of Odisha | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

# ‘ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼’ ପଞ୍ଜୀକରଣ ଆରମ୍ଭ



## ବୈପ୍ଳବିକ ପରିବର୍ତ୍ତନ ଆଣିବ ମ୍ୟାଜିକ୍ କାର୍ଡ଼

ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ରାଜ୍ୟ ସରକାର ନୂଆ-ଓ କାର୍ଯ୍ୟକ୍ରମ ଓ ନୂଆ-ଓ ଛାତ୍ରବୃତ୍ତି ଯୋଜନା ଆଣିଛନ୍ତି । ଯୁବ ସଶକ୍ତିକରଣରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ‘ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ’ ଏହାର ପରବର୍ତ୍ତୀ ପ୍ରୟାସ । ବ୍ୟକ୍ତିଗତ ବିକାଶରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା, ପିତାମାତାଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା, କ୍ୟାରିୟରର ପ୍ରଗତି ଏବଂ ନିଯୁକ୍ତି ପାଇଁ ଏହା ସୁଯୋଗ ସୃଷ୍ଟି କରିବ ।



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରୁ ଅର୍ଥାତ ମଙ୍ଗଳବାର ଠାରୁ ‘ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ’ ପଞ୍ଜୀକରଣ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଜୀକରଣ ପୋର୍ଟାଲକୁ ଶୁଭାରମ୍ଭ କରିଛନ୍ତି । ମାଲକାନାଗିରି ଜିଲ୍ଲାରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହାର ଶୁଭାରମ୍ଭ କରିଛନ୍ତି । ଯୁବକମାନେ ହେଉଛନ୍ତି ଦେଶର ସମ୍ପତ୍ତି । ସେମାନଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରାଇବା ଏବଂ ଦେଶ ଓ ସମାଜ ଗଠନରେ ସହଭାଗୀ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

## ରାଜଧାନୀ ଛାତ୍ରଛାତ୍ରୀଙ୍କୁ ୮.୫୩ କୋଟି ବୃତ୍ତି ବଣ୍ଟନ



ମଙ୍ଗଳବାର ଅପରାହ୍ନରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ବକ୍ସି ଜଗବନ୍ଧୁ(ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କରାଯାଇଛି । ୫-ଟି ଅଧ୍ୟକ୍ଷ ଏଠାରେ ୮୪୮୦ ଜଣ ଛାତ୍ରଛାତ୍ରୀଙ୍କୁ ୮.୫୩ କୋଟି ଟଙ୍କାର ଛାତ୍ରବୃତ୍ତି ବଣ୍ଟନ ଆଦେଶ ପ୍ରଦାନ କରିଛନ୍ତି । ସମୁଦାୟ ୧୩, ୫୪୯ ଜଣ ଛାତ୍ରଛାତ୍ରୀଙ୍କୁ ୧୩.୭୨ କୋଟି ଟଙ୍କାର ଛାତ୍ରବୃତ୍ତି ବଣ୍ଟନ କରାଯାଇଛି ।







## ମାଲକାନଗିରିରେ ୫୦୬୯ ଛାତ୍ରଛାତ୍ରୀଙ୍କୁ ବୃତ୍ତି

ମାଲକାନାଗିରି ଜିଲ୍ଲାରେ ଆଜି ବଣ୍ଟନ ହୋଇଛି ‘ନୂଆ-ଓ’ ଛାତ୍ରବୃତ୍ତି । ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି ବୃତ୍ତିରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି । ମାଲକାନଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ ଜିଲ୍ଲାର ୧୦ଟି କଲେଜର ୫୦୬୯ ଜଣ ଛାତ୍ରଛାତ୍ରୀଙ୍କୁ ୫.୧୯ କୋଟି ଟଙ୍କାର ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି ।



## ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ

ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ।







## ଆଜିର ରାଶିଫଳ

**ମେଷ:** ଏ ସପ୍ତାହ ଆପଣଙ୍କ ପାଇଁ ବହୁତ ଭଲ। ଅଟକି ଥିବା କାର୍ଯ୍ୟ ପୂରା ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଅଫିସ୍ ବଦଳାଇବା ପାଇଁ ବର୍ତ୍ତମାନ ଭଲ ସମୟ। ଅର୍ଥପ୍ରାପ୍ତି ହେବ।

**ବୃଷ:** ନୂତନ ଯାନବାହନ କ୍ରୟ କରିପାରନ୍ତି। ଧାର୍ମିକ ଯାତ୍ରା ଯୋଗ ରହିଛି। ବିଦ୍ୟାର୍ଥୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ପ୍ରତ୍ୟେହ ସକାଳୁ ଶ୍ରୀ ବିଷ୍ଣୁସହସ୍ରନାମ ପାଠ କରନ୍ତୁ।

**ମିଥୁନ:** ଛାତ୍ରଛାତ୍ରୀଙ୍କ ପାଇଁ ବର୍ତ୍ତମାନ ସମୟ ଭଲ। ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଟକି ଥିବା କାର୍ଯ୍ୟ ପୂରା ହେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ:** ରାଜନୀତି କ୍ଷେତ୍ରରେ ସଫଳ ହେବେ। ସରକାରୀ କର୍ମଚାରୀଙ୍କ ପାଇଁ ସମୟ ଅତି ଅନୁକୂଳ। ମହିଳାମାନଙ୍କ ମୁଖ୍ୟ ଦାୟିତ୍ୱ ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ଘରକୁ ଅତିଥି ଆସିବେ।

**ସିଂହ:** ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। ଅଚାନକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇପାରେ। ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି।

**କନ୍ୟା:** ଆର୍ଥିକ ସ୍ଥିତି ମଜଭୁତ ହେବ। ଅଚାନକ ଖୁସି ଖବର ପାଇବେ। କୌଣସି ଏକ ବିଶେଷ ଦିଗରୁ ଧନପ୍ରାପ୍ତି ହେବ। କଳି ଝଗଡାକୁ ଦୂରେଇ ରହିବା ଭଲ। ପରିବାରରେ ହସ ଖୁସି ଲାଗି ରହିବ।

**ତୁଳା:** ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। କର୍ମକ୍ଷେତରେ ପଦୋନ୍ନତି ଯୋଗ ରହିଛି। ଧନ ଲାଭ ଯୋଗ ରହିଛି। ସକାରାତ୍ମକ ଚିନ୍ତାଧାରା ନେଇ କାର୍ଯ୍ୟ କରିବା ଭଲ।

**ବିଛା:** ଏସପ୍ତାହରେ ଟିକେ ଜଗି ରଖି ଚଳିବା ଭଲ। ଅଚାନକ ଖୁସି ଖବର ମିଳିବ। ଭାଇ-ଭାଇ ମଧ୍ୟରେ କଳିଝଗଡ଼ା ଲାଗିପାରେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ।

**ଧନୁ:** ପୂଜାର୍ଚ୍ଚନାରେ ଦିନ ବିତିବ। ମହିଳାମାନେ ଧାର୍ମିକ ସମାବେଶରେ ସାମିଲ ରହିବେ। ଅକସ୍ମାତ ଧନ ମିଳିବ। ଅବସରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ଆଜି ଦିନଟି ଭଲ। ସମାଜରେ ମାନ ସମ୍ମାନ ବୃଦ୍ଧିପାଇବ।

**ମକର:** ଯାନବାହନ କ୍ରୟ କରିପାରନ୍ତି। ଯେକୌଣସି ନୂତନ କାର୍ଯ୍ୟ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନିଅନ୍ତୁ। ନୂତନ ଜମି କ୍ରୟ କରିପାରନ୍ତି। ପ୍ରେମ ବ୍ୟପାରରେ ସଫଳ ହେବେ। ବନ୍ଧୁମାନଙ୍କ ସହ ଦୂରଯାତ୍ରା କରିପାରନ୍ତି।

**କୁମ୍ଭ:** ସଫଳତା ପାଇବା ପାଇଁ ଆଜିର ଦିନରେ କଠିନ ପରିଶ୍ରମ କରିବାକୁ ପଡ଼ିବ। ଅଯଥା ଖର୍ଚ୍ଚ କରନ୍ତୁନି। ବିଦେଶ ଯାତ୍ରା କରିପାରନ୍ତି। ସେୟାର ମାର୍କେଟରେ ନିବେଶ କରୁଥିବା ବ୍ୟକ୍ତିଙ୍କ ପାଇଁ ଦିନଟି ଭଲ।

**ମୀନ:** ପରିସ୍ଥିତିକୁ ନେଇ ଚିନ୍ତିତ ରୁହନ୍ତୁନି। ବୈବାହିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିଜର ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ସେୟାର କରନ୍ତୁନି। ନିଜ ଲୋକ ଶତ୍ରୁ ବନିପାରନ୍ତି।

## ଆଜିର ଐତିହ୍ୟ

- ୧୯୦୨- ସ୍ପେନ୍‌ର ଚର୍ଚ୍ଚିତ ଫୁଟବଲ୍ କ୍ଲବ୍ 'ମାଦ୍ରିଦ୍ କ୍ଲବ୍'ର ସ୍ଥାପନା।
- ୧୯୧୫- ଶାନ୍ତି ନିକେତନରେ ମହାତ୍ମା ଗାନ୍ଧୀ ରବୀନ୍ଦ୍ରନାଥ ଟାଗୋରଙ୍କୁ ଭେଟିଲେ।
- ୧୯୬୧- 'ଦ ଇକୋନମିକ୍ସ ଟାଇମ୍ସ'ର ପ୍ରକାଶନ ମୁମ୍ବାଇରୁ ଆରମ୍ଭ ହେଲା।
- ୧୯୯୧- ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ନିଜ ପଦରୁ ଇସ୍ତଫା ଦେଲେ।

# ରଙ୍ଗମିଶା ପରିବାରୁ କର୍କଟ ରୋଗ!

ସାଧାରଣତଃ ବଜାରରେ ତାଜା ଓ ରଙ୍ଗିନ ପନିପରିବା ତଥା ଫଳ ଲୋକଙ୍କୁ ଆକର୍ଷିତ କରିଥାଏ। ଆଜିକାଲି ସୁନ୍ଦର ଓ ତାଜା ଦିଶୁଥିବା ଫଳ ପଛରେ ରଙ୍ଗର ଅପମିଶ୍ରଣ ଦେଖିବାକୁ ମିଳୁଛି। ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ। ଏହି ସବୁ ରଙ୍ଗିନ ପନିପରିବାରୁ କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟି ହେବାର ଆଶଙ୍କା ବେଶି। ପନିପରିବାକୁ ସୁନ୍ଦର ତଥା ରଙ୍ଗିନ କରିବା ପାଇଁ କୃତ୍ରିମ ରଙ୍ଗ ବ୍ୟବହାର କରାଯାଉଛି। ପରିବା ଯେଭଳି ସତେଜ ଦେଖାଯିବ ଲାଗିବ, ସେଥିପାଇଁ ସିନ୍ଥେଟିକ୍ ରଙ୍ଗକୁ ଉପଯୋଗ କରାଯାଉଛି। କର୍କଟ ବିଶେଷଜ୍ଞଙ୍କ ଅନୁସାରେ, ପନିପରିବା ତାଜା ଦିଶିବା ପାଇଁ ରସାୟନଯୁକ୍ତ ସିନ୍ଥେଟିକ୍ ରଙ୍ଗ ବ୍ୟବହାର କରାଯାଉଛି। ସବୁଠୁ ଅଧିକ ନାଲି ଓ ହଳଦିଆ ରଙ୍ଗର ମିଶ୍ରଣ ଦେଖିବାକୁ ମିଳୁଛି। ସବୁଜ ରଙ୍ଗ ପାଇଁ ଓରାମିନ୍ କେମିକାଲ ଓ ନାଲି ପାଇଁ ରୋଡାମାଇନ ବି ରସାୟନର ପ୍ରୟୋଗ କରାଯାଉଛି। ସେହିପରି ଯେଉଁ ସିନ୍ଥେଟିକ୍ ରଙ୍ଗ ବ୍ୟବହାର କରାଯାଉଛି ସେଥିରେ କର୍କଟ ସୃଷ୍ଟିକାରୀ ରୋଡାମାଇନ୍ ବି ରସାୟନ ରହିଛି। ବିଶେଷକରି ଏହି ରଙ୍ଗ ଲିଭର କ୍ୟାନସରର କାରଣ ହୋଇପାରେ। କେବଳ ସେତିକି ନୁହେଁ, ଏହା ବ୍ରେନ୍ ଷ୍ଟେମ୍‌କୁ ବି ନଷ୍ଟ କରିଥାଏ। ଅନ୍ୟପକ୍ଷରେ ପରିବାରେ ରଙ୍ଗ ଲାଗିଛି କି ନାହିଁ, ଜାଣିବା ପାଇଁ ଘରେ ଲିକ୍ୟୁଇଡ୍ ପାରାଫିନ୍‌କୁ ବ୍ୟବହାର କରାଯାଇପାରିବ। ଏହାକୁ କପଡ଼ାରେ ବୁଡ଼ାଇ ପରିବା ଉପରେ ଲଗାଇଲେ, ସେଥିରେ ନକଲି ରଙ୍ଗ ବ୍ୟବହାର ହୋଇଛି କି ନାହିଁ ଜଣାପଡ଼ିଥାଏ।



# ବାହାହେବେ ତାପସୀ

ବଲିଉଡ୍‌ରେ ଏବେ ବିବାହ ଋତୁ ଚାଲିଛି। ନିକଟରେ ଅଭିନେତ୍ରୀ ରକୁଲ୍ ପ୍ରୀତ ସିଂହ ଅଭିନେତା ତଥା ପ୍ରଯୋଜକ ଜ୍ୟାକି ଭଗନାନିଙ୍କୁ ବିବାହ କରିଛନ୍ତି। ଇତିମଧ୍ୟରେ ବଲିଉଡ୍‌ର ଆଉ ଜଣେ ଅଭିନେତ୍ରୀଙ୍କ ବିବାହ ବିଷୟରେ ଚର୍ଚ୍ଚା ହେବାକୁ ଲାଗିଛି। ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସୃଷ୍ଟି କରିଥିବା ଟଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ 'ବିୟୁଟି ୱିଥ୍ ବ୍ରେନ୍' ନାମରେ ବିଟାଉନ୍‌ରେ ବେଶ୍ ଜଣାଶୁଣା। ସେ ବହୁତ ଜଲ୍‌ଦି ତାଙ୍କର ଦୀର୍ଘଦିନର ପ୍ରେମିକ ମାଥିଆସ୍ ବୋଙ୍କୁ ବିବାହ କରିପାରନ୍ତି ବୋଲି କୁହାଯାଉଛି। ତାପସୀ ଏପରି ଜଣେ ଅଭିନେତ୍ରୀ ଯିଏ ନିଜ ବ୍ୟକ୍ତିଗତ କଥାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ନ ଥାନ୍ତି। ତେବେ ସେ ୧୦ ବର୍ଷ ଧରି ମାଥିଆସ୍‌ଙ୍କୁ ଡେଟ୍ କରୁଛନ୍ତି। ଏବେ ସେ ତାଙ୍କ ସମ୍ପର୍କକୁ ବିବାହର ରୂପ ଦେବାକୁ ଯାଉଛନ୍ତି। ଏଇମାସ ଶେଷ ଆଡ଼କୁ ତାପସୀ ବିବାହ କରିପାରନ୍ତି ବୋଲି ଚର୍ଚ୍ଚା ହେବାକୁ ଲାଗିଲାଣି। ସେ ଉଦୟପୁରରେ ସାତ ଫେରା ନେବେ ବୋଲି କୁହାଯାଉଛି। ୩୬ ବର୍ଷୀୟା ତାପସୀ ଓ ୪୩ ବର୍ଷୀୟ ମାଥିଆସ୍‌ଙ୍କୁ ଖ୍ରୀଷ୍ଟିଆନ୍ ରୀତିନୀତିରେ ବାହାହେବେ। ମାଥିଆସ୍ ଡେନମାର୍କର ଜଣେ ବ୍ୟାଡମିଣ୍ଟନ୍ ଖେଳାଳି। ସେ ଦୁଇଥର ୟୁରୋପିଆନ୍ ଚାମ୍ପିୟନ୍ ହେବା ସହ ଅଲମ୍ପିକ୍‌ରେ ମେଡାଲ୍ ମଧ୍ୟ ଜିତିଛନ୍ତି।



# ପାଟି ଭିତରେ ପ୍ରେମିକାର ନାଁ

ଆଜିକାଲି ଯୁବକଯୁବତୀମାନେ ହାତ, ଗୋଡ଼ ସହ ଶରୀରର ବିଭିନ୍ନ ସ୍ଥାନରେ ଟାଟୁ କରୁଥିବାର ଦେଖାଯାଏ। ଅନେକ ଯୁବକଯୁବତୀ ସେମାନଙ୍କ ପ୍ରେମିକ ବା ପ୍ରେମିକାଙ୍କ ନାମରେ ହାତରେ ଟାଟୁ କରୁଥିବାର ଦେଖାଯାଏ। କିନ୍ତୁ ସାମାଜିକ ଗଣମାଧ୍ୟମରେ ନିକଟରେ ଜଣେ ପ୍ରେମିକଙ୍କ ଭିଡିଓ ଭାଇରାଲ୍ ହେଉଛି ଯେ କି ତାଙ୍କ ପ୍ରେମିକାଙ୍କ ନାମ ଏପରି ସ୍ଥାନରେ କୁଟାଇଛନ୍ତି, ଯାହା ବେଶ୍ ଆଶ୍ଚର୍ଯ୍ୟ ଲାଗୁଛି। ଏହି ଯୁବକ ଜଣକ ତାଙ୍କ ପାଟି ଭିତରେ ପ୍ରେମିକାର ନାଁ ଲେଖିଛନ୍ତି। ଯଦିଓ ଏଠାରେ ଟାଟୁ ଖୋଦାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ, କିନ୍ତୁ ଯୁବକ ଜଣକ ଏସବୁକୁ ଖାତିର୍ କରି ନାହାନ୍ତି। ବରଂ ସେ ତାଙ୍କ ପ୍ରେମିକାଙ୍କ ନାମ 'ଅମୃତା' ନାଁରେ ଟାଟୁ କରାଇଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଅଭିଷେକ ସକପାଲ ନାମକ ଜଣେ ୟୁଜର୍ ଯୁବକଙ୍କ ଟାଟୁ କରିବା ସମୟର ଭିଡିଓକୁ ସେୟାର୍ କରିଛନ୍ତି।




ତେବେ ଯୁବକଙ୍କ ଏପରି କାର୍ଯ୍ୟକୁ ଦେଖି ଅନେକ ବେଶ୍ ମଜାଳିଆ ପ୍ରତିକ୍ରିୟା ଦେଇଛନ୍ତି। କେତେଜଣ ପ୍ରତିକ୍ରିୟା ଦେଇ ଲେଖିଛନ୍ତି ଯେ, ବ୍ରେକ୍‌ଅପ୍ ପରେ ସେ ମୁହଁ ଖୋଲିବେନି। ସେହିପରି କେହି କେହି ଯୁବକଙ୍କ ଏଭଳି କାର୍ଯ୍ୟ ପ୍ରେମ ନୁହେଁ ବରଂ ପାଗଳାମିକୁ ଦର୍ଶାଉଛି ବୋଲି କହିଛନ୍ତି। ସବୁଠୁ ମଜାଦାର କଥା ହେଉଛି କେହି ଜଣେ ପ୍ରତିକ୍ରିୟା ରଖିଛନ୍ତି ଯେ, ବାସ୍ତବରେ ଏହି ଯୁବକ ଜଣକ ବହୁତ ଚାଲାକ। ଯଦି ବ୍ରେକ୍‌ଅପ୍ ପରେ ଅନ୍ୟ କାହା ସହ ବିବାହ ବନ୍ଧନରେ ବାନ୍ଧି ହେଲେ, ପତ୍ନୀ ମଧ୍ୟ ଏତେ ଭିତରେ ଟାଟୁଟିକୁ ଖୋଜି ପାଇବେନି।

# ୧୮୫ ଜଣିଆ ପରିବାର

ଯୌଥ ପରିବାର ଆମ ସଂସ୍କୃତି, ଯେଉଁଠି ଅନୂନ୍ୟ ତିନି ପିଢ଼ିର ସଦସ୍ୟ ଏକତ୍ର ସହାବସ୍ଥାନ କରିଥାନ୍ତି। ପରିବାରର ବୟସ୍କ ବ୍ୟକ୍ତିଙ୍କୁ ମୁଖ୍ୟ ଭାବେ ଗ୍ରହଣ କରାଯାଏ। ତାଙ୍କର ଅଭିଜ୍ଞତାସମ୍ପନ୍ନ ପରାମର୍ଶ ଓ ସୁଚିନ୍ତିତ ନିଷ୍ପତ୍ତି ଘରର ପ୍ରତ୍ୟେକଙ୍କ ପାଇଁ ସମାନ ଏବଂ ସମସ୍ତ ସମସ୍ୟା ସମାଧାନ ପାଇଁ ସହାୟକ ହୋଇଥାଏ। ପରସ୍ପର ପ୍ରତି ନିରନ୍ତର ସ୍ନେହ ସହଯୋଗ ରହିଥିବା ସେପରି ପରିବାରକୁ ବୈକୁଣ୍ଠ ସହ ତୁଳନା କରାଯାଏ। ସ୍ୱାର୍ଥ ତ୍ୟାଗ ଓ ସାମୂହିକ ସଦିଚ୍ଛା, ପାରସ୍ପରିକ ସହଯୋଗ ହେଉଛି ଯୌଥ ପରିବାରର ମୂଳମନ୍ତ୍ର। ବର୍ତ୍ତମାନ ସମୟରେ ଯୌଥ ପରିବାର ବହୁତ କମ୍ ଦେଖିବାକୁ ମିଳୁଛି। ହେଲେ ରାଜସ୍ଥାନର ଆଜମେରସ୍ଥିତ ରାମସର ଗାଁରେ ଏକ ବହୁ କୁଟୁମ୍ବୀ ପରିବାର ଆଜିର ସମାଜ ପାଇଁ ପ୍ରେରଣା ପାଲଟିଛି। ଏହି ପରିବାରର ସଦସ୍ୟଙ୍କ ସଂଖ୍ୟା ୧୮୫। ଏହି ପରିବାରରେ ତିନି ପିଢ଼ିର ଲୋକେ ଏକାଠି ରୁହନ୍ତି।



ପରିବାରର ସବୁଠୁ ବୟସ୍କ ସଦସ୍ୟ ବିରଦିଚନ୍ଦ ତାଙ୍କ ପରିବାର ପ୍ରତ୍ୟେକ ସଦସ୍ୟଙ୍କୁ ଏକାଠି ରହିବା ପାଇଁ ଶିଖାଇଛନ୍ତି। ପରିବାରର ପ୍ରତିଟି ସଦସ୍ୟ ମଧ୍ୟ ତାଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି। ଏହି ପରିବାରର ସଦସ୍ୟମାନେ ଚାଷବାସ କରି ଜୀବିକା ନିର୍ବାହ କରନ୍ତି। ପରିବାରର ସଦସ୍ୟଙ୍କ ପାଇଁ ତିନି ଓଳି ଖାଦ୍ୟ ରାନ୍ଧିବା ସବୁଠୁ କଷ୍ଟକର କାର୍ଯ୍ୟ। ତେବେ ରାତି ୪ଟାରୁ ଏହି ପରିବାରରେ ଚୁଲି ଜଳେ। ୧୩ଟି ଚୁଲାରେ ପରିବାର ଲୋକଙ୍କ ପାଇଁ ରୋଷେଇ ହୋଇଥାଏ। ପ୍ରତିଦିନ ଚାଳିଶ କେଜି ପରିବା ଓ ପଚାଶ କେଜି ଅଟା ଖାଦ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ଏହି ପରିବାରର ପ୍ରାୟ ୮୦ ଟି ବାଇକ୍ ରହିଛି। ଏହି ପରିବାରର ବାର୍ଷିକ ରୋଜଗାର ପ୍ରାୟ ୨ କୋଟି ଟଙ୍କା ଅଟେ।

# 'ଚିତ୍ରକଳାକୁ ପେସା କରିହେବ'



**ତାଙ୍କ ହାତ ସ୍ପର୍ଶରେ ଚିତ୍ର ଜୀବନ୍ତ ହେଉଛି। କାଗଜ ଉପରେ ପେନ୍‌ସିଲ୍ ମୁନରେ ସେ ଆଙ୍କି ଦିଅନ୍ତି କୌଣସି ବ୍ୟକ୍ତିର ଅବିକଳ ଚିତ୍ର। ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ପରିସରରେ ସେ କେତେବେଳେ ପର୍ଯ୍ୟଟକଙ୍କ ଅବିକଳ ଚିତ୍ର ଆଙ୍କନ୍ତି ତ ଆଉ କେବେ କଳା ଓ ସଂସ୍କୃତିକୁ ନେଇ ପ୍ରସ୍ଫୁଟିତ କରିଥାନ୍ତି ଆକର୍ଷଣୀୟ ଚିତ୍ର। ବିନା ଗୁରୁରେ ଉସ୍ତାଦ ଏହି ଯୁବ ଚିତ୍ରକର ଜଣକ ହେଉଛନ୍ତି ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ସିଦ୍ଧାନ୍ତ ଘଡେଇ। ପେନ୍‌ସିଲ୍‌ରୁ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିବା ସିଦ୍ଧାର୍ଥଙ୍କ ସହିତ ସ୍ୱତନ୍ତ୍ର ଆଳାପ।**

### ଚିତ୍ର ଆଙ୍କିବା ପାଇଁ କେବେଠୁ ମନ ବଳାଇଲେ?

- ଘରର ଆର୍ଥିକ ସମସ୍ୟାକୁ ସୁଧାରିବା ପାଇଁ ଯୁକ୍ତଦୁଇ ପଢ଼ା ପରେ ଚାକିରି କରିଥିଲି। ନିଜସ୍ୱ ଉଦ୍ୟମରେ କିଛି କରିବାକୁ ଇଚ୍ଛା ଥିବାରୁ ବିଶାଖାପଟ୍ଟନମ୍‌ର କୈଳାସଗିରି ମନ୍ଦିର ବୁଲିବା ସମୟରେ ଜଣେ ବ୍ୟକ୍ତି ମନ୍ଦିର ପାଖରେ ଚିତ୍ର ଆଙ୍କୁଥିବାର ଦେଖିଥିଲି। ତାଙ୍କ ଚିତ୍ର ଅଙ୍କା ମୋତେ ଅନୁପ୍ରାଣିତ କରିଥିଲା। ସେବେଠୁ ନିଜ ଭିଟାମାଟିକୁ ଫେରି ସେହି ସମାନ ଢଙ୍ଗରେ କୋଣାର୍କରେ ମୁଁ ଚିତ୍ର ଆଙ୍କିବା ଆରମ୍ଭ କଲି। ଏହି ଚିତ୍ରଅଙ୍କା ପ୍ରବୃତ୍ତି ହିଁ ମୋତେ ବଞ୍ଚିବାକୁ ନୂଆ ଆଶା ଦେଇଛି।

### ବିନା ତାଲିମରେ କେମିତି ଅବିକଳ ଚିତ୍ର ଆଙ୍କନ୍ତି?

- ହାତରେ ପେନ୍‌ସିଲ ପଡ଼ିଗଲେ, ଯେକୌଣସି ବ୍ୟକ୍ତିଙ୍କର ସ୍କେଚ୍ କରିଦିଏ। ତାହାକୁ ଲୋକଙ୍କୁ ଉପହାର ଭାବେ ଦେଇଥାଏ। ତେବେ ସେମାନଙ୍କ ମୁହଁର ହସ ହିଁ ମୋ ପରିଶ୍ରମର ଫଳ। ମୁଁ କୌଣସି ବିଧିବଦ୍ଧ ତାଲିମ ନେଇ ନାହିଁ। ଛୋଟବେଳୁ ଚିତ୍ର ଆଙ୍କିବା ମୋର ଦୁର୍ବଳତା ଥିବାରୁ ନିଜସ୍ୱ ଉଦ୍ୟମରେ କିଛି କରିବାର ଆଶା ନେଇ ଏ କ୍ଷେତ୍ରରେ ଆଗକୁ ବଢ଼ିଥିଲି।

### କୋଣାର୍କକୁ କାହିଁକି ବାଛିଲେ?

- କୋଣାର୍କ ମନ୍ଦିରକୁ ନିୟମିତ ବିଶ୍ୱର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସିଥାନ୍ତି। ମଣିଷର ଚିତ୍ର ଆଙ୍କିବାକୁ ଭଲ ଲାଗୁଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଚିତ୍ର ଆଙ୍କିଥାଏ।

### ଚିତ୍ରକଳାରୁ ରୋଜଗାରକ୍ଷମ ହୋଇପାରିଛନ୍ତି କି?

- ପେନ୍‌ସିଲ ଆଉ ସାଧା କାଗଜ ହିଁ ମୋର ପରିଚୟ। ସେଥିରୁ ପରିଚୟ ଗଢ଼ିଛି ଆଉ ଲୋକଙ୍କର ପ୍ରଶଂସା ମିଳିଛି। ତେଣୁ କୋଣାର୍କରେ ଚିତ୍ର କରି ମୁଁ ଦିନକୁ ପ୍ରାୟ ୫୦୦ ରୁ ହଜାରେ ଟଙ୍କା ରୋଜଗାର କରିଥାଏ। ଆଉ ମାସକୁ ପ୍ରାୟ ୨୦ ରୁ ୨୫ ହଜାର ଟଙ୍କା ହୋଇଯାଏ। ନିଜ ପରିଶ୍ରମର ପାଉଣା ମିଳିଲେ ଭାରି ଖୁସି ଲାଗେ। ଆଜିକାଲି ଯୁବକଯୁବତୀ ମୋବାଇଲରେ ବ୍ୟସ୍ତ ରହି ସମୟ ଅପଚୟ କରୁଥିବାବେଳେ ମୋ ମତରେ ଏମିତି ନିଜ ପ୍ରତିଭାକୁ ଚିହ୍ନି ସେଥିରେ ଆଗକୁ ବଢ଼ିଲେ ରୋଜଗାରର ସୁଯୋଗ ମିଳିପାରିବ।

### ଭବିଷ୍ୟତରେ ସିଦ୍ଧାନ୍ତ ନିଜକୁ କେଉଁ ସ୍ଥାନରେ ଦେଖିବାକୁ ଚାହିଁବେ?

- ବି.କେ. ଆର୍ଟ କଲେଜରେ ପଢ଼ିବାର ଯୋଜନା ରଖିଛି। ଚିତ୍ର ଆଙ୍କି ଭବିଷ୍ୟତରେ ନିଜକୁ ଆହୁରି ଶାଣିତ କରିବାକୁ ଚେଷ୍ଟା କରିବା ସହ ଚିତ୍ର ମାଧ୍ୟମରେ ଲୋକଙ୍କୁ ସର୍ବଦା ଖୁସି କରିବାକୁ ଚାହିଁବି।

### କେବଳ ସ୍କେଚ୍ କରନ୍ତି ନା ଅନ୍ୟ ପ୍ରକାର ବି ଚିତ୍ର ଆଙ୍କିଥାନ୍ତି?

- ସ୍କେଚ୍ କରିବା ସହ ମନ୍ଦିର କାନ୍ଥରେ ବି ଚିତ୍ର ଆଙ୍କି ମୁଁ ରୋଜଗାର କରେ। କିନ୍ତୁ ସ୍କେଚ୍ ମୋର ବେଶୀ ପ୍ରିୟ। ଆଜି ପର୍ଯ୍ୟନ୍ତ ମୁଁ ୧୦ ହଜାରରୁ ଅଧିକ ଚିତ୍ର ଆଙ୍କି ସାରିଛି। ବହୁ ପ୍ରମାଣ ପତ୍ର ସହ ପ୍ରଶଂସା ମଧ୍ୟ ପାଇଛି। ଲୋକେ ମତେ ସେମାନଙ୍କ ଫଟୋ ଚିତ୍ର କରିବା ପାଇଁ ଅର୍ଡର ମଧ୍ୟ ଦେଇଥାନ୍ତି ଫୋନ ମାଧ୍ୟମରେ।

### ନୂଆ ଚିତ୍ରକରମାନଙ୍କ ପାଇଁ କ'ଣ କହିବେ?

- ଗୋଟିଏ ରାତିରେ କିଏ ବି କୌଣସି କ୍ଷେତ୍ରରେ ସଫଳ ହୁଏ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ କାମ ଆରମ୍ଭ କଲେ ହାର ଜିତ୍ ଲାଗି ରହିଥାଏ। ଏହାକୁ ଦୃଷ୍ଟି ଦେଲେ, କେବେ କେବେ ମୋ ଦ୍ୱାରା ଅଙ୍କାଯାଉଥିବା ଚିତ୍ର ବି ଖରାପ ହୋଇଛି; ଆଉ ଲୋକେ ମଧ୍ୟ ମନ ଊଣା କରିଛନ୍ତି। ବିଚଳିତ ନ ହୋଇ କେମିତି ସୁନ୍ଦର ଚିତ୍ର କରିବି ସେ କଥା ଭାବେ। ତେଣୁ ଯୁବ ଚିତ୍ରକରଙ୍କୁ କହିବି, ପ୍ରତିଦିନ ଚିତ୍ର ଆଙ୍କିବା ଅଭ୍ୟାସ ରଖନ୍ତୁ। ଧୈର୍ଯ୍ୟ ଆଉ ସାଧନା ହିଁ ସଫଳତାର ଶୀର୍ଷକୁ ନେଇପାରିବ। ତେଣୁ ଯେକୌଣସି ପରିସ୍ଥିତିରେ ନିଜକୁ କେବେ ବି ହାରିବାକୁ ଦିଅନ୍ତୁନି।

## ସମ୍ଭାବନା



ବୃତ୍ତିଗତ ଶିକ୍ଷା

# ବିଜ୍‌ନେସ୍ ଆନାଲିଷ୍ଟ




**ଆଜିକାଲି କମ୍ପାନିଗୁଡ଼ିକ ଏଭଳି ଜଣେ ବ୍ୟକ୍ତିର ସନ୍ଧାନରେ ଥାଆନ୍ତି, ଯାହାଙ୍କର ଅର୍ଥନୀତି କ୍ଷେତ୍ରରେ ରୁଚି ରହିଥିବ ଏହାବାଦ୍ କମ୍ପାନିର ବ୍ୟବସାୟିକ ଦିଗଟିକୁ ଭଲଭାବେ ସେ ପରିଚାଳନା କରିପାରୁଥିବେ। ଏଭଳି କ୍ଷେତ୍ରରେ କମ୍ପାନିମାନେ ବିଜ୍‌ନେସ୍ ଆନାଲିଷ୍ଟ ବା ବାଣିଜ୍ୟ ବିଶ୍ଳେଷକଙ୍କ ସାହାଯ୍ୟ ନେଇଥାନ୍ତି। ଏହି ବୃତ୍ତିରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କର ଗଣିତ ଜ୍ଞାନ ଥିବା ସହ ନୂତନ କୌଶଳ ଶିଖିବା ପାଇଁ ଆଗ୍ରହ ଥିବା ଆବଶ୍ୟକ। ଡାଟା ମାଧ୍ୟମରେ କମ୍ପାନିର ବାଣିଜ୍ୟ ସହ ଜଡ଼ିତ ପ୍ରତିଟି ନୀତି ଉପରେ କାର୍ଯ୍ୟ କରନ୍ତି ବିଜ୍‌ନେସ୍ ଆନାଲିଷ୍ଟ। ତେବେ ନିଜର ଦକ୍ଷତା ବିକାଶ ସହ ଭଲ ଚାକିରି ପାଇଁ ଏବେ ଯୁବକଯୁବତୀମାନେ ଏହାକୁ କ୍ୟାରିୟର୍ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଭାରତ ସମେତ ବିଦେଶରେ ମଧ୍ୟ ଏହି କ୍ଷେତ୍ରରେ କ୍ୟାରିୟର୍ କରିବା ପାଇଁ ବହୁତ ସୁବିଧା ସୁଯୋଗ ଅଛି। ଯୁବପିଢ଼ିଙ୍କ ପାଇଁ ବିଜନେସ୍ ଆନାଲିଷ୍ଟ ଭଳି ବୃତ୍ତିଗତ ଶିକ୍ଷାରେ କ'ଣ ସୁଯୋଗ ଓ ସମ୍ଭାବନା ରହିଛି, ଆସନ୍ତୁ ଜାଣିବା।**

### କାର୍ଯ୍ୟ କ'ଣ

ଡାଟା ବିଶ୍ଳେଷଣ ମାଧ୍ୟମରେ ଜଣେ ବିଜନେସ୍ ଆନାଲିଷ୍ଟ ବାଣିଜ୍ୟ ପଦ୍ଧତି, ସେବା, ଦ୍ରବ୍ୟ ତଥା ସଫ୍ଟୱେର ସମ୍ବନ୍ଧିତ ବିଭିନ୍ନ ବିଷୟରେ କମ୍ପାନିକୁ ପରାମର୍ଶ ତଥା ମାର୍ଗଦର୍ଶନ କରିଥାନ୍ତି। ତା'ସହ କମ୍ପାନିର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସହାୟତା ପ୍ରଦାନ କରନ୍ତି। ଲଜିକାଲ ରିଜନିଂ ଓ ତଥ୍ୟର ସଠିକ ଆକଳନ ମାଧ୍ୟମରେ ସେମାନେ ବିଜନେସ୍ ଆନାଲିସିସ୍, ଫୋରକାଷ୍ଟିଂ, ବଜେଟିଂ, ପ୍ରାଇଜିଂ, ପ୍ଲାନିଂ ଓ ମନିଟରିଂ ଭଳି ସେବା ମଧ୍ୟ ପ୍ରଦାନ କରନ୍ତି।

### ଆବଶ୍ୟକ ଜ୍ଞାନକୌଶଳ

ଏକ୍ଷେତ୍ରରେ କ୍ୟାରିୟର କରିବା ପାଇଁ କମ୍ପ୍ୟୁଟର୍ ସମ୍ପର୍କରେ ଜ୍ଞାନ ରହିବା ଆବଶ୍ୟକ। ତା'ସହ ବାଣିଜ୍ୟ ଉପରେ ରୁଚି ରହିବା ସହ ସମସ୍ୟାକୁ ସରଳ ଭାବରେ ସମାଧାନ କରିବାର କଳା କୌଶଳ ଜାଣିଥିଲେ, ଏଥିରେ କ୍ୟାରିୟର କରିବା ସୁବିଧା ହୋଇଥାଏ। ଏହାବାଦ୍ ଜଣଙ୍କ ପାଖରେ ଯୋଗାଯୋଗର କଳା ମଧ୍ୟ ଥିବା ନିହାତି ଦରକାର।

### ଶିକ୍ଷାଗତ ଯୋଗ୍ୟତା

ବିଜନେସ୍ ଆନାଲିଷ୍ଟ ପାଇଁ ଯୁକ୍ତଦୁଇରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ରଖି ଉତ୍ତୀର୍ଣ୍ଣ ହୋଇଥିବେ। ତା'ପରେ ବି.ଟେକ୍ ଓ ବି.ଇ କୋର୍ସ ବି କରିପାରିବେ। ଏହାସହ ଏମ୍‌ବିଏ ଇନ୍ ବିଜନେସ୍ ଆନାଲେଟିକ୍ସ କୋର୍ସରେ ନାମ ଲେଖାଇ ପାରିବେ।

### ନିଯୁକ୍ତି ସୁଯୋଗ

ବିଭିନ୍ନ ଉଦ୍ୟୋଗ ବ୍ୟବସାୟ ବିଶ୍ଳେଷକଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ। ଅଧିକାଂଶ ନିଯୁକ୍ତି, ସୂଚନା ପ୍ରଯୁକ୍ତି ଓ ପରିଚାଳନା ସଂସ୍ଥା ସହ ଜଡ଼ିତ। ବହୁ ସଂସ୍ଥାରେ ଲେଖାଙ୍କନ, ନିବେଶ ବ୍ୟାଙ୍କିଙ୍ଗ, ଅର୍ଥ ଓ ବଜାର ଅନୁସନ୍ଧାନରେ ମଧ୍ୟ ଏମାନଙ୍କ ଆବଶ୍ୟକତା ଥାଏ। ଏମ.ବିଏ ପଢୁଥିବା ସମୟରେ ବି ଛାତ୍ରଛାତ୍ରୀ ଆଇଟି କ୍ଷେତ୍ରରେ ଚାକିରି କରି ଆତ୍ମନିର୍ଭରଶୀଳ ହୋଇପାରିବେ।

### ରୋଜଗାର

କ୍ୟାରିୟର ଆରମ୍ଭରେ ବର୍ଷକୁ ୪ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିଥାଏ। ଆଇଆଇଏମ୍ ଭଳି ପ୍ରତିଷ୍ଠିତ ସଂସ୍ଥାରୁ ପାଠ ପଢିଥିବା ଛାତ୍ରଛାତ୍ରୀଙ୍କ ବାର୍ଷିକ ପ୍ୟାକେଜ୍ ଥାଏ ପ୍ରାୟ ୬ ରୁ ୧୦ ଲକ୍ଷ। ଚାକିରିରେ ଦୁଇରୁ ତିନି ବର୍ଷର ଅଭିଜ୍ଞତା ପରେ ଜଣେ ଏଥିରେ ମାସିକ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବ।

### ପ୍ରମୁଖ ସଂସ୍ଥାନ

- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ବେଙ୍ଗାଲୁରୁ, କର୍ଣ୍ଣାଟକ
- ଏନ୍‌ଆଇଟି ତ୍ରିଚି, ଥିରୁଚିରାପଲ୍ଲୀ, ତାମିଲନାଡୁ
- ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଅହମଦାବାଦ

# ହ୍ୱାଟସ୍‌ଆପ୍‌ର ନୂଆ ଫିଚର୍

## ଷ୍ଟାଟସ୍ ଅପ୍‌ଡେଟ୍ ଟ୍ରେ

ହ୍ୱାଟସ୍‌ଆପ୍ ଇଣ୍ଟରଫେସ୍‌ରେ ପୁଣି ଥରେ ପରିବର୍ତ୍ତନ ଆଣିଛି। ଏହି ପରିବର୍ତ୍ତନରେ କମ୍ପାନି ଅପଡେଟ୍ ଟ୍ୟାବ୍‌ରେ ନୂଆ ଷ୍ଟାଟସ୍ ଅପଡେଟ୍ ଟ୍ରେକୁ ଯୋଡ଼ିଛି। ଏହି ଫିଚର୍ ୟୁଜର୍ସ ବା ବ୍ୟବହାରକାରୀଙ୍କୁ ପୂର୍ବରୁ ସେୟାର କରାଯାଇଥିବା ଷ୍ଟାଟସ୍ ଅପ୍‌ଡେଟ୍‌କୁ ପୁନଃ ଦେଖିବାର ଅନୁମତି ପ୍ରଦାନ କରିବ। କମ୍ପାନି ପ୍ରାଥମିକ ପର୍ଯ୍ୟାୟରେ ଏହା ଉପରେ କାମ ଆରମ୍ଭ କରିସାରିଛି। ନିକଟ ଭବିଷ୍ୟତରେ ସମସ୍ତ ଆଣ୍ଡ୍ରଏଡ ୟୁଜର୍ସଙ୍କ ପାଇଁ ଏହାକୁ କମ୍ପାନି ତରଫରୁ ଜାରି କରାଯିବ।




### କେମିତି ରହିବ ନୂଆ ଫିଚର୍

ଏହି ଇଣ୍ଟରଫେସ୍ ଷ୍ଟାଟସ୍ ଅପଡେଟ୍ ଟ୍ରେ, ଅପଡେଟ୍ ଟ୍ୟାବ୍‌ରେ ବର୍ତ୍ତମାନ ଭଳି ଉପରେ ହିଁ ରହିବ। ମାତ୍ର ଏହା ଫେସବୁକ୍‌ରେ ମିଳୁଥିବା ଷ୍ଟାଟସ୍ ଅପଡେଟ୍ ଟ୍ରେ ଭଳି ଦେଖାଯିବ। ବ୍ୟବହାରକାରୀ ଏହାରି ମାଧ୍ୟମରେ ଇଣ୍ଟରଫେସ୍ ସହିତ ଅଧିକ ଭଲଭାବରେ କୈଣସି କଣ୍ଟେଣ୍ଟ ବା ବିଷୟ ସହ ଷ୍ଟାଟସ୍‌କୁ ଦେଖିପାରିବେ। ତା'ସହ ଥମ୍ବ ନେଲ୍ କାରଣରୁ ସବୁ ଷ୍ଟାଟସ୍‌କୁ ଟ୍ୟାପ୍ କରି ଖୋଲିବାକୁ ମଧ୍ୟ ପଡ଼ିବନି। କମ୍ପାନି ୟୁଜର୍ସଙ୍କ ଅନୁଭବକୁ ଆହୁରି ସୁବିଧାଜନକ କରିବା ପାଇଁ ଥମ୍ବ ଫିଚର୍ ଉପରେ ମଧ୍ୟ କାମ ଜାରି ରଖିଛି। ହ୍ୱାଟସ୍‌ଆପ୍ ନିଜର ୱେବ୍ ୟୁଜର୍ସଙ୍କ ପାଇଁ ୟୁଜର୍‌ନେମ୍ ଫିଚର୍ ମଧ୍ୟ ନେଇକି ଆସିବ। ଏହାକୁ ରୋଲ ଆଉଟ୍ କରିବା ପରେ ଅଧିକ କଣ୍ଟେଣ୍ଟ ରଖୁଥିବା ବ୍ୟବହାରକାରୀଙ୍କୁ ହ୍ୱାଟସ୍‌ଆପ୍‌ରେ କିଛି କଣ୍ଟେଣ୍ଟକୁ ଆଉ ସର୍ଚ୍ଚ କରିବାକୁ ପଡିବ ନାହିଁ। ଏହା ଏକ୍ସ (ଟ୍ୱିଟର), ଫେସବୁକ ଓ ଇନଷ୍ଟାଗ୍ରାମ୍ ଭଳି ପ୍ଲାଟ୍‌ଫର୍ମରେ ଥିବା ୟୁଜର୍‌ନେମ୍ ଫିଚର୍ ସଦୃଶ କାର୍ଯ୍ୟ କରିବ।

ଭାରତ- ଇଂଲଣ୍ଡ ପଞ୍ଚମ ମୁକାବିଲା ଗୁରୁବାର

# ଧର୍ମଶାଳା ଟେଷ୍ଟ ଲାଗି ଜୋରଦାର ଅଭ୍ୟାସ

ଧର୍ମଶାଳା (ହିମାଚଳ ପ୍ରଦେଶ), ୫।୩(ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ଗୁରୁବାରଠାରୁ ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଆରମ୍ଭ ହେବ। ଏଠାରେ ବର୍ଷା ଓ କୋହଲା ପାଗ ଖେଳାଳିମାନଙ୍କୁ ସ୍ୱାଗତ କରିଛି। ଉଭୟ ଦଳ ଭଲ ବିଶ୍ରାମ ନେବା ପରେ ଏଠାରେ ରବିବାର ପହଞ୍ଚିଥିଲେ। କିନ୍ତୁ କୌଣସି ଖେଳାଳି ଷ୍ଟାଡିୟମକୁ ଯାଇ ନଥିଲେ। ଇଂଲଣ୍ଡର ଖେଳାଳିମାନେ ଚଣ୍ଡିଗଡରେ ଗଲ୍ଫ ଖେଳି ବିଶ୍ରାମ ନେବା ପରେ ଏଠାରେ ରବିବାର ପହଞ୍ଚିଥିଲେ। କିନ୍ତୁ ସୋମବାର ଅଭ୍ୟାସ କରିବା ପରିବର୍ତ୍ତେ ହୋଟେଲରେ ବିଶ୍ରାମ ନେଇଥିଲେ। ଭାରତୀୟ ଖେଳାଳିମାନେ ମଧ୍ୟ ରବିବାର ପହଞ୍ଚିଥିଲେ। କିନ୍ତୁ ଏମାନେ ସୋମବାର ପଡ଼ିଆକୁ ନ ଯାଇ ଟି-୨୦ ବିଶ୍ୱକପ୍ ଲାଗି ଫଟୋ ସୁଟ କରିଥିଲେ। ଟେଷ୍ଟ ଦଳରେ ସ୍ଥାନ ପାଇ ନ ଥିବା ଟି-୨୦ ବିଶେଷଜ୍ଞ ଖେଳାଳି ରିଙ୍କୁ ସିଂଙ୍କୁ ଏଠାରେ ଦେଖିବାକୁ ମିଳିଥିଲା। ଏଣୁ ଦୁଇ ଦଳର ଖେଳାଳି ପଡ଼ିଆ ବାହାରର କାମ ସାରିବା ପରେ ମଙ୍ଗଳବାର ଷ୍ଟାଡିୟମ୍‌କୁ ଯାଇ ଜୋରଦାର ଅଭ୍ୟାସ କରିଛନ୍ତି। ପ୍ରଥମେ ଭାରତୀୟ ଦଳର ଖେଳାଳିମାନେ ଅଭ୍ୟାସ କରିବା ପରେ ଇଂଲଣ୍ଡର ଖେଳାଳିମାନେ ଆସିଥିଲେ। ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାରୁ ଭାରତୀୟ ଖେଳାଳି ଏଥିରେ ପ୍ରଭାବିତ ହେବେ ବୋଲି ଆଶା କରାଯାଉଛି।



## ହେଲିକପ୍ଟରରେ ପହଞ୍ଚିଲେ ରୋହିତ

ଭାରତୀୟ ଦଳର ଖେଳାଳିମାନେ ରବିବାର ପହଞ୍ଚିଥିଲେ ମଧ୍ୟ ଅଧିନାୟକ ରୋହିତ ଶର୍ମା ଆସି ନ ଥିଲେ। ସେ ଭାରତର ଶିଳ୍ପପତି ମୁକେଶ ଆମ୍ବାନୀଙ୍କ ଦ୍ୱିତୀୟ ପୁତ୍ର ଅନନ୍ତଙ୍କ ବିବାହ ପୂର୍ବର ଉତ୍ସବରେ ଯୋଗଦେଇଥିବାରୁ ଜାମନଗରରେ ଥିଲେ। ମଙ୍ଗଳବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଧର୍ମଶାଳାରେ ପରିବାର ସହ ପହଞ୍ଚିଥିଲେ। ଏହା ପରେ ଦଳ ସହ ଅଭ୍ୟାସ କରିଥିଲେ। ରାଞ୍ଚି ଟେଷ୍ଟରେ ବିଜୟୀ ହେବା ପରେ ଭାରତୀୟ ଦଳ ୩-୧ରେ ଅଗ୍ରଣୀ ନେବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ଏଣୁ ଏଠାରେ ଦଳ ହାଲ୍‌କା ମନୋଭାବ ନେଇ ଖେଳିବ ବୋଲି ଆଶା କରାଯାଉଛି। କିନ୍ତୁ ପେସାଦାର କ୍ରିକେଟରେ ସବୁ ମ୍ୟାଚ୍‌କୁ ଗୁରୁତ୍ୱ ଦିଆଯାଇଥାଏ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ପ୍ରବେଶ କରିବା ଲାଗି ଏହି ମ୍ୟାଚ୍‌ରୁ ପୂରା ୧୨ ପଏଣ୍ଟ ପାଇବା ଲକ୍ଷ୍ୟରେ ଭାରତ ନିଶ୍ଚିତ ଖେଳିବ ବୋଲି ଆଶା କରାଯାଉଛି।

## ୧୦୦ତମ ଟେଷ୍ଟ ଖେଳିପାରନ୍ତି ଅଶ୍ୱିନ, ବେୟାରଷ୍ଟୋ

ଏହି ଟେଷ୍ଟ ମ୍ୟାଚ୍‌ରେ ଦୁଇ ଦଳର ୩ ଜଣ ଖେଳାଳିଙ୍କ ଲାଗି ବେଶ ଗୁରୁତ୍ୱ ରହିଛି। ସେମାନେ ହେଲେ ଭାରତର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଇଂଲଣ୍ଡର ବ୍ୟାଟର ଜନି ବେୟାରଷ୍ଟୋ ଓ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ। ଅଶ୍ୱିନ ଓ ବେୟାରଷ୍ଟୋ ଏଠାକୁ ଆସିବା ପୂର୍ବରୁ ୯୯ଟି ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିସାରିଛନ୍ତି। ଉଭୟଙ୍କୁ ଯଦି ଏଠାରେ ଖେଳିବାକୁ ସୁଯୋଗ ମିଳେ, ତେବେ ଏହା ହେବ ସେମାନଙ୍କ ଲାଗି ୧୦୦ତମ ଟେଷ୍ଟ। ଉଭୟ ଖେଳାଳିଙ୍କ ଜୀବନରେ ଏହା ଏକ ମାଇଲଖୁଣ୍ଟ ହୋଇ ରହିବ। ସେହିପରି ଆଣ୍ଡରସନ ଏହି ଟେଷ୍ଟ ପୂର୍ବରୁ ୧୮୬ଟି ମ୍ୟାଚ୍ ଖେଳି ୬୯୮ଟି ୱିକେଟ ନେଇସାରିଛନ୍ତି। ଏଠାରେ ଯଦି ଆଣ୍ଡରସନଙ୍କୁ ଖେଳିବା ସୁଯୋଗ ମିଳେ ଓ ସେ ୨ଜଣ ଖେଳାଳିଙ୍କୁ ଆଉଟ କରିବାରେ ସକ୍ଷମ ହୁଅନ୍ତି, ତେବେ ବିଶ୍ୱର ତୃତୀୟ ଖେଳାଳିଭାବେ ବିଶ୍ୱ କ୍ରିକେଟରେ ୭୦୦ ୱିକେଟ ନେବାର ରେକର୍ଡ କରିବେ। ତାଙ୍କ ପୂର୍ବରୁ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଅଷ୍ଟ୍ରେଲିଆର ସେନ୍ ୱର୍ଣ୍ଣ ଏହି ସଫଳତାର ଅଧିକାରୀ ହୋଇଛନ୍ତି।

## ଆଉ ଏକ ମନ୍ଥର ପିଚ୍‌ରେ ମୁକାବିଲା

ଧର୍ମଶାଳା ୱିକେଟ ପାରମ୍ପରିକ ଭାବେ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। କିନ୍ତୁ ଏଠାରେ ସ୍ପିନରମାନେ ମଧ୍ୟ ସଫଳ ହେବାର ନଜିର ରହିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଖେଳାଯିବାକୁ ଥିବା ପଞ୍ଚମ ଟେଷ୍ଟରେ ଆଉ ଏକ ମନ୍ଥର ପିଚ୍‌ରେ ମ୍ୟାଚ୍ ଖେଳାଯିବ। ଘରୋଇ ମାଟିରେ ଭାରତର ଶକ୍ତି ହେଉଛି ମନ୍ଥର ପିଚ୍। ହାଇଦରାବାଦ୍‌ରେ ପ୍ରଥମ ଟେଷ୍ଟ ହାରିବା ପରେ ଭାରତ ଏହି ନୀତି ଗ୍ରହଣ କରି କ୍ରମାଗତ ୩ଟି ଟେଷ୍ଟରେ ବିଜୟୀ ହୋଇଛି। ଏବେ ମଧ୍ୟ ସମାନ ନୀତି ଗ୍ରହଣ କରି ଧର୍ମଶାଳାରେ ଟେଷ୍ଟ ବିଜୟୀ ହେବ ବୋଲି ଆଶା ରଖିଛି। ଏହି ଟେଷ୍ଟର ପ୍ରଥମ ଦିନ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳ ଥଣ୍ଡା ବା ୫ ଡିଗ୍ରି ସେଲସିୟସ ତାପମାତ୍ରାରେ ଏହି ମ୍ୟାଚ୍ ଖେଳାଯିବ। ଇଂଲଣ୍ଡକୁ ପିଚ୍ ସୁହାଉ ନ ଥିଲେ ମଧ୍ୟ ଏଠିକାର ଜଳବାୟୁ ନିଶ୍ଚିତ ସହାୟତା ଦେବ।

ଜେମିମା, ଲାନିଙ୍ଗଙ୍କ ଅର୍ଦ୍ଧଶତକ

# ଦିଲ୍ଲୀ କ୍ୟାପିଟାଲ୍ସର ୪ର୍ଥ ବିଜୟ

**ନୂଆଦିଲ୍ଲୀ, ୫।୩(ଏଜେନ୍ସି):** ଜେମିମା ରୋଡ୍ରିଗ୍ସେଜ୍ (ଅପରାଜିତ ୬୯) ଓ ମେଗ୍ ଲାନିଙ୍ଗ୍ (୫୩)ଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ଦ୍ୱାଦଶ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ୨୯ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ମ ମୁକାବିଲାରୁ ୪ର୍ଥ ବିଜୟ ସହ ଦିଲ୍ଲୀ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ପରାଜୟ ଫଳରେ ମୁମ୍ବାଇ ତୃତୀୟ ସ୍ଥାନକୁ ଖସି ଯାଇଛି। ଏହି ମ୍ୟାଚ୍‌ରେ ମାତ୍ର ୩୩ ବଲ୍‌ରୁ ୮ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ୬୯ ରନ୍ କରିଥିବା ଜେମିମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୨ ରନ୍ କରିଥିଲା। ଦଳ ପକ୍ଷରୁ ଜେମିମାଙ୍କ ବିସ୍ଫୋରକ ୬୯ ରନ୍ ବ୍ୟତୀତ ଅଧିନାୟିକା ମେଗ୍ ଲାନିଙ୍ଗ ୩୮ ବଲ୍‌ରେ ୬ ଚୌକା ଓ ୨ ଛକା ସହ ୫୩ ରନ୍ କରିଥିଲେ। କିନ୍ତୁ ପାୱାର ପ୍ଲେ'ରେ ଶେଫାଳି ବର୍ମା ୧୨ ବଲ୍‌ରେ ୨୮ ରନ୍ କରିବା ଫଳରେ ଦଳ ପ୍ରଥମ ୱିକେଟରୁ ୪.୩ ଓଭରରେ ୪୮ ରନ୍ ଉଠାଇ ଭଲ ଆରମ୍ଭ କରିଥିଲା।

ଜବାବରେ ଦିଲ୍ଲୀ ପ୍ରଦତ୍ତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ଆରମ୍ଭରୁ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପକ୍ଷରୁ ହେଲୀ ମାଥ୍ୟୁସ ୧୭ ବଲ୍‌ରେ ୨୯, ଅମନଜ୍ୟୋତ କୌର ୨୭ ବଲ୍‌ରେ ୪୨ ଓ ଶେଷ ଭାଗରେ ସଜୀବନ ସଜନା ୧୪ ବଲ୍‌ରେ ଅପରାଜିତ ୨୪ ରନ୍ କରିଥିଲେ। ତାରକା ଖେଳାଳି ହରମନପ୍ରୀତ୍ କୌର ୬, ନାଟ ସିଭର-ବ୍ରଣ୍ଟ ୫ ସ ୟସ୍ତିକା ଭାଟିଆ ୬ ରନ୍ କରି ଫେଲ ମାରିବା ଫଳରେ ଦଳ ୮ ୱିକେଟ୍‌ରେ ୧୬୩ ରନ୍ କରି ମ୍ୟାଚ୍ ହାରିଯାଇଥିଲା। ଦିଲ୍ଲୀର ଜେସ୍ ଜୋନାସେନ୍‌ଙ୍କୁ ୩ଟି ଓ ମାରିଜାନ କାପ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।



ଇଣ୍ଡିଆନ ୱେଲ୍ସ ଟେନିସ୍

## ବିଜୟରୁ ନାଗଲଙ୍କ ଅଭିଯାନ ଆରମ୍ଭ



**ଇଣ୍ଡିଆନ୍ ୱେଲ୍ସ, ୫।୩(ଏଜେନ୍ସି):** ଆମେରିକାର କାର୍ଲିଫର୍ଣ୍ଣିଆର ଇଣ୍ଡିଆନ ୱେଲ୍ସରେ ଆରମ୍ଭ ହୋଇଥିବା ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତର ୧ ନଂ ଏକକ ଖେଳାଳି ସୁମିତ ନାଗଲ ପଦାର୍ପଣ କରିଛନ୍ତି। କ୍ୱାଲିଫାୟର୍ସ ତଥା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ନାଗଲ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ନାଗଲ ପ୍ରଥମ ରାଉଣ୍ଡ ମୁକାବିଲାରେ ୬-୨, ୬-୨ ସିଧାସଳଖ ସେଟ୍‌ରେ ଆମେରିକାର ୱାଇଲ୍ଡକାର୍ଡ ଖେଳାଳି ଷ୍ଟିଫାନ ଡୋଷ୍ଟାନିକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ୨୬ ବର୍ଷୀୟ ନାଗଲ ଦକ୍ଷିଣ କୋରିଆର ହଙ୍ଗ ସେଅଙ୍ଗ- ଚାନଙ୍କୁ ଭେଟିବେ।

# ନିଖିଳ ଓପନ ସ୍ନୁକର କ୍ୱାର୍ଟରରେ ସିଦ୍ଧାର୍ଥ



**ଭୁବନେଶ୍ୱର, ୫।୩ (ସମିସ):** ବରିଷ୍ଠ ଖେଳାଳି କଟକର ସିଦ୍ଧାର୍ଥ ସେନ୍ ଏଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬ ରେଡ୍‌ବଲ ସ୍ନୁକର ଚାମ୍ପିଅନସିପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଂଶୁମାନ ଦାଶଙ୍କୁ ୪-୦ ଫ୍ରେମ୍‌ରେ ହରାଇ ସିଦ୍ଧାର୍ଥ ଶେଷ ୮ ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ମୁକାବିଲା ମଧ୍ୟରୁ ଦୁଇଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏହା ମଧ୍ୟରୁ ପୂର୍ବତନ ଜାତୀୟ ବିଲିୟାର୍ଡସ ରନର୍ସ ଅପ୍ କୁନାଲ ଅଗରୱାଲ ୪-୩ ଫ୍ରେମ୍‌ରେ ରଞ୍ଜିତ ପତିଙ୍କୁ ହରାଇବାକୁ ନାକେଦମ୍ ହୋଇଥିଲେ। ସେହିପରି ଜାତୀୟ ଚାମ୍ପିଅନ ଆଶୁତୋଷ ପାଢ଼ୀ ମଧ୍ୟ ଭେଟେରାନ ଖେଳାଳି ଜିତେନ ଷଡଙ୍ଗୀଙ୍କ ବିପକ୍ଷରେ ମ୍ୟାଚ୍ ଜିତିବାକୁ କଷ୍ଟ ସ୍ୱୀକାର କରିଥିଲେ। ଏହି ମ୍ୟାଚ୍‌କୁ ଆଶୁତୋଷ ମଧ୍ୟ ୪-୩ ଫ୍ରେମ୍‌ରେ ବିଜୟୀ ହୋଇଥିଲେ।

# ସାତ୍ତ୍ୱିକ-ଚିରାଗ, ତ୍ରିଶା-ଗାୟତ୍ରୀ, ଲକ୍ଷ୍ୟଙ୍କ ଅଗ୍ରଗତି

ଫ୍ରେଞ୍ଚ୍ ଓପନ୍ ବ୍ୟାଡମିଣ୍ଟନ

**ପ୍ୟାରିସ୍, ୫।୩(ଏଜେନ୍ସି):** ଏଠାରେ ଆରମ୍ଭ ହୋଇଥିବା ଫ୍ରେଞ୍ଚ୍ ଓପନ୍ ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏବଂ ମହିଳା ଯୋଡି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ସାତ୍ତ୍ୱିକ ଓ ଚିରାଗ ୧୨ ନଂ ଯୋଡି ମାଲେସିଆର ଓଙ୍ଗ୍ ୟେୟୁ ସିନ୍ ଓ ତେଓ ଏଇ ୟିଙ୍କୁ ୪୭ ମିନିଟ୍‌ରେ ୨୧-୧୩, ୨୪-୨୨ ଗେମ୍‌ରେ ପରାସ୍ତ କରିଛନ୍ତି। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ା କାଂସ୍ୟ ପଦକ ହାସଲ କରିଥିବା ତ୍ରିଶା ଓ ଗାୟତ୍ରୀ ମହିଳା ଯୁଗଳ ପ୍ରଥମ ରାଉଣ୍ଡରେ ୧୬-୨୧, ୨୧-୧୯, ୨୧-୧୭ରେ ନିଜ ଦେଶର ଅଶ୍ୱିନୀ ପୋନାପ୍ପା ଓ ତନିଷା କ୍ରାଷ୍ଟୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଅନ୍ୟପଟେ ପୁରୁଷ ଏକକରେ ଲକ୍ଷ୍ୟ ସେନ୍ ୧୫-୨୧, ୨୧-୧୫, ୨୧-୩ରେ ଜାପାନର କାନ୍ତା ସୁନେୟାମାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ପ୍ରିୟାଂଶୁ ରାଜାୱତ୍ ପ୍ରଥମ ରାଉଣ୍ଡରେ ଡେନମାର୍କର ଭିକ୍ଟର ଅକ୍ସେଲସେନଙ୍କଠାରୁ ୮-୨୧, ୧୫-୨୧ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

## ମ୍ୟାଚ୍ ଅବସରରେ ପାକ୍ ଜୁଡୋ ଖେଳାଳି ମୃତ

**କରାଚୀ, ୫।୩(ଏଜେନ୍ସି):** ପାକିସ୍ତାନରେ ଏକ ଜୁଡୋ ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ ଜଣେ ମହିଳା ଜୁଡୋକା ଦୁର୍ଭାଗ୍ୟଜନକ ଭାବେ ମୃତ୍ୟୁ ବରଣ କରିଛନ୍ତି। ଏହି ଘଟଣା ଖାଇବର ପଖତୁନଖ୍ୱା ପ୍ରାନ୍ତରେ ଚାଲିଥିବା ଏକ ପ୍ରତିଯୋଗିତାରେ ଘଟିଛି। ଜୁଡୋକା ଜଣକ ହେଉଛନ୍ତି ୨୦ ବର୍ଷୀୟା ଫିଜା ସେର ଅଲି। ସେ ୪୪ କେଜି ଓଜନ ବର୍ଗର ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ଅବସରରେ ମୁଣ୍ଡର ଆଘାତ ଲାଗିବା କାରଣରୁ ଟଳି ପଡିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସେ ଟ୍ରାଏଲରେ ଭାଗ ନେବାକୁ ଆସିଥିଲେ। ପେଶାୱରରୁ ଆସିଥିବା ଫିଜା ମହିଳା ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀ ବୋଲି ପାକିସ୍ତାନ ଜୁଡୋ ଫେଡେରେସନ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, କିଛି ଦିନ ତଳେ ଇସଲାମବାଦରେ ଟେବଲ ଟେନିସ ଖେଳିବା ବେଳେ ଜଣେ ଛାତ୍ରୀ ହୃଦ୍‌ଘାତ୍‌ରେ ମୃତ୍ୟୁ ବରଣ କରିଥିଲେ।

## ଶାହାବାଜ ନଦୀମଙ୍କ ଅବସର



**ନୂଆଦିଲ୍ଲୀ, ୫।୩(ଏଜେନ୍ସି):** ଝାଡଖଣ୍ଡ ବାମହାତୀ ସ୍ପିନର ଶାହାବାଜ ନଦୀମ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗତ ଦୁଇ ଦଶନ୍ଧି ଧରି ସେ କ୍ରିକେଟ ସହିତ ଜଡିତ ଥିଲେ ଓ ପ୍ରଥମ ଶ୍ରେଣୀ କ୍ରିକେଟରେ ୫୦୦ରୁ ଊର୍ଦ୍ଧ୍ୱ ୱିକେଟ ହାସଲ କରିଥିଲେ। ୨୦୦୪ରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ୩୪ ବର୍ଷୀୟ ନଦୀମ୍ ଭାରତ ପାଇଁ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳି ୩୪.୧୨ ରନହାରରେ ୮ଟି ୱିକେଟ ଅକ୍ତିଆର କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସେ ଦିଲ୍ଲୀ ଡେୟାର ଡେଭିଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ପ୍ରତିନିଧିତ୍ୱ କରି ୭୨ଟି ମ୍ୟାଚ୍ ଖେଳିଛନ୍ତି। ରଣଜୀ ଓ ବିଜୟ ହଜାରେ ଟ୍ରଫିରେ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ୨୦୧୩ରୁ ୨୦୨୦ ପର୍ଯ୍ୟନ୍ତ ସେ ଭାରତ ଏ' ପାଇଁ ବରାବର ଖେଳି ଆସିଛନ୍ତି। ଭାରତ-ଏ ପାଇଁ ସେ ୨୮.୪୬ ରନ ହାରରେ ୮୩ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ରଣଜୀ ଟ୍ରଫିରେ ୪୧୬ଟି ୱିକେଟ ନେଇଛନ୍ତି। ମୋଟ ଉପରେ ସେ ୧୪୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୨୮.୮୬ ରନ ହାରରେ ୫୪୨ଟି ୱିକେଟ ଅକ୍ତିଆର କରିଛନ୍ତି। ସେହିପରି ଲିଷ୍ଟ ଏ'ରେ ସେ ୧୭୫ ଓ ଟି-୨୦ରେ ୧୨୫ଟି ୱିକେଟ ଅକ୍ତିଆର କରିଛନ୍ତି।

# ବିଜୁ ପଟ୍ଟନାୟକ ଜୟନ୍ତୀରେ ଗଣଦୌଡ଼

ଭୁବନେଶ୍ୱର, ୫।୩ (ସମିସ)

କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଏହାକୁ କ୍ରୀଡ଼ାମନ୍ତ୍ରୀ ଶ୍ରୀ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଷ୍ଟାଡିୟମ୍ ପରିସରରେ ଥିବା କ୍ରୀଡ଼ାଛାତ୍ରାବାସ, ଦୌଡ଼କୁଦ, ଫୁଟବଲ, ହକି, ସନ୍ତରଣ, ଜିମ୍ନାଷ୍ଟିକ୍ସ ଓ ସ୍କେଟିଂ ବିଭାଗରେ ଅନ୍ତେବାସୀମାନେ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଚିତ୍ରକଳା, ଏକକ ସଙ୍ଗୀତ ଓ ରଙ୍ଗୋଲି ଆଦି ବିଭାଗରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ଶ୍ରୀ ବେହେରା ପୁରସ୍କୃତ କରିଥିଲେ।

ଏହି ଅବସରରେ ଷ୍ଟାଡିୟମ୍‌ରେ ଦୁଇଟି ନୂଆ ବିଭାଗ ଆରମ୍ଭ ହୋଇଛି। ଏଠାରେ ଯୋଗ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ସେହିପରି ଏକ ଏଟିଏମ୍ ମଧ୍ୟ ଉଦଘାଟିତ ହୋଇଛି। ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହକି ପ୍ରମୋସନ କାଉନ୍ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଦିଲୀପ କୁମାର ଜେନା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ, ଶୈଳେନ୍ଦ୍ର କୁମାର ଜେନା ଓ ରଞ୍ଜିତ ପରିଡ଼ା ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଧିକାରୀ ନିବେଦିତା ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।





**ବିବାହ ବନ୍ଧନରେ ରାଜେଶ ଧୂପର:** ଜଗତପୁରର ସ୍ୱାତୀ ମହାନ୍ତିଙ୍କୁ ଓଡ଼ିଶା କ୍ରିକେଟ ଦଳର ୱିକେଟ୍ ରକ୍ଷକ ବ୍ୟାଟର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ରଣଜୀ ଟ୍ରଫି ପ୍ରଥମ ସେମିଫାଇନାଲ

# ବିଜୟଠାରୁ ୯୩ ରନ ଦୂରରେ ମଧ୍ୟପ୍ରଦେଶ

ନାଗପୁର, ୫।୩(ଏଜେନ୍ସି)

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ବିଦର୍ଭ ଓ ମଧ୍ୟପ୍ରଦେଶ ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି ପ୍ରଥମ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକ ମୋଡରେ ପହଞ୍ଚିଛି। ଟସ୍ ଜିତି ବିଦର୍ଭ ପ୍ରଥମ ପାଳିରେ ୫୬.୪ ଓଭରରେ ୧୭୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ମଧ୍ୟପ୍ରଦେଶ ୯୪.୩ ଓଭରରେ ୨୫୨ ରନକରି ଅଲ୍‌ଆଉଟ ହେବା ସହ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳିରେ ପ୍ରତ୍ୟାବର୍ତ୍ତନ କରି ବିଦର୍ଭ ଦମ୍‌ଦାର ପ୍ରଦର୍ଶନ କରି ମଙ୍ଗଳବାର ଚତୁର୍ଥ ଦିବସରେ ୧୦୧.୩ ଓଭରରେ ୪୦୨ ରନକରି ଆଉଟ ହୋଇଛି। ଫଳରେ ମଧ୍ୟପ୍ରଦେଶ ସମ୍ମୁଖରେ ୩୨୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

## ଦୁବେ ଶତକରୁ ବଞ୍ଚିତ, ହର୍ଷଙ୍କ ଅର୍ଦ୍ଧଶତକ

ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ମଧ୍ୟପ୍ରଦେଶ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୭୧ ଓଭରରେ ୬ ୱିକେଟ ହରାଇ ୨୨୮ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ୪ ୱିକେଟ ବାକି ରଖି ମଧ୍ୟପ୍ରଦେଶ ବିଜୟ ପାଇଁ ଆଉ ୯୩ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ସାରାଂଶ ଜୈନ ୧୬ ଓ କୁମାର କାର୍ତ୍ତିକେୟ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦଳ ତରଫରୁ ଓପନର ୟଶ ଦୁବେ ୯୪ ରନର ଲଢୁଆ ପାଳି ଖେଳିଥିଲେ ମଧ୍ୟ ୬ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେହିପରି ହର୍ଷ ଗୱାଲି ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ପ୍ରଥମ ପାଳିରେ ୧୨୬ ରନର ଶତକୀୟ ପାଳି ଖେଳିଥିବା ହିମାଂଶୁ ମନ୍ତ୍ରୀ ୮, ସାଗର ସୋଲାଙ୍କି ୧୨, ଅଧିନାୟକ ଶୁଭମ ଶର୍ମା ୬, ତାରକା ବ୍ୟାଟର ଭେଙ୍କଟେଶ ଆୟାର ୧୯ ରନକରି ଆଉଟ ହୋଇଥିଲେ। ବୋଲିଂରେ ବିଦର୍ଭ ତରଫରୁ ଅକ୍ଷୟ ୱାଖରେ ୩, ଅଦିତ୍ୟ ସରୱାତେ ୨ ଓ ୟଶ ଠାକୁର ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।



ୟଶ ରାଠୋର

## ଅନୁଭବଙ୍କୁ ୫ ୱିକେଟ; ୟଶ ରାଠୋରଙ୍କ ଲଢୁଆ ଶତକ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୩୪୩/୬ରୁ ଖେଳ ଆରମ୍ଭ କରି ବିଦର୍ଭ ମଙ୍ଗଳବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟର ୟଶ ରାଠୋର ୯୭ରୁ ଖେଳ ଆରମ୍ଭ କରି ୧୪୧ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ସେହିପରି ୧୪ରୁ ଖେଳ ଆରମ୍ଭ କରି ଆଦିତ୍ୟ ସରୱାତ ୨୧ ରନକରି ଆଉଟ ହୋଇଥିଲେ। ଉମେଶ ଯାଦବ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବା ବେଳେ ଆଦିତ୍ୟ ଠାକରେ ୧ ରନକରି ଅପରାଜିତ ରହିଥିଲେ। ପୂର୍ବରୁ ଅମନ ମୋଖାଡେ ୫୯ ଓ ଅଧିନାୟକ ଅକ୍ଷୟ ୱାଦେକର ୭୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଧ୍ରୁବ ଶୋରେ ୪୦, ଅଭିଜ୍ଞ ବ୍ୟାଟର କରୁନ ନାୟର ୩୮ ରନକରି ଆଉଟ ହୋଇଥିଲେ। ବୋଲିଂରେ ମଧ୍ୟପ୍ରଦେଶ ତରଫରୁ ଅନୁଭବ ଅଗ୍ରୱାଲ ସର୍ବାଧିକ ୫, କୁଲବନ୍ତ ଖେଜ୍ରୋଲିୟା ଓ କୁମାର କାର୍ତ୍ତିକେୟ ଦୁଇଟି ଲେଖାଏ ଏବଂ ଆୱେସ ଖାନ୍ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ସୋମବାର ମୁମ୍ବାଇ ଦ୍ୱିତୀୟ ସେମିରେ ଗୋଟିଏ ପାଳି ଓ ୭୦ ରନରେ ତାମିଲନାଡୁକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇ ଶାର୍ଦ୍ଦୁଳ ଠାକୁରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA